ସ୍ୱରସ୍ପର୍ଶ

କିଶୋର ଚନ୍ଦ୍ର ମେହେର

ସଂପାଦନା

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

Digitized by srujanika@gmail.com

ସ୍ୱରସ୍ୱର୍ଣ

କିଶୋର ଚନ୍ଦ୍ର ମେହେର

ସଂପାଦନା

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ପ୍ରାକ୍ତନ ବିଭାଗ-ମୁଖ୍ୟ

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

[ଓଡ଼ିଆ, ଇଂରାଜୀ, ଉର୍ଦ୍ଦୁ]

ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର

Digitized by srujanika@gmail.com

ସ୍ୱରସ୍ପର୍ଶ

- ଲେଖକ : କିଶୋର ଚନ୍ଦ୍ର ମେହେର
- ସଂପାଦନା : ପ୍ରଫେସର ମଣୀନ୍ଦ୍ର କୁମାର ମେହେର
- ପ୍ରକାଶକ: ସ୍ୱୟଂସିଦ୍ଧା ଫାଉଣ୍ଡେସନ୍
  ପ୍ଲଟ୍ ନଂ-୨୮୬,ସେକ୍ଟର-୫
  ନୀଳାଦ୍ରି ବିହାର,ଭୁବନେଶ୍ୱର-୨୧
- ପ୍ରଚ୍ଛଦ ଶିଳ୍ପୀ: ମିଟୁ
- ମୁଦ୍ରଣ: ୟୁ.ଏନ୍. ଗ୍ରାଫିକ୍ସ, ଭୁବନେଶ୍ୱର
- ପ୍ରଥମ ସଂସ୍କରଣ: ୨୦୨୪
- ମୂଲ୍ୟ: ୧୨୦ ଟଙ୍କା

SWARA SPARSHA

- *Written by* Kishor Chandra Meher
- *Edited by* Manindra Kumar Meher
- *Published by* Swayamsiddha Foundation
  Niladri Vihar, Bhubaneswar-21
- **Cover :** Mitu
- **Printer :** U.N. Graphics, Bhubaneswar
- **1st. Edition:** 2024
- **Price:** Rs. 120/-

ISBN:978-93-94543-99-7

Digitized by srujanika@gmail.com

ଭୂମିକା

ମୋର ପୂଜ୍ୟପିତା କିଶୋର ଚନ୍ଦ୍ର ମେହେର ହେଉଛନ୍ତି ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କନିଷ୍ଠ ପୌତ୍ର । ଉଣେଇଶହ ବତିଶ ମସିହାରେ ତାଙ୍କ ଜନ୍ମର କିଛିକ୍ଷଣ ପୂର୍ବରୁ ତାଙ୍କର ମାତୃଦେବୀ ଅର୍ଥାତ୍ କବି ଗଙ୍ଗାଧର ମେହେରଙ୍କ ପୁତ୍ରବଧୂ ପାର୍ବତୀ ଦେବୀ ସ୍ୱାପ୍ନାଚ୍ଛନ୍ନ ଅବସ୍ଥାରେ ଦେଖିଲେ ଯେ ଗଙ୍ଗାଧର ସ୍ୱର୍ଗରୁ ଅବତରଣ କରି କହୁଛନ୍ତି, ତାଙ୍କୁ ମଧ୍ୟାହ୍ନଭୋଜନର ପ୍ରସ୍ତୁତି କରିବା ପାଇଁ । ଏପରି ଏକ ଅଲୌକିକ ସ୍ୱପ୍ନ ଦର୍ଶନ ପରେ ପୁତ୍ର କିଶୋର ଚନ୍ଦ୍ରଙ୍କର ଜନ୍ମ ସମ୍ଭବ ହୋଇଥିବାରୁ ତାହା ଗଙ୍ଗାଧରଙ୍କ ଶୁଭାଗମନ ହୋଇଛି ବୋଲି ମନେକରୁଥିଲେ ସେ । ଜୀବନର ଅନେକ ଆବେଗାତ୍ମକ ମୁହୂର୍ତ୍ତରେ ବାପାଙ୍କ ସହିତ ଭାବବିନିମୟ ବେଳେ ଏକଥା ପ୍ରତି ଦୃଷ୍ଟି ଆକର୍ଷଣ କଲେ ବାପା ସର୍ବଦା ବିନମ୍ରତାପୂର୍ଣ୍ଣ ଭାଷାରେ କହୁଥିଲେ ଯେ- "ମୁଁ ତ ତାଙ୍କର ଅର୍ଥାତ୍ ଗଙ୍ଗାଧରଙ୍କ ପାଦରେଣୁର ଯୋଗ୍ୟ ନୁହେଁ । ଆଉ ତାଙ୍କ ପରି ବା ହେବି କିପରି ?" ଏକଥା ତ ନିଶ୍ଚିତ ଭାବରେ ଅକ୍ଷରେ ଅକ୍ଷରେ ସତ୍ୟ । ତେବେ ନିଜସ୍ୱ ବ୍ୟକ୍ତିତ୍ୱରେ ନିହିତ ସାମାନ୍ୟ କଳା-କୌଶଳକୁ ଲୁକ୍କାୟିତ କରି ରଖିବା ଯଦି ହୁଏ ଆଉ ଏକ ଅନ୍ତର୍ନିହିତ କଳା-ଧର୍ମ, ତା'ହେଲେ ବାପା ଥିଲେ ସେ ଦୃଷ୍ଟିରୁ ଭିନ୍ନ ଜଣେ କଳାକାର । କେତେ ଯେ ପୁସ୍ତକ ସେ ପାଠ କରିଥିଲେ ତାଙ୍କ ଜୀବନରେ ତାହା ଉଲ୍ଲେଖ କରାଯାଇ ପାରିବ ନାହିଁ । ବିଶେଷତଃ କଥା ସାହିତ୍ୟ ତାଙ୍କର ଥିଲା ଏକାନ୍ତ ପ୍ରିୟ । ନିଜେ ଅନେକ ଗଳ୍ପର ଅନୁବାଦ କରିଥିଲେ ମଧ୍ୟ ମୌଳିକ ଗଳ୍ପ ସୃଜନ ତାଙ୍କର ଅତିସ୍ୱଳ୍ପ ।

Digitized by srujanika@gmail.com

ଆଜି ବାପାଙ୍କ ତିରୋଧାନର ସତର ବର୍ଷ ଅତିକ୍ରାନ୍ତ ହୋଇଯିବା ପରେ ତାଙ୍କର କେତୋଟି ଗଳ୍ପକୁ ପୁସ୍ତକାକାରରେ ପ୍ରକାଶ କରିବାର ସାହସ କରିଛି । ସାହିତ୍ୟର ଜଣେ ସାମାନ୍ୟ ପାଠକ ଭାବରେ ବିଚାର କରିଛି ଯେ ଏଗୁଡ଼ିକର ସାହିତ୍ୟିକ ମୂଲ୍ୟ ନ୍ୟୂନ ହୋଇନପାରେ ।

ଏହି ଗଳ୍ପ ସଂକଳନରେ ତାଙ୍କର ଯେଉଁ କେତୋଟି ଗଳ୍ପକୁ ଅନ୍ତର୍ଭୁକ୍ତ କରାଯାଇଛି ତାହା ମୋ' ବିବେଚନାରେ ତାଙ୍କ ରଚନାଦର୍ଶର ଯଥାର୍ଥ ପ୍ରତିନିଧିତ୍ୱ କରିବ ବୋଲି ମୋର ଗଭୀର ଆଶା ତଥା ବିଶ୍ୱାସ । ଯେଉଁ ଚରିତ୍ରମାନଙ୍କୁ ନେଇ ଯେତିକି ଗଳ୍ପ ସେ ରଚନା କରିଛନ୍ତି, ସେ ସେତିକି ମାତ୍ର ନୁହଁନ୍ତି । ବେଳେବେଳେ ମୋତେ ଆଶ୍ଚର୍ଯ୍ୟ ଲାଗିଛି ଓ ମୁଁ ଭାବିଛି ଯେ ବିଶ୍ୱ ସାହିତ୍ୟର ଉଚ୍ଚକୋଟୀର ବହୁଗଳ୍ପ ଅଧ୍ୟୟନରେ ଭାବାବିଷ୍ଟ ହୋଇ ମଧ୍ୟ ସେ କାହିଁକି ଆହୁରି ଅନେକ ଗଳ୍ପ ସୃଷ୍ଟି କରିପାରିଲେ ନାହିଁ ? ବୋଧହୁଏ ଏସବୁ ସୁବିଖ୍ୟାତ ଗଳ୍ପ ଅଧ୍ୟୟନ କରିବା ପରେ ସେ ଯେ ସେପରି ଉତ୍କୃଷ୍ଟ ଗଳ୍ପ ଲେଖିପାରିବେ ନାହିଁ- ଏ ଭାବନା ତାଙ୍କୁ ସଙ୍କୁଚିତ କରି ଦେଇଥିଲା । ଏହା ସତ୍ତ୍ୱେ ବାପାଙ୍କୁ ବହୁଥର ମୁଁ ଅନୁରୋଧ କରିଛି ଗଳ୍ପ ରଚନା ନିମିତ୍ତ । କର୍ମମୟ ଜୀବନର ଓ ପାରିବାରିକ ଦାୟିତ୍ୱ ଦ୍ୱାରା ସର୍ବଦା ଭାରାକ୍ରାନ୍ତ ହୋଇ ସେ ଗଳ୍ପ ରଚନାର ଯୋଜନା କେବେହେଲେ ପ୍ରସ୍ତୁତ କରିପାରିନାହାନ୍ତି । କିନ୍ତୁ ଏକ ଏକ ପ୍ରେରଣାଦାୟକ ମୁହୂର୍ତ୍ତରେ ସେ ଗୋଟିଏ ଗୋଟିଏ ଗଳ୍ପ ଲେଖିଦେଇ ଯାଇଛନ୍ତି ଗଳ୍ପକଳା ସମ୍ପର୍କରେ ଆଦୌ ସଚେତନ ନହୋଇ ।

ଏଥିରେ ସଂକଳିତ ହୋଇଥିବା ଗଳ୍ପଗୁଡ଼ିକ ପାଠ କଲେ ସଚେତନ ପାଠକ ମାତ୍ରକେ ଉପଲବ୍ଧି କରିପାରିବେ ଯେ ତାଙ୍କର ବିଷୟ ଚୟନରେ ରହିଛି କି ବିଶେଷତ୍ୱ । ଏପରି ଏକ ଏକ ଚରିତ୍ରକୁ ସେ ପ୍ରାଣବନ୍ତ ରୂପ ଦେଇଛନ୍ତି ଯାହା ଅଧ୍ୟୟନ କରିବା ଦ୍ୱାରା ତାଙ୍କ ବ୍ୟକ୍ତିତ୍ୱ ଥିଲା କେଉଁ ସ୍ତରର ତାହା ଉପଲବ୍ଧି କରାଯାଇପାରିବ ନିଶ୍ଚିତ ଭାବରେ । ସେ ସମ୍ବଲପୁରୀ ବସ୍ତ୍ରାଳୟର ଥିଲେ ଜଣେ ସାଧାରଣ କର୍ମଚାରୀ ମାତ୍ର । ଏହି କାରଣରୁ ଗଳ୍ପ ରଚନା ସମୟରେ ମଧ୍ୟ ନିଜକୁ ସେ ସେଇ ସାମାନ୍ୟ ଲୋକଟିଏ ଭାବରେ ଉପସ୍ଥାପନ କରିଛନ୍ତି । ତାଙ୍କ ରଚିତ

Digitized by srujanika@gmail.com

"କଳାକାର" ଶୀର୍ଷକ ଗଳ୍ପଟିରେ ପ୍ରତିପାଦନ କରିଦେଇଛନ୍ତି ଯେ, ଜଣେ ସାଧୁ, ସଚ୍ଚୋଟ, କଳାକାର କେବଳ ମଞ୍ଚ ଉପରେ ତାହାର କଳାଚାତୁର୍ଯ୍ୟର ପ୍ରମାଣ ଦିଏ ନାହିଁ । ଜୀବନର ବାସ୍ତବ ରଙ୍ଗମଞ୍ଚରେ ସିଏ ମଞ୍ଚକଳାକାରଠାରୁ ଆହୁରି ବହୁ ଗୁଣରେ ମହତ୍ତର ଚେତନାର ପରିଚୟ ଦେଇପାରେ । କାହାରି ଠାରୁ କୌଣସି ଉପକାର ଲାଭ ସକାଶେ ଲାଳାୟିତ ନହୋଇ ଅନ୍ୟମାନଙ୍କୁ ଦେଇଥାଏ ଜୀବନର ସର୍ବସ୍ୱ । ଏପରି ସୁମହାନ ଚାରିତ୍ରିକ ସୌନ୍ଦର୍ଯ୍ୟ ଯେଉଁ ଶ୍ରେଷ୍ଠ କଳାର ଅନ୍ତର୍ଗତ, ତାହାର ଚିନ୍ତନ କରିବା ଓ ଆପଣାର ଜୀବନରେ ସେପରି କଳାର କଣିକାଟିଏ ହେବା ପାଇଁ ବ୍ୟାକୁଳତା ଜନ୍ମ ନେବା ସ୍ୱାଭାବିକ ।

ଏକାଧିକ ଗଳ୍ପ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କଲେ ତାଙ୍କ ସୃଷ୍ଟିର ମହତ୍ତ୍ୱ ନିଶ୍ଚୟ ଦରଦୀ ଓ ଗ୍ରହଣଶୀଳ ପାଠକମାନେ ହୃଦ୍‌ବୋଧ କରିପାରିବେ ।

ପ୍ରାୟତଃ ବାସ୍ତବତା-ଆଶ୍ରିତ ତାଙ୍କ ଗଳ୍ପ- ସୃଜନରେ କଳ୍ପନାର ସ୍ଥାନ ମଧ୍ୟ ବିଦ୍ୟମାନ । ତେବେ କଳ୍ପନା ବା ବାସ୍ତବତା ଯାହାକୁ କେନ୍ଦ୍ରକରି ସେ ଗଳ୍ପ ରଚନା କଲେ ମଧ୍ୟ ତାହା ବାସ୍ତବତାର ବୈଶିଷ୍ଟ୍ୟ ବହନ କରିପାରିଛି । ମୋର ସ୍ପଷ୍ଟ ମନେଅଛି ଯେ, ମୁଁ ହାଇସ୍କୁଲରେ ପଢ଼ିବା ସମୟରେ ବରିପାଲିରୁ ରାମପୁର ବଜାର ଅଭିମୁଖେ ଯାଉଥିବା ଏକ ଗାଡ଼ି କେନାଲ ଭିତରକୁ ପଶିଯାଇ କିପରି ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଓ ବହୁ ଲୋକ ମୃତାହତ ହେବା ଫଳରେ ସାରା ବରପାଲିରେ ଖେଳିଯାଇଥିଲା ଶୋକର ସ୍ତବ୍ଧତା । ତାକୁ ଆଧାର କରି ଲେଖିଛନ୍ତି ସେ ଏପରି ଏକ ଗଳ୍ପ ଯାହା ସେହି କରୁଣ ସ୍ମୃତିକୁ ପୁନଃଜାଗ୍ରତ କରିଦେଇପାରେ । ଜଣେ ଲେଖକର ଏହି ସାମାଜିକ ଅଙ୍ଗୀକାରବଦ୍ଧତା ଓ ସମ୍ବେଦନଶୀଳତା ହିଁ ହେଉଛି ପ୍ରକୃତ କଳାତ୍ମକ ବିଭବ । ବାପାଙ୍କ ରଚିତ "ବନ୍ଧନ" ଗଳ୍ପଟି ମନୋରଞ୍ଜନ ଦାଦା ଓ ମୋ' ଦ୍ୱାରା ସମ୍ପାଦିତ 'ଅଙ୍କୁର' ପତ୍ରିକାରେ ପ୍ରକାଶିତ ହୋଇଥିଲା । ଏହି ଗଳ୍ପର ବିଷୟବସ୍ତୁ ସକାଶେ ସେ ତାଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ ସମାଲୋଚନାର ଶରବ୍ୟ ହୋଇଥିଲେ । ସେହି ପିତୃ-ପ୍ରତିମ ଭଦ୍ରବ୍ୟକ୍ତିଙ୍କ ଅଭିଯୋଗ ଥିଲା ଯେ, ଏ ବୟସରେ ଏପରି ଗଳ୍ପ ରଚନା କଦାପି ଶୋଭନୀୟ ନୁହେଁ । ମୋର ଏକାଧିକ ସହପାଠୀ ମଧ୍ୟ ଭ୍ରୂକୁଞ୍ଚନ କରି ବିଦ୍ରୁପାତ୍ମକ ସ୍ମିତହାସ୍ୟ ଦ୍ୱାରା ସେମାନଙ୍କ ନାପସନ୍ଦ

Digitized by srujanika@gmail.com

ବ୍ୟକ୍ତ କରିଥିଲେ । ଗଳ୍ପଟିକୁ ବାପା ତ' କଦାପି ଉପରଠାଉରିଆ ଭାବରେ ରଚନା କରିନଥିଲେ । 'ଅଙ୍କୁର' ପତ୍ରିକାର ସମ୍ପାଦକ ମୋର ପୂଜ୍ୟ ଅଗ୍ରଜ ମନୋରଞ୍ଜନ ମେହେର ମଧ୍ୟ ଏହାକୁ ତନ୍ନ ତନ୍ନ କରି ପଢ଼ିଥିଲ । ଆଉ ଯିଏ ସୂକ୍ଷ୍ମ ଦୃଷ୍ଟିନେଇ ଏହାକୁ ଅଧ୍ୟୟନ କଲେ ସେ ହେଉଛନ୍ତି ମୋର ପରମ ପୂଜ୍ୟ ଗୁରୁଦେବ ପ୍ରଫେସର ଆଦିକନ୍ଦ ସାହୁ । ଏହାର ଶୈଳ୍ପିକ ନାନ୍ଦନିକତାକୁ ଯଥାର୍ଥ ଭାବରେ ଅଳ୍ପଶବ୍ଦରେ ହେଲେ ମଧ୍ୟ ବ୍ୟକ୍ତ କରିଦେଇଥିଲେ । ସଂପ୍ରତି ଉକ୍ତ ଗଳ୍ପଟିକୁ ପାଠ କରିବା ବେଳେ ତା'ର ନାମକରଣ ପରିବର୍ତ୍ତନ କରାଯାଇ 'ଭିନ୍ନ ସ୍ପନ୍ଦନ' ରଖିବା ସହ ଗାଳ୍ପିକଙ୍କ ମାନସିକତାକୁ ସୁସ୍ପଷ୍ଟ ରୂପେ ଦର୍ଶାଇ ଦିଆଯାଇଛି । ଏହାଫଳରେ ଏ ସମ୍ପାଦକ ଦର୍ଶାଇ ଦେବାକୁ ଚାହିଁଛି ଯେ ଗଳ୍ପଟିର ପ୍ରକୃତ ଆଭିମୁଖ୍ୟ ଥିଲା ବାସ୍ତବରେ କ'ଣ ।

ପରିଣତ ବୟସରେ ଜାଣେ ତରୁଣୀ ପ୍ରତି ଆକର୍ଷଣ ଅନୁଭବ କରିବା ଓ ନିଜର ଅସୁସ୍ଥତା ସମୟରେ ତା'ର ସାନ୍ନିଧ୍ୟରେ ଆସି ମାତୃ ହୃଦୟର ବାତ୍ସଲ୍ୟ ଲାଭରେ ଅପୂର୍ବ ତୃପ୍ତି ଲାଭ କରିବା ଏକ ବିରଳ ସୂକ୍ଷ୍ମ ଉପଲବ୍ଧି, ଯାହା ଚେତନାସ୍ତରର ଏକ ଉତ୍ତରିତ ଉଚ୍ଛ୍ୱାସକୁ ଉନ୍ମୁକ୍ତ କରିଦେଇପାରିଛି । ତେଣୁ ମଣିଷର ଯେଉଁ ମନସ୍ତତ୍ତ୍ୱର ସତ୍ୟ ସିଗମଣ୍ଡ ଫ୍ରୟେଡ଼ ଉନ୍ମୋଚନ କରିଦେଇଥିଲେ ତାହା କିପରି ସବ୍‌ଲିମେସନ୍ ସ୍ତରକୁ ଉତ୍ତୀର୍ଣ୍ଣ ହେବା ପାଇଁ ଉଦ୍ଦିଷ୍ଟ ତାହାର ଯଥାର୍ଥ ପରିପ୍ରକାଶ ଏ ଗଳ୍ପର ଶୈଳ୍ପିକ ସୌକୁମାର୍ଯ୍ୟକୁ ମହିମାଦୀପ୍ତ କରିଦେଇଛି ।

ବାପା, ନିଜ ଜୀବନରେ ପ୍ରତ୍ୟକ୍ଷ କରିଥିବା ଏକାଧିକ ଘଟଣା ଆଧାରରେ ଲେଖିଛନ୍ତି ଗଳ୍ପ । ଏ ସଂକଳନସ୍ଥ 'ଦୀପାବଳି', 'ପଚିଶ ବର୍ଷ ତଳେ', 'ବାପା', 'ଅସରନ୍ତି ଅଭିମାନ', 'ବନ୍ଧୁ ମିଳନ', 'ବିରାଡ଼ି ଶାବକ', 'ଏକ ଦିନର ଅହେତୁକ ଏବଂ ଅନାବଶ୍ୟକ ଘଟଣା' ଆଦି ତାହାର ହିଁ ଅଭିବ୍ୟକ୍ତି । ବପାଲିକୁ ଆସିଥିବା ସର୍କ ପାର୍ଟିର ଦୁଇ ଭଉଣୀଙ୍କ ଯେଉଁ ସଲୀଳ ସମାଧି ହୋଇଛି ତାହା ବାସ୍ତବ-ଅନୁଭୂତି ଆଧାରିତ । ସେଥିପାଇଁ କାରୁଣ୍ୟ ସୃଷ୍ଟି କରିବାରେ ତାହା ହୋଇଛି ସମର୍ଥ । ଗାଳ୍ପିକଙ୍କ ପିତା ଅର୍ଥାତ୍ ମୋର ପିତାମହ କବିପୁତ୍ର ଭଗବାନ ମେହେରା ପରିବାରରେ ସୃଷ୍ଟି ହେଉଥିବା ଅଶାନ୍ତି ଦୂରୀକରଣ ପାଇଁ ଅଳ୍ପ ସମୟ ସକାଶେ ହେଲେ ମଧ୍ୟ କିପରି

Digitized by srujanika@gmail.com

ଦୂରବର୍ତ୍ତୀ ହୋଇଯାଇ ସମସ୍ତଙ୍କ ମଧ୍ୟରେ ପୁଣି ଶାନ୍ତି -ପ୍ରତିଷ୍ଠାରେ ହେଉଥିଲେ ସକ୍ଷମ, ଏ କଥା ବାପା ଅନେକଥର ମୋ ନିକଟରେ ବର୍ଣ୍ଣନା କରିଛନ୍ତି । ପିତାମହ ଥିଲେ ଆବାଲ୍ୟରୁ ମାତୃହୀନ । ସମ୍ବେଦନଶୀଳତାର ସମ୍ମାନକୁ ପ୍ରକଟିତ କରି ଦେଇଛି ମାର୍ମିକ ଭାବରେ । 'ଅଦିତ୍ୟ ସର୍ବଦ୍ରଷ୍ଟା', 'ବିରାଡ଼ି ଶାବକ', 'ସରଳା ଚରିତ: ଜଟିଳ ପଥ', ଧାର୍ମିକ-ଅଧାର୍ମିକ', ଡେକ୍‌ଗେଟ୍ ଏକ ଏକ ଭିନ୍ନ ଭିନ୍ନ ଜୀବନାନୁଭୂତିର ପରିପ୍ରକାଶ । ନିଜର ହେଉ ଅପରର ଜୀବନ କ୍ଷେତ୍ରରେ ଘଟିଯାଇଥିବା କୌଣସି ଏକ ଏକ ସ୍ମରଣୀୟ ଘଟଣା ଆଧାରରେ ଲେଖକୀୟ ନିଷ୍ଠା, ନମନୀୟତା ଓ ନୈତିକତା ସର୍ବତ୍ର ପ୍ରଚ୍ଛନ୍ନ । ପ୍ରତ୍ୟେକଟି ଗଳ୍ପ ଜୀବନର ଭିନ୍ନ ଭିନ୍ନ ଅନୁଭୂତି ପ୍ରତି ପାଠକ-ଚିତ୍ତକୁ ଆକର୍ଷିତ କରିପାରେ । କେଉଁଠି କରୁଣା, ନିଃସଂଗତା ; କେଉଁଠି ଭାବ-ଗର୍ଭକ ବ୍ୟଙ୍ଗ ଆଉ କେଉଁଠି ରହସ୍ୟାଚ୍ଛନ୍ନ ଭାବ-ତରଂଗ ଉଦ୍‌ବେଳିତ । 'କଳାକାର', 'ରାମପୁରହାଟ: ଏକ କରୁଣ ସୂର୍ଯ୍ୟାସ୍ତ', ଆଦିତ୍ୟ ସର୍ବଦ୍ରଷ୍ଟା ଦୀପାବଳୀ: ପଚିଶ ବର୍ଷ ତଳେ 'ବାପା: ଅସରନ୍ତି ଅଭିମାନ'ରେ କରୁଣ ଭାବର ମୂର୍ଚ୍ଛନା ପ୍ରକଟିତ । 'ଧାର୍ମିକ-ଅଧାର୍ମିକ, 'ବନ୍ଧୁ-ମିଳନ', 'ବିରାଡ଼ି ଶାବକ' ବ୍ୟଂଗାତ୍ମକ ଭାବ- ଉଦ୍ରେକକାରୀ । ସରଳାଚରିତ: ଜଟିଳପଥ ରେ ବର୍ଣ୍ଣିତ ରହସ୍ୟରୁ ମୁକୁଳିବା ଅସାଧ ।

କେତେ ଯେ ଭାବନା ବାପାଙ୍କ ପ୍ରାଣକୁ ନିତ୍ୟ ଉଦ୍‌ବେଳିତ କରୁଥିଲା, ତାହାର ପ୍ରତ୍ୟକ୍ଷଦର୍ଶୀ ମୁଁ ନିଜେ । କାରଣ ତାଙ୍କ ଚେତନା ସ୍ତରରେ ସୃଷ୍ଟି ହେଉଥିବା ଅସଂଖ୍ୟ ଭାବରାଶି ସହିତ ମୋତେ ଅତୁଳନୀୟ ଅନୁରାଗରେ ସର୍ବଦା ସେ ସର୍ବଦା ସଂଯୁକ୍ତ କରି ରଖୁଥିଲେ । ଏପରି ସୌଭାଗ୍ୟ କ୍ୱଚିତ କ୍ଷେତ୍ରରେ ପ୍ରାପ୍ତ ହୁଏ । ବାପା କେତେ ଭଲ ଗଳ୍ପ ଲେଖିଛନ୍ତି ବା ଲେଖିପାରିନାହାନ୍ତି ତାହାର ବିଚାରକ ଭାବଗ୍ରାହୀ ପାଠକ ଓ ଅନୁଶୀଳନକ୍ଷମ ସମୀକ୍ଷକମାନେ । ମାତ୍ର ମୁଁ ଏତିକି ଜାଣେ ଯେ, ବାପା ବିବିଧ ଅନୁଭୂତି-ସିକ୍ତ ଏକ ସମ୍ବେଦନଶୀଳ ସତ୍ତା । ହୁଏତ ଯେପରି ଭାବରେ ସେ ନିଜେ ଆନ୍ଦୋଳିତ ହୋଇଥିବେ ଆଉ ଏ ସବୁକୁ ପ୍ରକାଶ କରିବାକୁ ଚାହିଁଥିବେ ସେଇପରି ପ୍ରଭାବ ଦୀପ୍ତ ଭାବରେ ତାହା କରି ନ ପାରି ସେ ଦୀର୍ଘ ଶ୍ୱାସ ତ୍ୟାଗ କରିଥିବେ ନିରେଳା ମୁହୂର୍ତ୍ତରେ, ଯାହାର ଉଷ୍ମତା ପ୍ରଚ୍ଛନ୍ନ ଲାଭ ରହିଛି ଗଳ୍ପରେ । ଗଳ୍ପ ନିର୍ମାଣ କଳାର ଏହା ସାର୍ଥକ ସଂକେତ ।

Digitized by srujanika@gmail.com

ଏ ଗଳ୍ପ ସଂକଳନର ନାମକରଣ ବିଷୟରେ ଧ୍ୟାନସ୍ଥ ହୋଇଥିବା ବେଳେ ଆକସ୍ମିକ ଭାବରେ 'ସ୍ୱରସ୍ପର୍ଶ' ଗଳ୍ପଟି ମୋ ଅନ୍ତଃସତ୍ତାର ଅତ୍ୟନ୍ତ ସୁକୁମାର ବିନ୍ଦୁଟିକୁ ଯେପରି ବିଗଳିତ କରିଦେଲା, ତାହାହିଁ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବାରେ ନେଲା ମୁଖ୍ୟ ଭୂମିକା ।

ଗଳ୍ପ ରଚନା କେତେବେଳେ କେଉଁ କାରଣରୁ, ଅନ୍ତଃସ୍ପର୍ଶୀ ହେବାର ଶକ୍ତି ଆହରଣରେ ହୁଏ ସମର୍ଥ ଓ ସାର୍ଥକ ତାହାର ରହସ୍ୟ ଭେଦ ଅସମ୍ଭବ ବ୍ୟାପାର । ସଂଗୀତର ଅନ୍ତର୍ଗତ ମାଧୁର୍ଯ୍ୟ ମଧ୍ୟରେ ନିଜକୁ ବିଲୀନ କରି ନିସ୍ପନ୍ଦ ହୋଇଯାଇଥିବା ଶିକ୍ଷକଙ୍କ ଶେଷ ମୂହୂର୍ତ୍ତ କିପରି ହୋଇଉଠିଛି ଉର୍ଦ୍ଧ୍ୱାୟିତ ତାହାର କଳ୍ପନା, କାରୁଣ୍ୟ ଓ କମନୀୟତାରେ ମୁଁ ନିଜେ ଆତ୍ମଲୀନ ହୋଇଯିବାର ସୌଭାଗ୍ୟ-ପ୍ରାପ୍ତ ହେଲି । ଏପରି ଏକ ଏକ ବିରଳ ଭାବ-ବିହ୍ୱଳ ମାନବାତ୍ମାର ସଂସର୍ଗ ସକଳ ସଂକୀର୍ଣ୍ଣତାରୁ ମୁକ୍ତ କରିଦିଏ ଦରଦୀ ପାଠକ-ଚିତ୍ତକୁ । କଥା ପ୍ରସଂଗରେ ବାପା ଅନେକ ଥର ମୋତେ କହିଛନ୍ତି ଯେ, ସଂଗୀତ ଗାନ କରିବାର ମୁହୂର୍ତ୍ତ ହେଉଛି ଏକ ଦିବ୍ୟନନ୍ଦ ମଧ୍ୟରେ ତଲ୍ଲୀନ ହୋଇଯିବାର ଅପୂର୍ବ ମାଙ୍ଗଲ୍ୟମୟ ଲଗ୍ନ । ଯେଉଁମାନେ ଉଚ୍ଚକୋଟୀର ସଂଗୀତଜ୍ଞ, ସଂଗୀତ ପରିବେଷଣ ସମୟରେ ସକଳ ମାନବିକ ଦୁର୍ବଳତା, କ୍ରୋଧ, ମୋହ, ଆସକ୍ତି, ଅହଂକାରରୁ ସେମାନେ ହୋଇଯାଇଥାନ୍ତି ସମୁତ୍ତୀର୍ଣ୍ଣ । ନରେନ୍‌ଙ୍କ ସଙ୍ଗୀତ ଗାନ ଓ ରାମକୃଷ୍ଣ ପରମହଂସଙ୍କ ଭାବ-ତାରଲ୍ୟ ସ୍ୱତଃ ଅନ୍ତଃସ୍ଥଳକୁ କରିଦେଇଛି ଆନ୍ଦୋଳିତ । 'ସ୍ୱରସ୍ପର୍ଶ' ଗଳ୍ପଟିର ନାମରେ ଏ ସଂକଳନର ନାମକରଣ କରିବା ଏକ ଅନ୍ତର୍ଗତ ପ୍ରେରଣା-ସଂଜାତ-ସଂକେତ ।

ଏହି ସଂକଳନଟିରେ ୧୩ଟି ଗଳ୍ପ ଅନ୍ତର୍ଭୁକ୍ତ । ବିଷୟ-ବୈଚିତ୍ର୍ୟ ଦୃଷ୍ଟିରୁ ପ୍ରତ୍ୟେକଟି ଭିନ୍ନ ଭିନ୍ନ ଭାବ-ସଂଚାର କ୍ଷମ । ଗଳ୍ପକଳା ଦୃଷ୍ଟିରୁ କେଉଁ ଗଳ୍ପ ପାଠକ ଭିତରେ କି ଆବେଦନ ସୃଷ୍ଟିରେ ସକ୍ଷମ, ତାହା ନିର୍ଣ୍ଣୟ କରିବା କଠିନ । ତେବେ ନିଜକୁ ବାପା ଯେତେ ନିକୃଷ୍ଟ ଜ୍ଞାନ କରୁଥିଲେ ବି ଗଳ୍ପଗୁଡ଼ିକ ବିଷୟରେ ଆଉ ବିଶେଷ ଆଲୋଚନା ସ୍ଥଗିତ କରାଯାଇପାରୁନାହିଁ, କାରଣ ସେଗୁଡ଼ିକର ଅନ୍ତଃସ୍ୱର ପାଠକମାନଙ୍କ ହୃଦୟକୁ ନିଶ୍ଚୟ ମନ୍ଥିତ କରିବ ବୋଲି ଆଶା ଓ ଭରସା । ଓଡ଼ିଶାର ତଥା ଭାରତବର୍ଷର ସୁପ୍ରସିଦ୍ଧ ଲେଖକ ମନୋଜ ଦାସ ଏକଦା କହିଥିଲେ ଯେ-

Digitized by srujanika@gmail.com

"ଜଣେ ଗାଳ୍ପିକଙ୍କ ଅଧଡଜନ ଗଳ୍ପସୃଜନ ତାଙ୍କ ପ୍ରତିଭାର ବିଚାର କରିବାକୁ ଯଥେଷ୍ଟ ।" ଏ ଦୃଷ୍ଟିରୁ ଏହି ସଂକଳନର ଗଳ୍ପଗୁଡ଼ିକର ଭାବଧାରା ଓ ଶୈଳ୍ପିକ ସୌନ୍ଦର୍ଯ୍ୟକୁ ନିରୀକ୍ଷଣ କରିବାର ଅନ୍ତର୍ଦୃଷ୍ଟି ପାଠକମାନେ ଅବଶ୍ୟ ଲାଭ କରିପାରିବେ । ନିଜେ ନିଜକୁ ସେ ସ୍ୱୀକୃତି ଦେଇନାହାନ୍ତି କେବେ । କିନ୍ତୁ ଗଳ୍ପର ଓ ଜୀବନର ଅନ୍ତଃକାରୁଣ୍ୟକୁ ଉପଲବ୍ଧି କରିପାରିଥିବା ଗଳ୍ପସ୍ରଷ୍ଟା ଭାବରେ ଅନୁଭବୀ ପାଠକ ଅନ୍ତରରେ ତାଙ୍କର ଯେ ରହିଛି କ୍ଷୁଦ୍ର ଅଥଚ ସ୍ୱତନ୍ତ୍ର ସ୍ଥାନଟିଏ ଏକଥାକୁ ଅସ୍ୱୀକାର କରିହେବ ନାହିଁ, ବୋଲି ମୋର ବିଶ୍ୱାସ ।

❑

ବିନୀତ

ତା: ୨୩-୨-୨୦୨୪ ମଣୀନ୍ଦ୍ର କୁମାର ମେହେର

Digitized by srujanika@gmail.com

ସୂଚୀପତ୍ର

କ୍ରମ.	ବିଷୟ	ପୃଷ୍ଠା
୧.	କଳାକାର	୧୧
୨.	ରାମପୁର ହାଟ: ଏକ କରୁଣ ସୂର୍ଯ୍ୟାସ୍ତ	୧୭
୩.	ଆଦିତ୍ୟ ସର୍ବଦ୍ରଷ୍ଟା	୨୭
୪.	ଦୀପାବଳୀ: ପଚିଶ ବର୍ଷ ତଳେ	୩୪
୫.	ବାପା: ଅସରନ୍ତି ଅଭିମାନ	୪୧
୬.	ଧାର୍ମିକ-ଆଧାର୍ମିକ	୪୭
୭.	ଚେକ୍‌ଗେଟ	୫୧
୮.	ସ୍ୱରସ୍ପର୍ଶ	୫୬
୯.	ବନ୍ଧୁ ମିଳନ	୬୦
୧୦.	ବିରାଡ଼ି ଶାବକ	୬୩
୧୧.	ଏକ ଦିନର ଅହେତୁକ ଏବଂ ଅନାବଶ୍ୟକ ଘଟଣା	୬୮
୧୨.	ଭିନ୍ନ ସ୍ପନ୍ଦନ	୭୬
୧୩.	ସରଳା ଚରିତ: ଜଟିଳ ପଥ	୮୪

❑

Digitized by srujanika@gmail.com

କଳାକାର

ହରିଦାସ ସହିତ ବହୁଦିନ ପରେ ଦେଖା । ବାଲ୍ୟାବସ୍ଥାରେ ଲୋଅର୍ ପ୍ରାଇମେରୀ ସ୍କୁଲ୍‌ରେ ପଢ଼ିବାବେଳେ ସେ କେଉଁ ଦୂର ଦେଶରୁ ଆସି ଆମ ସହିତ ପାଠ ପଢ଼ିଲା । ସବୁ ବିଷୟରେ ମୁଁ ସ୍କୁଲ୍ ଶିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିପାରୁଥିଲି । ବିଶେଷତଃ ଗୀତ ଗାଇବାରେ, ଖେଳ କସରତରେ ଆଉ ପଢ଼ାଶୁଣାରେ ମଧ୍ୟ କିଛିଟା । ହେଲେ ଗଣିତ ବିଦ୍ୟାରେ ନିତାନ୍ତ ଅପାରଗ ।

ଏଇ ହରିଦାସ ଆସିଲା ଦିନରୁ ସବୁ ବିଷୟରେ ସେ ମୋ'ଠାରୁ ଟପି ରହୁଥିଲା । ଗୀତ ଗାଇବାରେ, ନୂଆ ନୂଆଗୀତ । ତା'ଛଡ଼ା ତବଲା ଇତ୍ୟାଦି ବି ଭଲ ବଜାଇ ପାରୁଥିଲା । ଖେଳକୁଦରେ ମଧ୍ୟ ନୂତନଧରଣର ଦୂରଦେଶ ବିଭିନ୍ନ ଖେଳ ସେ ସହପାଠୀ ପିଲାମାନଙ୍କୁ ଶିକ୍ଷାଦିଏ ।

ଆମେ ସଭିଏଁ ଖେଳୁଁ । ହରିଦାସ ଆସିବା ପୂର୍ବରୁ ସାଙ୍ଗପିଲାଏ ମୋତେ ବେଶ୍ ଖାତିର କରୁଥିଲେ । ତେବେ ହରିଦାସ ଆସିବା ଦିନଠାରୁ ତା'ର ନୂତନ ଢଙ୍ଗର ଖେଳ ଆଉ ଗୀତରେ ମୁଁ ମଧ୍ୟ ପ୍ରଭାବିତ ହୋଇ ମନେମନେ ପ୍ରଶଂସା କରେ ଆଉ ଖାତିର ମଧ୍ୟ କରେଁ ।

ପିଲାବେଳ କଥା । ସେ ସମୟରେ ଆଉ ସାଙ୍ଗମାନେ ଯିଏକି ମୋତେ ଖାତିର କରୁଥିଲେ ସଭିଏଁ, ହରିଦାସକୁ ଖାତିର କଲେ । ମୋ' ମନରେ ଈର୍ଷାଭାବ ଉଦ୍ରେକ ହେବା ସ୍ୱାଭାବିକ କିନ୍ତୁ ତାହା ହୋଇନଥିଲା । କାରଣ ବାଲ୍ୟାବସ୍ଥାରେ ଏପରି ହିଂସ୍ରକ ଚିନ୍ତା ସାଧାରଣତଃ ନଥାଏ କିମ୍ୱା ଥିଲେ ବି ତାହା ବହୁ ଅଳ୍ପକ୍ଷଣ ସ୍ଥାୟୀ ହୋଇଥାଏ ।

Digitized by srujanika@gmail.com

ହରିଦାସ ସହିତ ମୁଁ ବି ଗୀତ ଗାଏଁ । ନୂଆଁ ସବୁ ଗୀତ । ଭଲ ଲାଗେ । ମାଷ୍ଟ୍ରେ ହରି ଦାସକୁ ତବଲା ବଜାଇବାକୁ କହନ୍ତି । ସେ ପିଲାଳିଆ ଭାବରେ ମଧ୍ୟ ବେଶ ତାଳ ଦେଇ ବଜାଏ ।

ସମୟ ସମୟରେ ମୋର ତାଳ ଭଙ୍ଗ ହେଲେ ନିକଟରେ ଉପବିଷ୍ଟ କ୍ଲାସ୍ ଶିକ୍ଷକଙ୍କୁ କହେ ଆଜ୍ଞା ରାମ ତାଳ କାଟୁଛି । ମୁଁ ବୁଝିପାରେ ନାହିଁ । କିଛିଦିନ ପରେ ବୁଝିଲି, ତାଳ କାଟିଯିବ କ'ଣ । ସେ ଦିନରୁ ଗୀତର ଛନ୍ଦରେ ଥାକ ଦେଇ ଦେଇ ଧୀରେଧୀରେ ଗାଉଥିଲି । ଖେଳରେ ମଧ୍ୟ ସେ ତାର ଲମ୍ୱାଲମ୍ୱା ବାଳ ସମୟରେ ସମୟରେ ମୁହଁ ଉପରକୁ ଝାଙ୍କି ପଡୁଥିଲା ବେଳେ ବେକ ହଲାଇ ବାଳ ଉପରକୁ ଉଠାଇ ଦିଏ । ସେ ଏପରି ଭାବରେ ବେକ ଭାଙ୍ଗି ମୁହଁ ଉପରେ ଝୁଲି ପଡୁଥିବା ବାଳସବୁକୁ ମୁଣ୍ଡ ଉପରକୁ ଉଠାଏ ଯେ ତାହା ମଧ୍ୟ ଏକ କଳା ।

ଅନେକ ଦିନ ମୁଁ ମଧ୍ୟ ଘରେ ତା'ରି ଅନୁକରଣ କରି ମୁହଁ ବାଳକୁ ବେକ ଭାଙ୍ଗି ମୁଣ୍ଡ ଉପରକୁ ଉଠାଇବା ଅଭ୍ୟାସ କଲି । କିନ୍ତୁ ମୋତେ ତାହା ବଡ଼ ବେଖାପ ଜଣାପଡ଼ିଥିଲା । ଏବେ ମଧ୍ୟ ତାହା ମୋର ସ୍ପଷ୍ଟ ମନେଅଛି ।

ହରିଦାସ ମୋତେ କହିଲା "ରାମ ଏବେ କ'ଣ କରୁଛ ।" ମୁଁ କହିଲି ପଢୁଛି । ସେ ଆଶ୍ଚର୍ଯ୍ୟ ହୋଇ କହିଲା- "ଏବେ ବି ପଢୁଛୁ । ପାଠପଢ଼ା ଶେଷ ହୋଇନାହିଁ ?"

ମୁଁ କହିଲି- 'କଲେଜରେ ପଢୁଛି । ରାମପୁର କଲେଜରେ ।'

ତା'ପରେ ତାକୁ ପଚାରିଲି- "ତୁ କ'ଣ କରୁଛୁ ?"

ସେ କହିଲା- "ମୁଁ ପଢ଼ାଶୁଣା ଛାଡ଼ି ଗୋଟିଏ ନାଟକ ଦଳରେ ମିଶିଛି । କିଛି ପଇସା ଦରମା ବି ମିଳେ ।" ତୁ ତ ଜାଣୁ ଆମ ଘର କଥା ।

ମୁଁ ମନେ ମନେ ହିସାବ କରି ଦେଖିଲି ତା' ସଙ୍ଗେ ମୋର ୧୪ ବର୍ଷ ପରେ ଦେଖା । ତା' ବାପା ଆମ ଗାଁର ଲୋକ ହୋଇଥିଲେ ବି ବହୁଦିନରୁ ବିଦେଶରେ ରହି ଆସୁଥିଲେ । ହରି ଦାସ ଟିକିଏ ବଡ଼ ହେଲାରୁ ଗାଁ ମାଟିର ମୋହ ଏଡାଇ ନପାରି ଏଠାକୁ ଚାଲି ଆସିଛନ୍ତି, ବୈରାଗୀ ଦାସ । ଏବେ ବୈରାଗୀ ଦାସ ବୃଦ୍ଧ ହୋଇଗଲେଣି । ତାଙ୍କ ଯୌବନରେ ସେ ମଧ୍ୟ ଗୀତ ନାଚ ଭଲ

Digitized by srujanika@gmail.com

କରିପାରୁଥିଲେ । ନାଁ କରିଥିଲେ । ହରିଦାସ ସେହି ବୈରାଗୀ ଦାସଙ୍କ ପୁଅ ତ ! ବାପର କଳା ନେଇ ଜନ୍ମିଛି ।

ଏବେ ସେ ନାଟକ ପାର୍ଟିରେ ମିଶିଛି । ନାମ ବି କରିଛି । ଭଲ ତବଲା ବଜାଇ ଜାଣେ ।

ହରି ଦାସ ମୋତେ ଗୋଟିଏ ଜଳଖିଆ ଦୋକାନକୁ ନେଇ ଆଳୁ ପକୋଡ଼ି ଚାହା ଖାଇବାକୁ ଦେଲା । ମୁଁ ତ ଅବାକ୍ । ହରି ଦାସ ପାଖରେ ପଇସା ! ପୁଣି ସେ ମୋତେ ଖାଇବାକୁ ଦେଇପାରେ ! ଏଣେ ବାପ, ମା'ଙ୍କ ଘର କଥା କହି ତା'ର ଅସ୍ୱଚ୍ଛଳତା ବିଷୟରେ ଧାରଣା ଦେଉଛି ।

ତେବେ ମଧ୍ୟ ମୁଁ ତାକୁ ମନା କରିପାରିନଥିଲି । ମନେମନେ ଭାବିଲି ବାଲ୍ୟ କାଳ ବନ୍ଧୁ ବିଚରା । କେତେ କଷ୍ଟ କରି ଉପାର୍ଜନକ୍ଷମ ହୋଇ ବାପ ମା'ଙ୍କ ଭରଣପୋଷଣ କରୁଛି । ତା'ପରେ ମୋ'ପରି ବନ୍ଧୁତ୍ୱର ବି ଯତ୍ନ ନେଇପାରୁଛି ।

ହେଲେ ମୁଁ ଅପଦାର୍ଥ ଏପର୍ଯ୍ୟନ୍ତ ପିତୃ ଅର୍ଥ ଶ୍ରାଦ୍ଧ କରି କଲେଜରେ ପାଠ ପଢୁଛିଁ । ଆଉ କେବେ ଯେ ହରିଦାସ ପରି ସମର୍ଥ ହୋଇ ବାପ ମା'ଙ୍କ ଯତ୍ନ କରିବି, ପରିପୋଷଣ କରିବି ?

ମନେ ମନେ ହରି ଦାସ ନିକଟରେ ଆଉ ଥରେ ଛୋଟ ହୋଇଗଲି । ତା'ପ୍ରତି କୃତଜ୍ଞ ରହିଲି ।

ମନେ ମନେ ଭାବିଲି, ଈଶ୍ୱର କେବେ ଯଦି ମୋତେ ସମର୍ଥ କରନ୍ତି ମୁଁ ବିଚରା ହରିଦାସର ଏ ଋଣ ଯେପରି ପରିଶୋଧ କରିପାରିବି । ଅଧୀର ଭାବରେ ତାକୁ ଜଳଖିଆ ଖାଇବାକୁ ମନା କଲି । ସେ କିନ୍ତୁ ମୋ ମନା ଶୁଣିନଥିଲା । ମୁଁ ସେହିଦିନ ଜରୁରୀ କ୍ଲାସ୍‌ରେ ଯୋଗ ଦେବାକୁ ସନ୍ଧ୍ୟାରେ ହିଁ ଚାଲି ଆସିଲି ରାମପୁର ।

ପ୍ରାୟ ଆହୁରି ୬/୭ ବର୍ଷ ପରେ ହରିଦାସ ସହିତ ଦେଖା ହଠାତ୍ ରାମପୁରରେ । ସେ ମୋତେ ପ୍ରଥମରୁ ଚିହ୍ନି ପଛରୁ ଡାକିଲା ରାମ କିରେ ? ମୁଁ ପଛକୁ ଓଲଟି ଚାହିଁଲି ହରିଦାସ । ପ୍ରଥମରୁ ଚିହ୍ନିପାରି ନଥିଲି । ତା'ର ମୁହଁ ସେତା ପଡ଼ି ଫୁଲି ଯାଇଛି । ଆଗର ସେ ବଙ୍କିମ ଚାହାଣୀକୁ କୁଞ୍ଚକୁଞ୍ଚିଆ ବାଳ ନାହିଁ । ଅନେକ ବାଳ ପଡ଼ିଗଲାଣି । ପିନ୍ଧିଛି ଛୋଟ ଖଣ୍ଡିଏ ଧୋତି ଆଉ ଖଣ୍ଡିଏ ଚିରା

Digitized by srujanika@gmail.com

ପଞ୍ଜାବୀ । ବାଲ୍ୟର ଅନେକ ଘଟଣା ସହିତ, ରାମ ରୂପ ମାଧୁର୍ଯ୍ୟ ସହିତ ଏ ଅବସ୍ଥାର ତୁଳନା ମନ ମଧ୍ୟରେ ନିମିଷକେ ଖେଳି ଯାଇଥିଲା ।

ମନେମନେ ଭାବିଲି କିଛି ସାହାଯ୍ୟ ପାଇଁ ବୋଧହୁଏ ସେ ମୋତେ ଅନୁନୟ କରିବ । ମୁଁ ମନେ ମନେ ଅପେକ୍ଷା କଲି କ'ଣ କହିବ ବୋଲି ।

ହରିଦାସ କିନ୍ତୁ କହିଲା- "ଆ ରାମ ଚା' ଖାଇବା । ବହୁଦିନ ପୂର୍ବେ ଗାଁରେ ମୋତେ ହରିଦାସ ଆଳୁ ପକୋଡ଼ି ଓ ଚା' ଦେଇଥିବା ବିସ୍ମରଣ ହୋଇନଥିଲି ।

ଆଜି ଯେତେବେଳେ ଏଇ ଶୋଚନୀୟ ଅବସ୍ଥାରେ ପଡ଼ି ବି ଚା' ଖାଇବାକୁ ଡାକୁଛି ବିଚରାକୁ ମୁଁ ଜଳଖିଆ ଦେଇ ପୂର୍ବ ଋଣରୁ ମୁକ୍ତି ହେବି ବୋଲି ଭାବୁଛିଁ । କିନ୍ତୁ ହରିଦାସ ଇତିମଧ୍ୟରେ ଚା' ମଗାଇ ପିଇବାକୁ ମୋତେ ବଢ଼ାଇ ଦେଲାଣି ଗ୍ଲାସ୍ । ଆଉ ସେ ଚା' ପାନ କରି ପଇସା ଦୋକାନୀକୁ ଦେଇସାରିଲାଣି । ମୁଁ ଏ ସୁଯୋଗରୁ ମଧ୍ୟ ବଞ୍ଚିତ ହେଲି ମନେଭାବି ଅନୁତପ୍ତ ଓ ଲଜ୍ଜିତ ବି ହେଲି । ତାକୁ ଯେତେ କରି କହିଲି ମୁଁ ପଇସା ଦେଇ ଦେଉଛି ବୋଲି ସେ କୌଣସି ପ୍ରକାରେ ରାଜି ହୋଇନଥିଲା ।

ମୁଁ ଭାବିଲି ବିଚରା ଅଭାବରେ ଥାଇ ବି କି ବନ୍ଧୁବତ୍ସଳ!! ମୋତେ ଦୁଇ ଦୁଇଥର ଡାକି ଚା' ଜଳଖିଆ ଦେଉଛି । କିବା ସ୍ୱାର୍ଥ ତା'ର ? ପୁଣି ଭାବିଲି ଆର୍ଟିଷ୍ଟ ନା । ଏଇ ତ କଳା!

କଳାକାର କେବେବି କପଟି ହୋଇପାରେନା ।

ନିତାନ୍ତ ସରଳ ବନ୍ଧୁବତ୍ସଳ କଳାକାରମାନେ ।

କହିଲି ହରିଦାସ ଆଉ କ'ଣ ଖବର ? ସେ କହିଲା- "ଏହିପରି ଚାଲିଛି ।" ଦରମା ଅଣ୍ଟୁନାହିଁ । ତେଣେ ବାପା ଅଥର୍ବ । ମା' ଚାଲିଗଲେଣି ।

ମୋତେ ପଚାରିଲା "ଆଉ ତୋର ଖବର କ'ଣ ରାମ ତୁ କ'ଣ ଚାକିରି କରୁଛୁ?" ମୁ ହଁ କହି ମୋ କଥା ଉପରେ ଗୁରୁତ୍ୱାରୋପ ନକରି ତା' ଖବର ଅନ୍ତର ଜାଣିବାକୁ ଚେଷ୍ଟା କଲି ।

ହରିଦାସ କିନ୍ତୁ ମୋତେ ପାଇ କ'ଣ କହିବ କହିବ ହୋଇ ବି କିଛି କହିପାରୁନଥିଲା । ସେ ମୋ ସହିତ କଥାବାର୍ତ୍ତାରେ ଏପରି ପ୍ରୀତ ଓ ମସଗୁଲ ହେଲା ଯେ ତା'ର ଅଭାବ ଦର୍ଶାଇବା କଥାକୁ ସୁଦ୍ଧା ବିସ୍ମରଣ ହୋଇଯାଇଥାଏ ।

Digitized by srujanika@gmail.com

ସେଦିନ ରାମପୁରରେ ଡ୍ରାମା ହେଲା । ଦେଖିଲି ହରିଦାସ ମଦ ପିଇ ଆଖି ଲାଲ ଲାଲ କରି ଷ୍ଟେଜର ନର୍ତ୍ତକୀର ତାଳେ ତାଳେ ତବଲା ପିଟୁଛି ।

ମୋର ସାଙ୍ଗ ଲେକ୍‌ଚରରମାନଙ୍କ ସହିତ ମୁଁ ଆଗ ସିଟ୍‌ମାନଙ୍କରେ ବସି ଅପେରା ଉପଭୋଗ କରୁଥିଲୁଁ ।

କାହିଁକି କେଜାଣେ ସାଙ୍ଗ ଶିକ୍ଷକମାନଙ୍କୁ ମୁଁ ହରିଦାସର ବନ୍ଧୁବତ୍ସଳତା କଥା ସେଦିନ କିଛି କହିପାରିନଥିଲି । ୪ ବର୍ଷ ତଳେ ମୋର ବିବାହ ହେଲା । ଦିବ୍ୟାନନ୍ଦ ୩ ବର୍ଷର ହେଲାଣି । ଭାଙ୍ଗି ଭାଙ୍ଗି କେତେ କଥା କହୁଛି । କେତେ ବୁଝି ହେଉଛି, କେତେ ବୁଝିହେଉନାହିଁ । ତା'ର ଅସରନ୍ତି ପ୍ରଶ୍ନ । ବାରମ୍ବାର ସେ ପଚାରୁଛି ସେଇ ସେଇ କଥାକୁ ଦୁଇ ତିନିଥର ଲେଖାଏଁ । ହୁଏତ ଥରେ ପଚାରି ବୁଝିପାରୁନାହିଁ । ଅଥବା ତା'ର ସନ୍ଦେହମୋଚନ ହୋଇପାରୁନାହିଁ । ଯେପରି ସ୍କୁଲ୍ ପିଲାଏ ହୁଅନ୍ତି ।

ବାରଣ୍ଡାରେ ଦିବ୍ୟ ସହିତ ଖେଳୁଛିଁ । ମୋର ମନେହେଉଛି ଦିବ୍ୟ ସବୁ କଥା ହଠାତ୍ ହଠାତ୍ ଜାଣିଯାଆନ୍ତା । ସେ ଥରୁଟିଏ ଉତ୍ତରରେ ସବୁ ବୁଝି ପାରନ୍ତା । ଇଣ୍ଟେଲିଜେଣ୍ଟ ହୁଅନ୍ତା ।

ଏପରି ସମୟରେ ଦେଖିଲି ଏକ ସୁନ୍ଦର ଭଜନ ଗାଇ ଗାଇ ଗୋଟିଏ ଆଲୁଳାୟିତ କେଶା ରମଣୀ ଭିକ ମାଗୁଛି । ବଡ଼ ଦରଦୀ କଣ୍ଠ । ଦରଦଭରା ସ୍ୱର ସଂଯୋଗ ଭଜନଟିର । ଈଶ୍ୱରଙ୍କୁ କାକୁତି ମିନତି । ଅସହାୟ ପ୍ରାଣର ନିବେଦନ । କୋଳରେ ତାର ୨/୩ ବର୍ଷର ପୁଅଟିଏ । ଭଜନ ଶୁଣିଲା ବେଳେ ଜାଣିଲି ହରିଦାସ କେତେଥର ଏ ଭଜନ ଗାଇଛି ଠିକ୍ ଏଇ ସୁରରେ ବହୁତ ଦିନ ଆଗ କଥା । ସେ ମହିଳାକୁ ପଚାରିଲି କେଉଁ ଗାଁର ? ସେ କହିଲା ନୂଆଁଗାଁ !! ମୁଁ ପଚାରିଲି ଏ ଭଜନ କେଉଁଠୁ ଶିଖିଲ ? ସେ କହିଲା କୋଳର ଛୋଟି ଶିଶୁ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ୟାରି ବାପା ମୋତେ ଶିଖାଇଥିଲେ ।

ମୋର ହଠାତ୍ ଦୃଷ୍ଟି ପଡ଼ିଗଲା ଝିଅଟିର ହାତ ଉପରେ ନିରାଭରଣ ଖୋଲା ହାତ । ମୁଣ୍ଡରେ ସିନ୍ଦୂର ନାହିଁ । ଧଳା ଥାନ କପଡ଼ା ପରିହିତ । ରଗ୍ଣ ଏଇ ରମଣୀ । ଏହି ଶିଶୁଟିର ବାପା ଆଉ କିଏ ହୋଇପାରେ ତାହା କ'ଣ ମୁଁ ଆଉ

Digitized by srujanika@gmail.com

ପଚାରି ପାରିଥାନ୍ତି ? ସାହସ ହେଲା ନାହିଁ । କିଛି ସମୟ ଅଟକିଲି ସେ ପୁଣି କ'ଣ କହିବ ଶୁଣିବା ପାଇଁ ।

ଦିବ୍ୟ ଏତେ ବେଳକୁ ଘର ଭିତରକୁ ଯାଇ ତା'ର ଛୋଟ ଦୁଇଟି ହାତରେ କିଛି ଚାଉଳ ସେ ମହିଳାର ଗିଲ୍‌ଟି ପାତ୍ରରେ ପକାଇଦେବାକୁ ଉଦ୍ୟତ ହେଲାଣି ।

ଆଉ ସେ ମହିଳା କି ଅବା ପରିଚୟ ଦେଇଥାନ୍ତା ଅବା ? ସେ ଛୋଟ ପୁଅଟି ଦିବ୍ୟ ବୟସର ହେବ । ସେ ଅବା ତା' ବାପର କି ପରିଚୟ ଦେଇପାରିଥାନ୍ତା ? ?

ମୁଁ ହରିଦାସକୁ ଯେତିକି ଜାଣେ ଏମାନେ ଅବା କ'ଣ ଜାଣିବେ ? ସେ ମୋର କେତେ ପିଲା ବେଳର ସାଥୀ ଆଉ କେତେ ମହାନ୍ ତା'ର ହୃଦୟ ! !

ଭିକାରୁଣୀ ଦିବ୍ୟ ଠାରୁ ଚାଉଳ ଘେନି ଦୂରାନ୍ତରେ ଭିକ୍ଷା ଅନୁସନ୍ଧାନରେ ଅପସାରିତ ହେଲା ମୁଁ କିଛି କହିବା ପୂର୍ବରୁ ।

ପ୍ରାୟ ଏ ଘଟଣାର ୪/୬ ମାସ ପରେ (ନୂଆଗାଁ) ଆମ ଗାଁକୁ ଯାଇ ବୈରାଗୀ ଦାସଙ୍କ ଘରକୁ ଗଲି । ଦେଖିଲି ତାଙ୍କ ଅବସ୍ଥା ସଂକଟାପନ୍ନ । ଶେଷ ସମୟ ଉପସ୍ଥିତ । ତାଙ୍କର ଛୋଟ ଦଉଡ଼ିଆ ଛିଣ୍ଡା ଖଟ ଉପରେ ଶୋଇଛନ୍ତି । ପାଖରେ ସେହି ପିଲାଟି । ମୁଣ୍ଡ ବାଳ ଫୁର୍‌ଫୁର୍ ଉଡୁଛି । ରୁଗ୍‌ଣ ଅବସ୍ଥା । ଛୋଟ ଗୋଟିଏ ଗିଲ୍‌ଟି ଗ୍ଲାସ୍‌ରେ ପାଣି ମୁନ୍ଦିଏ ଧରି ବୈରାଗୀ ବାବୁଙ୍କୁ ଦଦରା ଦରୋଟି କଥାରେ ପିଇ ଦେବାକୁ ଅନୁନୟ କରୁଛି "ଦାଦା ମା' ଆଉ ଟିକିଏ ପରେ ଆସିବ ଏଇ ପାଣି ମୁନ୍ଦିଏ ପିଇ ଦେଇଥାଅ ।"

ବୈରାଗୀ ବାବୁ ଆଉ ତା'ର ସେକଥା ଶୁଣିପାରିଥିଲେ କି ନା କେଜାଣି ଆଖି ଦୁଇଟି ତାଙ୍କର ମୁଦ୍ରିତ ହୋଇସାରିଥିଲା । ସେତେବେଳେ ମୁଁ ସ୍ତବ୍ଧ, ବିସ୍ମୟ ବିମୂଢ଼ । ଭାବିଲି- ଆହା ହରିଦାସ ବିଚରା ଶେଷ ସୁଦ୍ଧା ମୋତେ ନାନା ଭାବରେ ବାରମ୍ବାର ଋଣୀ କରି ଚାଲିଗଲା । ତା'ପ୍ରତି, ତା'ର ପରିବାର ପ୍ରତି, ତା'ର ବାପ ପ୍ରତି ମୋର କ'ଣ କିଛି କର୍ତ୍ତବ୍ୟ ନଥିଲା ? ନିଜର ସକଳ ଦୁର୍ଦ୍ଦଶା ସତ୍ତ୍ୱେ ସେ ମୋର କେବେ ସାମାନ୍ୟ ସାହାଯ୍ୟ ବି ଲୋଡ଼ିଲା ନାହିଁ ? ଏହା ବି ତା'ହେଲେ ତା' ଜୀବନର ଆଉ ଏକ କଳା ? ? ?

❑

Digitized by srujanika@gmail.com

ରାମପୁର ହାଟ : ଏକ କରୁଣ ସୂର୍ଯ୍ୟାସ୍ତ

ସ୍ୱ ୧୯୭୭ ସେପ୍ଟେମ୍ବର ମାସର ଏକ ମଙ୍ଗଳବାର ଦିନ ।

ସକାଳ ପହରୁ ବର୍ଷାର ଚିହ୍ନବର୍ଣ୍ଣ ନାହିଁ । ଆକାଶ ସମ୍ପୂର୍ଣ୍ଣ ପରିଷ୍କାର ନଥିଲେ ବି ମେଘମାଳ ଏଣେ ତେଣେ ଆକାଶ ସାରା ବିଛେଇ ହୋଇପଡ଼ିଛି ।

ଆଜି ରାମପୁର ସାପ୍ତାହିକ ହାଟ ପାଳିଦିନ । ପ୍ରତି ସପ୍ତାହର ମଙ୍ଗଳବାର ଦିନ ହାଟ ବସେ । ବଡ଼ ହାଟଟିଏ । ବିଶେଷ କରି ପର୍ବପର୍ବାଣି ପାଖରେ ପଡୁଥିବା ପାଳି ଆଉ ଟିକିଏ ବଡ଼ଧରଣର ହାଟ ବସେ । ଆଖପାଖ ପ୍ରାୟ ୨୦/୨୫ ମାଇଲର ଦୋକାନୀମାନେ ଆସି ନିଜ ନିଜ ପସରା ଦେଇଥାଆନ୍ତି । କେଉଁ ଅନନ୍ତ ଦିନରୁ ଏହି ହାଟ ବସୁଛି କେଜାଣି । ଗାଁର ପୁରୁଖା ଲୋକେ ବି କହିପାରନ୍ତି ନାହିଁ। ପ୍ରକାଣ୍ଡ ପ୍ରକାଣ୍ଡ ଗଛ ସବୁ ଆକାଶଚୁମ୍ବୀ ନିଜ ନିଜ ଅବୟବ ବିସ୍ତାର ପୂର୍ବକ ହାଟବସା ସ୍ଥାନ ଖଣ୍ଡିକୁ ସୁଶୀତଳ ସୁନିର୍ମଳ କରି ରଖିଛନ୍ତି । ସେମାନେ ଯେପରି ଜାଣନ୍ତି ତାଙ୍କୁ ଆଶ୍ରୟ କରି ଏହି ମାନବ ସମାଜ ସପ୍ତାହରେ ଥରେ ଏଇଠି ଆସି ଠୁଳ ହୁଅନ୍ତି । ବିଭିନ୍ନ ଦ୍ରବ୍ୟ ସମୂହର କିଣାବିକା ହୁଏ । ଆଖପାଖର ଗାଁ ଲୋକେ ସାତଦିନ ପାଇଁ ପ୍ରାୟତଃନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ସବୁ କିଣି ରଖିଥାଆନ୍ତି । ହାଟ ପଡ଼ିଆ ସଲଗ୍ନ ଗୋଟିଏ ପୋଖରୀ ନିକଟରେ ଗୋରୁ ବଜାର ବି ହୁଏ । ବିଭିନ୍ନ ପ୍ରକାରର ଗୋରୁ ବି କିଣାବିକା ହୁଏ ।

ଏହି ଗ୍ରାମରେ ପୂର୍ବେ ପୋଲିସ ଷ୍ଟେସନଟିଏ ଥିଲା । ସୋନପୁର ମହାରାଜାଙ୍କ ଅମଳରେ । ଏବେ କୌଣସି କାରଣବଶତଃ ତାହା ନାହିଁ । ତେବେ

Digitized by srujanika@gmail.com

କୌଣସି ପ୍ରକାର ଉଲ୍ଲେଖଯୋଗ୍ୟ ଦଙ୍ଗା ହଙ୍ଗାମା ନଥାଇ ସୁରୁଖୁରୁରେ ହାଟ ଠିକ୍ ବସୁଛି । ବସି ଆସୁଛି । ସାଧାରଣ କିଛି ଗଣ୍ଡଗୋଳ ହେଲେ ଗାଁର ମୁଖ୍ୟ କେତେ ଜଣ ସେ ସବୁର ଯଥାର୍ଥ ସମାଧାନ ବି କରି ଦେଇଥାଆନ୍ତି ।

ଏହି ମୁଖିଆ ଲୋକଙ୍କ ଗୋଟିଏ ନିର୍ଦ୍ଦିଷ୍ଟ ଦଳ ଅଛି । ସେମାନେ ଗାଁର ହାନିଲାଭ ବି ବୁଝନ୍ତି । ଏବେ ଗାଁରେ ଶିକ୍ଷୋନ୍ନତି ଦୃଷ୍ଟିରୁ ଗୋଟିଏ ଉଚ୍ଚ ଇଂରାଜୀ ବିଦ୍ୟାଳୟ ମଧ୍ୟ ପ୍ରତିଷ୍ଠା କରି କ୍ଷୟକ୍ଷତି ନିଜେ ସହ୍ୟ କରି ସ୍କୁଲ୍ ପରିଚାଳନା କରୁଛନ୍ତି । ଆଜି ହାଟପାଲି- ରାମପୁର ଗାଁକୁ ଯିବାକୁ ପଡ଼ିବ । ଏହି ହାଟପାଳିଟି ଏ ଅଞ୍ଚଳର ଠିକ୍ ନବାନ୍ନ ପୂର୍ବରୁ ପଡୁଥିବାରୁ ରାମପୁରରୁ ପ୍ରାୟ ୯/୧୦ ମାଇଲ ଦୂରବର୍ତ୍ତୀ ବରପାଲିର ଲୋକ ବି ଏ ଗାଁକୁ ହାଟଦିନ ଯାଇଥାନ୍ତି ।

ପୂର୍ବେ ମୋଟର ଗାଡ଼ି ନଥିବା ଯୋଗୁଁ ଲୋକେ ବଳଦ ଗାଡ଼ିରେ କିମ୍ବା ପାଦରେ ଚାଲି ହାଟକୁ ଯାଉଥିଲେ । ଏବେ ହୀରାକୁଦ ବନ୍ଧ ତିଆରି ହେବା ଦିନୁ ଏବଂ କେନାଲରେ ପାଣି ଆସୁଥିବା ଯୋଗୁଁ କେନାଲ ତୀରରେ ଗୋଟିଏ ପ୍ରଶସ୍ତ ରାସ୍ତା ହୋଇସାରିଛି । କେନାଲ ଟ୍ରକ୍, ମୋଟର ଇତ୍ୟାଦିର କାମ ବି ହୋଇଯାଉଛି ଏବଂ ଗୋଟିଏ ପ୍ରଶସ୍ତ ରାସ୍ତା ଥିବାରୁ ସମ୍ଭବତଃ ସରକାରୀ, ବେସରକାରୀ ଗାଡ଼ି ଏବଂ ବିଭିନ୍ନ ପ୍ରାଇଭେଟ୍ କମ୍ପାନୀମାନଙ୍କ ଯାତ୍ରୀବାହୀ ଗାଡ଼ି ବି ଏ ରାସ୍ତାରେ କ୍ରମାଗତ ଭାବରେ ଚାଲିଆସୁଛି କେତେ ବର୍ଷ ହେଲା ।

କେନାଲ ତୀରରେ ଗୋଟିଏ ମାତ୍ର ଯାତ୍ରୀବାହୀ ମୋଟର ଗାଡ଼ି ଚାଲୁଥିବାରୁ ଏହି ଗାଡ଼ିରେ ଯାତ୍ରୀଙ୍କ ବହୁତ ଭିଡ଼ ହୁଏ । କିନ୍ତୁ କଣ୍ଡକ୍ଟରମାନେ କାହାରି ଦୁଃଖସୁଖକୁ ସହିନପାରି ଗାଡ଼ି ଭିତରେ ରହିଥିବା ଯାତ୍ରୀମାନଙ୍କ ସାମୟିକ ସୁଖ ସୁବିଧାକୁ ପଛରେ ପକାଇ ଦେଇ ସମସ୍ତ ଯାତ୍ରୀଙ୍କ ଈପ୍‌ସିତ ସ୍ଥାନକୁ ଯାତ୍ରା କରିବା ଆକାଙ୍‌କ୍ଷାରୁ କେବେ ବଞ୍ଚିତ କରନ୍ତି ନାହିଁ । ଗାଡ଼ି ଭିତରେ ଟିକି ପିଲାଟିମାନଙ୍କୁ ଧରି ମା'ମାନେ ନିଃଶ୍ୱାସ ମାରିବାକୁ ପବନ ଟିକିଏ ପାଇନପାରି ରଡ଼ି ଛାଡୁଥିଲେ ବି କୌଣସି ପ୍ରକାର ମା' ଭଉଣୀ କହି ବୁଝାଇସୁଝାଇ ଅଣନିଃଶ୍ୱାସୀ ଅବସ୍ଥାରେ ସମସ୍ତ ଯାତ୍ରୀ ଘୋର ଦୁର୍ଦ୍ଦଶା ମଧ୍ୟରେ ବି ଏହି ଗାଡ଼ିକୁ ହିଁ ଆଶ୍ରୟ କରିଥାଆନ୍ତି । ପୁଣି ସବ୍‌ଷ୍ଟେସନମାନଙ୍କରେ ଯେଉଁସବୁ ଯାତ୍ରୀ ହାତ ଟେକି ଦିଅନ୍ତି ଗାଡ଼ି ଅଟକେ ।

Digitized by srujanika@gmail.com

ଯାତ୍ରୀ ଗାଡ଼ି ଉପରେ ଯେନତେନ ପ୍ରକାରେଣ ଉଠନ୍ତି । ଗାଡ଼ି ଭିତରେ ଠିଆ ହୋଇଥିବା ଲୋକଙ୍କ ସଂଖ୍ୟା ବି ଅଳ୍ପ ନୁହେଁ ତହିଁରେ ସବ୍‌ଷ୍ଟେସନ ମାନଙ୍କରେ ହାତ ମାରି ଗାଡ଼ି ଠିଆ କରାଇ ତହଁ ଉପରେ ଚଢ଼ିଯିବା ଏବଂ କୌଣସିପ୍ରକାରେ ନିର୍ଦ୍ଦିଷ୍ଟ ସ୍ଥାନକୁ ପହଞ୍ଚିଯିବା ଇଚ୍ଛା ସଭିଙ୍କର । ଏ ଗାଡ଼ିଟି ଗଲେ ଚାଲି ଚାଲି ଯିବାକୁ ପଡ଼ିବ । ବଡ଼ ବାଧିକା କଥା । ଏ ଚିନ୍ତା ଗାଡ଼ିରେ ବସୁଥିବା କିମ୍ବା ଠିଆ ହୋଇଥିବା ଲୋକଙ୍କ ଯେପରି ଅଧିକ । କଣ୍ଡକ୍ଟର ମହାଶୟଙ୍କ ତତୋଽଧିକ । ଲୋକେ କହନ୍ତି ଉପୁରି ଦି'ପଇସା କଣ୍ଡକ୍ଟର ମହାଶୟ ପାଆନ୍ତି ବୋଲି ସେ ଏପରି କରନ୍ତି । ପୁଣି ଲୋକେ କହନ୍ତି ବାଟରେ ଘାଟରେ ଯେଉଁସବୁ ଚାହା ଜଳଖିଆ ଇତ୍ୟାଦି ଡ୍ରାଇଭର କ୍ଲିନର ଏବଂ ନିଜେ କଣ୍ଡକ୍ଟର କରି ଥାଆନ୍ତି ଏସବୁ ଉପୁରି ପାଣ୍ଠିରୁ ଖର୍ଚ୍ଚ କରାଯାଇଥାଏ ବୋଲି । ଆଉ ସବୁ କ'ଣ କଥାବାର୍ତ୍ତା ବି କରନ୍ତି । କେଉଁ କଣ୍ଡକ୍ଟର କେତେ ବଡ଼ କୋଠା ତିଆରି କଲ । କାହା ସ୍ତ୍ରୀ ବେକରେ କେତେ ଶହ ଗ୍ରାମ୍‌ର ସୁନାହାର, ତାହା ବି ଚଉଦ କେରେଟ୍ ସୁନା ନହୋଇ ଖାଣ୍ଟି ସୁନା । କିଏ ମଦ୍ୟପାନ ସକ୍ତ, କିଏ ପଇସା ମାଲିକଙ୍କୁ ବୁଝାଇ ଦେଇ ବାକିତକ ହାତ ପାଣ୍ଠି ରଖି ରାତ୍ରରେ ଖିଆପିଆ ସାରି କେଉଁଠିକି ବୁଲି ବାହାରେ ଇତ୍ୟାଦି ।

ଏହି ଯାତ୍ରୀମାନେ କଣ୍ଡକ୍ଟର ବାବୁଙ୍କ ଦୟାରୁ ଗାଡ଼ି ଉପରେ ଉଠି ଯିବା ପାଇଁ ବ୍ୟଗ୍ର ହୁଅନ୍ତି ପୁଣି ଏହି ଲୋକେ ହିଁ କଣ୍ଡକ୍ଟରମାନଙ୍କ ନିନ୍ଦା କରନ୍ତି ଏସବୁ କି ବିଚିତ୍ର ରୀତି ବୋଲି ବି ଲୋକେ କହନ୍ତି ନିଜ ନିଜ ନିରପେକ୍ଷତା ବଜାୟ ରଖି ଓ କଣ୍ଡକ୍ଟରକୁ ଶୁଣାଇ ଶୁଣାଇ । ଏପରି ନିତ୍ୟ ଚାଲିଛି (ବରପାଲିର) ରାଜୀବ ମେହେର- ସେ ଆଗାମୀ କାଲି ରାମପୁର ହାଟକୁ ତା'ର କପଡ଼ା ବିକି ଯିବ ବୋଲି ରାତ୍ରରୁ କେଉଁ ସବୁ କପଡ଼ା ନେବ ରାତିରେ ବନ୍ଧାଛନ୍ଦା କରି ବଡ଼ ଗଣ୍ଠିଲିଟିଏ କରି ରଖିଛି । ରାତି ପହରକରୁ ଉଠି ସେ ଗାଧୋଇପାଧୋଇ ଆସି କିଛି ଜଳଖିଆ କରି ବାହାରି ପଡ଼ିବ ମୋଟର ଗାଡ଼ିରେ । ନିଜ ପଡ଼ୋଶୀ ସୁରଜମଲର ଗାଡ଼ିଟିଏ ଅଛି । ହାଫ୍ ଟନ୍ ପ୍ରାଇଭେଟ୍ ଗାଡ଼ି । ବେଶି ଲୋକ ବି ବସି ପାରନ୍ତି ନାହିଁ । ଡ୍ରାଇଭର ନିଜେ ସୁରଜ ମଲ । ନିଜ ଗାଡ଼ି ନିଜେ ଦେଖାଶୁଣା କରେ । କିଛିଦିନ ହେଲା ସେ ଘରେ ନଥିବାରୁ ଗାଡ଼ିଟା ପଡ଼ି ରହିଛି । ଭାବିଥିଲା ବର୍ଷା ପରେ ଗାଡ଼ି

Digitized by srujanika@gmail.com

ଧରିବ । ଏହି ବର୍ଷା ମାସଟାରେ ଗାଡ଼ିର ପାର୍ଟ ସବୁ ବେଶି ଖରାପ ହୁଏ । ସୁରଜମଲ କିନ୍ତୁ ଦେଖିଲା ତା'ର ନିଜର ଭାଇ ଭଉଣୀ ବାପ, ମା' ସମସ୍ତଙ୍କୁ ଦୈନନ୍ଦିନ ଖର୍ଚ୍ଚ ଓ ଘର ଖର୍ଚ୍ଚ ତୁଲାଇବାକୁ ହାତରେ ଥିବା ପାଣ୍ଠି ସବୁ ସରି ବସିଲାଣି । ତେଣୁ ଭାବିଛି ଗତଥର ଗାଡ଼ି ଗ୍ୟାରେଜରେ ଥିବାବେଳେ ବ୍ରେକ୍‌ଟା ଭଲ ଧରୁନଥିବା କଥା ଗ୍ୟାରେଜ୍ ହେଡ୍ ଫିଟର କହୁଥିଲା । ଏ ପାଳି ରାମପୁର ବଜାରରୁ ଫେରି ଗ୍ୟାରେଜରେ ସବୁ ଠିକ୍ କରି ନେବି ବୋଲି ସୁରଜ ମଲ ମନେ ମନେ ଭାବୁଥିଲା । ଭଲ ହେବ ସକାଳରୁ ସହଳ ସହଳ ନିଜ ଗଣ୍ଠିଲିଟି ଆଗଗାଡ଼ିରେ ଥୋଇ ବାନ୍ଧି ଦେବା ମନସ୍ଥ କରି ରାଜୀବ ସୁଖନିଦ୍ରା ଗଲା ।

ରାଜୀବର ବାପ ମାଧବ ଅନେକ ଦିନ ହେଲା ଯୌବନାବସ୍ଥାରେ ଇହଧାମ ଛାଡ଼ି ଚାଲିଗଲା । ମାଧବ ଦୀର୍ଘବପୁର ଲୋକଟିଏ । ଆଗେ ଏତେ ମଟର ଗାଡ଼ି ନଥିଲା ଆଉ ମୋଟର ଗାଡ଼ିରେ ଚଢ଼ି ଯିବାକୁ ବି ସେ ସୁଖ ମଣେ ନାହିଁ । ଗାଡ଼ିର ବସିବା ଆହୁରି ଲୋକେ କେତେବେଳେ ବସିବେ କିଏ ଆସିବ, ଯିବ କେତେ ଝାମେଲା । ସମସ୍ତଙ୍କର ସୁବିଧା ହେଲେ ଯାଇ ଗାଡ଼ି ଛାଡ଼ିବ କି ସୁଖ ମିଳେ ତହିଁରୁ । ନିଜର ସାଇକେଲ ଖଣ୍ଡିକ ମାଧବ ସଜିଲ କରି ରଖିଥାଏ । ମନଇଛା ସକାଳ ପହରରୁ ଉଠେ । ନିଜ ନିତ୍ୟକର୍ମ ସାରିବାରେ ବି ସେପରି କିଛି ବ୍ୟସ୍ତ ହେବା କଥା ନୁହେଁ । ରାତ୍ରରେ ବେଶି ହାଲିଆ ଲାଗିଥିଲେ ଦି'ଟୋପା ପକାଇ ଦେଇଥାଏ । ସକାଳରୁ ଉଠିବା ବେଳେ ଗଜା । ଧୀରେ ସବୁ କାମ କହିବା ଭଲ । ଏତେ ବ୍ୟସ୍ତ ହେବାରେ କ'ଣ ଲାଭ ? ସେ ଭାବେ, ପୁଅକୁ ସବୁ ବେଳେ ଆକଟ କରି କହେ ଏତେ ବ୍ୟସ୍ତ, ଅଧୀର ନହେବାକୁ । ସେ କିନ୍ତୁ ତା'ର ନୀତି ନିୟମରେ ଖୁବ୍ ଟାଣ । ସ୍ୱାଧୀନ ଭାବରେ ମୁଠିଏ ଖାଇବ । ଏହି ଖାଇବା ପାଇଁ ସିନା ସବୁ । ଆଉ ନିଜ ଗଣ୍ଠିଲିପତ୍ର ପୂର୍ବ ରାତ୍ରରୁ ବନ୍ଧା ହୋଇ ସାଇକେଲରେ ରଖା ହୋଇଥିବ । ଖାଇବା ପରେ ରାଜୀବ ମା' ଙ୍କ ତିଆରି କରିଦେବ । ଇତ୍ୟବସରରେ ସେସବୁ ତିଆରି ଶେଷ ହେଲେ ସେ ପାନ ଖାଇ ଉଠିବ ଖଟରୁ । ଧରିଲା ସାଇକେଲ ଚାଲିଲା ହାଟକୁ । ସ୍ୱାଧୀନ ଭାବରେ ମାଧବର ଦିନେ କ'ଣ ହେଲା କେଜାଣି ସାଇକଲର ଲୁହା ଟିକିଏ ବାଜି ରକ୍ତ ବୋହିଲା । ୨/୪ ଦିନ ପରେ ପୂଜଟିକିଏ

Digitized by srujanika@gmail.com

ହେଲା । ଆଉ ହଠାତ୍ ଦିନେ ଇହଧାମ ଛାଡ଼ି ଚାଲିଗଲା । ଡାକ୍ତର କହିଲେ ଟେଟାନ୍‌ସ ହୋଇଗଲା ବୋଲି । ମାଧବର ବାପ ବି ବଡ଼ ଟାଣ ମଣିଷ ଥିଲା । ଦେହରେ ବେଶି ବଳ ନଥିଲେ ବି ମନରେ ଅଧିକ ବଳ । ସେ ବି ଦିନେ ଏହିପରି ବଜାର ଯିବା ବାଟରେ ଶୀଘ୍ର ପହଞ୍ଚିଯିବା ନିମନ୍ତେ ଟ୍ରକ୍ ଗୋଟିକ ଉପରେ ବସି ହାଟକୁ ବାହାରିଲା । ଟ୍ରକ୍ ଓଲଟିପଡ଼ିଲା ମାଧବର ବାପ ସେହିଠାରେ ହିଁ ଶେଷ ପାଇଗଲା । ସେଦିନଠାରୁ ମାଧବ ଏଇ ଟ୍ରକ୍ ଫ୍ରକ୍ ମୋଟର ଗାଡ଼ି ଉପରେ ବିଶ୍ୱାସ କରିନଥିଲା ଆଉ ବସୁ ନଥିଲା ବି । ହେଲେ ସେ ବି ଆକସ୍ମିକ ଭାବରେ ମୃତ୍ୟୁବରଣ କଲା । ଏସବୁ ଚିନ୍ତା କରି କରି ରାଜୀବ ଶୋଇପଡ଼ିଲା ।

ସହଦେବ ମେହେର : କେଉଁ ଆଦିମ କାଳରୁ ସେମାନେ ଏହି ଗ୍ରାମକୁ ଆସିଲେ କେଜାଣେ ତାଙ୍କର ସବୁ ଗୁଡ଼ିଏ ବନ୍ଧୁବାନ୍ଧବ ଆଖପାଖ ଅଞ୍ଚଳରେ ଛନ୍ଦାଛନ୍ଦି ହୋଇପଡ଼ିଛନ୍ତି । ସହଦେବର ବଡ଼ଦୁଇଭାଇ ବିଭିନ୍ନ ରୋଜଗାର କରନ୍ତି । ସେ ବିଚରା ଗଣ୍ଠିଲି କପଡ଼ା ଧରି ମୋଟରରେ ବସି ଗାଁ ଗାଁ ହାଟ ହାଟ ଯାଇ ନିଜ ବ୍ୟବସାୟ କରି କୁଟୁମ୍ବ ପ୍ରତିପୋଷଣ କରେ ରାଜୀବ ଓ ସହଦେବ ପଡ଼ୋଶୀ ଉଭୟଙ୍କ ବ୍ୟବସାୟ ବି ଏକାରକମ ତେଣୁ ତାଙ୍କର ଭଲ ପଡ଼େ ।

ସହଦେବ ବି ରାଜୀବ ସାଙ୍ଗରେ ସୁରଜମଲର ଗାଡ଼ିରେ ଯିବାକୁ ଠିକ୍ କରିଛି । ସୁମରନାଗ- ଗରିବ ବାଉରି ଲୋକଟିଏ । ତାର ସ୍ତ୍ରୀ ଲୀଳା ଆଉ ୧୩/ ୧୪ ବର୍ଷର ଝିଅ ଚନ୍ଦନା ସମସ୍ତେ ମିଶି କିଛି କାଚଚୁଡ଼ି ନେଇ ବଜାର ବଜାର ଯାଇ ବିକ୍ରୟ କରନ୍ତି । କାଚଚୁଡ଼ି ପିନ୍ଧାଇବା, ଗରାଖ ମନ ନେଇ ଦୁଇ ପଇସା ଅଧିକ କରି ବିକ୍ରି କରିବା ନିମନ୍ତେ ଘରେ କେହି ନ ରହି ରାତି ପହରରୁ ଖାଇପିଇ ଶୋଇ ପଡ଼ିଛନ୍ତି । ସେମାନେ ବି ଏଇ ସୁରଜମଲର ଗାଡ଼ିରେ ତିନିହେଁ ଯିବେ ।

ସୁଧୀର ହୋତା: ପାଖ ଗାଁର ଗୋଟିଏ ଗରିବ ବ୍ରାହ୍ମଣ ଲୋକ । ସ୍ତ୍ରୀ କୁମୁଦିନୀ । ୮-୧୦ ବର୍ଷ ହେଲା ବାହା ହୋଇ ନିଜ ଗାଁରେ ୩/୪ଟି ପିଲାଛୁଆଙ୍କୁ ନେଇ ଯେତେବେଳେ ଘର ସଂସାର ଚଳାଇବାକୁ ଅସମର୍ଥ ହେଲା ଗାଁ ଛାଡ଼ି ପଳାଇ ଆସି ଏହି ଗାଁରେ ଉଠା ଚା' ଜଳଖିଆ ଦୋକାନଟିଏ କରିଛି । ବଡ଼ ଧୀର, ଶାନ୍ତ କିନ୍ତୁ ଜିଦ୍‌ଖୋର ମଣିଷଟିଏ ।

Digitized by srujanika@gmail.com

କୁମୁଦିନୀର ବାପଘର ସମ୍ପତ୍ତି ଅଛି । କୁମୁଦିନୀର ବାପ ମା' ଛଡ଼ା ଆଉ ଦୁଇଟି ଭଉଣୀ ଅଛନ୍ତି । କୁମୁଦିନୀ ସୁଧୀରକୁ ଅନେକଥର କହିଛି ତା'ର ବାପଘରକୁ ଯାଇ ଧାନକ୍ଷେତରେ ହଳିଆଙ୍କୁ ଧରି କାମ କରାଇ ସମସ୍ତଙ୍କୁ ଭରଣପୋଷଣ କରିବା ସଙ୍ଗେ ସଙ୍ଗେ ନିଜ କୁଟୁମ୍ବକୁ ବି ପରିପୋଷଣ କରିହେବ ବୋଲି । ସୁଧୀର କିନ୍ତୁ ବଡ଼ ଏକବାଗିଆ- ସେ ବୁଝିଛି ଭିକ ମାଗିବ ପଛକେ ଶ୍ୱଶୁର, ଶାଶୁ, ଶାଳୀଙ୍କ ଘର ଜ୍ୱାଇଁ ହୋଇ ରହିବ ନାହିଁ । ଏଠାରେ ସେ ବିଚରା ନାନା ରକମର ମିଠା, ଖାରା ଜିନିଷ ତିଆରି କରି ବଜାର ବଜାର ଯାଇ ବିକ୍ରି କରି କିଛି କିଛି ରୋଜଗାର କରେ ଓ ନିଜ ପିଲାଛୁଆଙ୍କୁ ନେଇ ସ୍ୱାଧୀନଚେତା ଭାବରେ ଦୁଃଖେକଷ୍ଟେ କାଳାତିପାତ କରେ । ସେ ବି ଆଗାମୀ କାଲି ସୁରଜ ମଲର ଗାଡ଼ିରେ ନିଜ ସ୍ତ୍ରୀ କୁମୁଦିନୀ ଏବଂ ୨ଟି ପାରିବା ପିଲାଙ୍କୁ ଧରି ରାମପୁର ଯିବ ବୋଲି ରାତିରେ କଥାବାର୍ତ୍ତା ହେଲେ । ବଡ଼ଝିଅକୁ ୧୩/୧୫ ବର୍ଷ ଏବେ ବର୍ଷେ ହେଲା । ଯେଉଁ ଗୋରା ଟକ ଟକ ପିଲାଟିଏ ହୋଇଛି ତାହାକୁ ଧରି ବଡ଼ ଝିଅ ଘରେ ରହିବ । କିନ୍ତୁ ବଡ଼ ଝିଅ ମନା କଲା ମୁଁ ସେ ପିଲାକୁ ରଖିପାରିବି ନାହିଁ । କିପରି ରଖିବି ସେ ତ କ୍ଷୀର ପିଉଛି । ଶେଷରେ ଠିକଣା ହେଲା ବଡ଼ଝିଅ ପଡ଼ିଶାଘରେ ଝିଅମାନଙ୍କ ସାଙ୍ଗ ମେଳରେ ରହିବ ଆଉ ସୁଧୀର-କୁମୁଦିନୀ ସହିତ ପାରିଲା ପୁଅ ଦିଓଟି ଓ କୋଳ ପୁଅ ମିଶି ଯିବେ । ରାତିରେ କଥା ଠିକ୍ ହେଲା ଏବଂ ଶୋଇଲେ ।

ସେମାନେ ସଭିଏଁ ସକାଳ ନ ପାହୁଣୁ ନିଜ ନିଜ ଗଣ୍ଠିଲି, ପେଡ଼ି, ବୋକଚା ଧରି ଚାଲିଲେ ସୁରଜମଲ ଘରକୁ । ସେଠାରେ ଗାଡ଼ିରେ ବସି ସହଳ ସହଳ ହାଟକୁ ଗଲେ କିଛି ଜଳଖିଆ କରି ନିଜ ନିଜ ବୋଚକାମାନ ଖୋଲି ମେଲି ଦେଲେ ସହଳ ବିକ୍ରି ବି ହୋଇଯିବ ଓ ଶୀଘ୍ର ଫେରି ବି ଆସିପାରିବେ । ଗାଡ଼ି ତ ସୁରଜମଲର । ଗାଡ଼ି ପଛପଟରେ ସବୁ ଗଣ୍ଠିଲି ଜିନିଷପତ୍ର ଟକ ହେଲ୍‌ପର୍ ବନ୍ଧାବନ୍ଧି କଲା ଗାଡ଼ିର ପଛପଟରେ । କାଳେ ବାଟରେ ଘାଟରେ ପଡ଼ିନଯିବ ବୋଲି ଚୋସ୍ତ ଦୁରସ୍ତ କରି ବାନ୍ଧି ଦେଇଛି । ସୁରଜମଲ ବି ଦୁଇ ତିନିଥର ତାଗିଦ୍ କରି କରି କହିଲାଣି ଆଉ ନିଜେ ବି ଦୁଇ ତିନିଥର ପରୀକ୍ଷା କରି ଦେଖିଲାଣି ଯେପରି ଗାଡ଼ିରୁ ଫିଟିନପଡ଼େ ରାସ୍ତାରେ । ସବୁ ଠିକ୍‌ଠାକ୍ ହେଲା, ସଭିଏଁ ବସିଲେ । ଗାଡ଼ି ଛାଡ଼ିଲା ସୁରଜମଲ

Digitized by srujanika@gmail.com

ଈଶ୍ୱରଙ୍କୁ ସୁମରଣା କରି । ବସ୍ ଷ୍ଟେସନ୍‌ରେ ରହିମ ମିଆଁ ବଡ଼ ପାଟି କରି ଡାକିଲା ସୁରଜମଲଙ୍କୁ ମୁଁ ବି ରାମପୁର ଯିବି ବୋଲି । ରହିମ ମିଆଁ ଗୋଟିଏ ଫଳ ଦୋକାନ କରିଛି । ଏହି ଗାଁରେ ତା'ର ଶଶୁରାଲ । ନିଜ ସ୍ତ୍ରୀ ସହିତ ଆଲ୍ଲାଙ୍କୁ ସ୍ମରଣ କରି ସେ ଦିନେ ଫଳ ଦୋକାନଟିଏ ଦେଲା । ଧୀରେ ଧୀରେ ଫଳ ଦୋକାନରୁ ଦି'ପଇସା ଲାଭ ମିଳିଲା । ଭଲ ବ୍ୟବସାୟ । ଲୋକେ କହନ୍ତି ଫଳ ବ୍ୟବସାୟରେ ଲାଭ ଯଦି ନ ହେଉଛି କ୍ଷତି ହେବ ନାହିଁ । ରହିମ୍ କିନ୍ତୁ ଫଳ ଦୋକାନରେ ଏତିକି ଜାଣିଛି ଯେ ଲାଭ ଯଦି ନ ହେଲା, ଯେଉଁ ପାଚିଲା ଫଳ ସବୁ ପଚି ଯିବାର ଆଶଙ୍କା ଅଛି ସେ ନିଜେ ଉଦରସାତ୍ କରେ । ଏହା ବି ଭଲ ଲାଭଦାୟକ । ପୂର୍ବେ ରହିମ୍ ଏତେ ମୋଟା ତାଗଡ଼ା ନଥିଲା । ସୁସ୍ୱାଦୁ ପରିପକ୍ୱ ଫଳ ଖାଇଖାଇ ସେ ବେଶ୍ ସ୍ୱାସ୍ଥ୍ୟବାନ ହୋଇଗଲାଣି । ସେ କହେ ତନ୍ଦୁରସ୍ତ ପାଇଁ ଫଳାହାର ବଡ଼ ଉପକାରୀ । ଖୋଦାଙ୍କ କୁଦରତ୍‌ରୁ ଯାହାସବୁ ମିଳୁଛି ତହିଁରେ ଯେଉଁ ଜାନ୍ ଅଛି ଏହିସବୁ ମଣିଷ ତିଆରି ନାନାପ୍ରକାର ଖାଦ୍ୟରେ ମିଳାବଟ୍ ତ ହେଉଛି ତା ବାହାରେ କ'ଣ ସବୁ ମିଳାବଟ୍ ହେଉଛି ଇନ୍‌ସାନ ଜାଣିପାରୁ ନାହିଁ । କିଛି ପଇସା ରୋଜଗାର କରିବା ପାଇଁ ଇନ୍‌ସାନ ଇନ୍‌ସାନଙ୍କୁ କିପରି ଭାବରେ ଠକି ଚାଲିଛି ଏହା ବି ଖୁଦା କି କରାମତ୍ ।

ରହିମ୍ ପିଲାଟି ଏତେବେଶୀ କୋରାନ୍ ଫୋରାନ୍‌ର କିମ୍ବା ରୋଜା ଫୋଜା ଜାଣେ ନାହିଁ । ଗାଁର ନଜ ମଜହବି ଲୋକ ଯାହା କରନ୍ତି ସିଏ ବି ତାହା କରେ । କିନ୍ତୁ ସେ ମନେ ମନେ ଭାବେ-ଇନ୍‌ଶାନ୍ ଆଉ ଇନ୍‌ଶାନ୍ ଭିତରେ ଏତେ ତଫାତ୍ କାହିଁକି ? ନାନା ଧରଣର ଚିନ୍ତା !

ସେ କାହିଁକି କେଜାଣି ଆଜି ସୁରଜମଲଙ୍କୁ ଡାକିଲା ତାର ଗାଡ଼ିରେ ରାମପୁର ବଜାରକୁ ଯିବ ବୋଲି । ସେ ପ୍ରାୟ କୌଣସି ଦିନ ବଜାର ଯାଏ ନାହିଁ । ନିଜ ଠେଲାରେ ବସି ଫଳ ବିକ୍ରି କରେ । ଆଉ ତା'ର ନିଜର ବି ମୋଟର ସାଇକେଲଟିଏ ଅଛି । ସେ ଅନ୍ୟତ୍ର ଗଲେ ତହିଁରେ ଯାଏ । ଆଜି କେଜାଣେ କାହିଁକି ସୁରଜ ମଲର ଗାଡ଼ିରେ ଯିବାକୁ ବାହାରିଛି । ପିଲାଦିନର ଦୋସ୍ତ ଗାଡ଼ିରେ ସ୍ଥାନ ନାହିଁ ବସିବାକୁ । ଡ୍ରାଇଭର ପାଖ ସିଟ୍‌ରେ ସ୍ଥାନ ନାହିଁ । ନିଜ ଦୋସ୍ତ ଦିନେ ନାହିଁ କାଳେ ନାହିଁ କେବେବି କହି ନାହିଁ । ଏପରି ଅପ୍ରତ୍ୟାଶିତ ଭାବରେ ସେ

Digitized by srujanika@gmail.com

ଯେତେବେଳେ ବାହାରି ପଡ଼ିଛି ସେ ମନା କରିବ କିମିତି ? ତେବେ ସୁରଜ ମଲ ମନେମନେ ଭାବିଲା ସେ ଆସି ଦେଖି ନେଉ ଗାଡ଼ିର ଅବସ୍ଥା ତେବେ ସେ ନିଜେ ହିଁ ମନା କରିନେବ ଗାଡ଼ିରେ ଯିବାକୁ ।

ଅଗତ୍ୟା ଗାଡ଼ି ଅଟକିଲା, ରହିମ ଧାଇଁ ଯାଇ ଗାଡ଼ିର ଆଗ ସିଟ୍‌କୁ ଦେଖିନେଲା । ବଡ଼ ଭିଡ଼ ଅଛି । ପଛ ସିଟ୍‌ମାନଙ୍କରେ ବି ବସିବା ଜାଗା ନାହିଁ । କ'ଣ କରିବ ପଛପଟକୁ ସବୁ ଗଣ୍ଠିଲି ଚୋସ୍ତ କରି ବନ୍ଧା ଯାଇଛି । ପଛପଟକୁ କିନ୍ତୁ ପାଦ ରଖିବାକୁ ସାମାନ୍ୟ କିଛିଟା ଡାଲା ବାହାରିପଡ଼ିଛି । ରହିମ କହିଲା ସୁରଜ ମଲକୁ ମୁଁ ଏହି ଡାଲା ଉପରେ ଠିଆ ହୋଇ ଚାଲିଯିବି । ତୁ ଗାଡ଼ି ଚଲା । ସୁରଜ ମଲ ହଁ ନାହିଁ କିଛି କହିପାରିଲା ନାହିଁ । ତେବେ ସୁରଜ ମଲର ସ୍ୱୀକାରୋକ୍ତିକୁ ଅପେକ୍ଷା ନ କରି ରହିମ ଠିଆ ହେଲା ପଛପଟ ଡାଲାରେ । ଧୂଳି ଧୂସରିଆ କେନାଲ ରାସ୍ତାରେ ଯେତେବେଳେ ଗାଡ଼ି ପଶିଲା ରହିମ ବିଚରା ଧୂଳିରେ ଗାଧୋଇ ପଡ଼ିଲା । ତେବେବି ଆଗକୁ ମୁହଁ କରି ଗାଡ଼ି ଚାଲିଛି । ଗାଡ଼ି ଭିତରେ ସମସ୍ତେ ଖୁନ୍ଦାଖୁନ୍ଦି ହୋଇ ବସିଛନ୍ତି । ଦୁଇପରସ୍ତ କରି ଗାଡ଼ିର ପଛପଟକୁ ଗଣ୍ଠିଲି ସବୁ ଭିଡ଼ା ହୋଇଛି ।

କେନାଲ ପାଖ ଗୋଟିଏ ପୋଲ ପାଖରେ ଗାଡ଼ିର ଷ୍ଟିୟରିଂ ସୁରଜମଲର ହାତରେ ଠିକ୍ ରହିପାରିଲା ନାହିଁ । ଗାଡ଼ିଟି କେନାଲ ଆଡକୁ ମୁହାଁଇଲା । ଅତଡ଼ାରୁ କେନାଲଟି ତୀକ୍ଷ୍ଣ ହୋଇ ଉଠିନଥିଲେ ହେଁ ଧୀରେ ଧୀରେ ଗାଡ଼ି ପାଣି ଆଡକୁ ଆଗେଇବାରେ ଲାଗିଲା । ବ୍ରେକ୍ କସି ଦେଖିଲା ସୁରଜମଲ ବ୍ରେକ୍ ବି କାମ କରୁନାହିଁ । ସେ ଆଗପଛ ନ ବିଚାରୀ ଆଗସିଟ୍‌ର ଦୁଆର ଖୋଲି ଦେଇ ନିଜେ ପ୍ରଥମରୁ ଡେଇଁ ପଡ଼ିଲା । ଆଗ ସିଟ୍‌ରେ ସୁରଜମଲ ପାଖରେ ଯେଉଁସବୁ ଯାତ୍ରୀ ବସିଥିଲେ ସେମାନେ ତ କଷ୍ଟେମଷ୍ଟେ ବାହାରି ପଡ଼ିଥାନ୍ତେ । କିନ୍ତୁ ସେ ସମୟରେ ଗାଡ଼ିଟି ପାଣି ଭିତରକୁ ପଶିଯାଇସାରିଥିଲା । ଗାଡ଼ି ଭିତରୁ ଆତଙ୍କର ସମୂହ କୋଳାହାଳ ବାହାରକୁ ଶୁଣାଯିବା ଅବସ୍ଥାରେ ହିଁ ଗାଡ଼ିଟି ବୁଡ଼ିଗଲା । ରହିମ ତ ପଛ ପଟରେ ଠିଆ ହୋଇଥିଲା । ସେ ଏସବୁ ଘଟଣା ଘଟିଯିବା ପୂର୍ବରୁ ଗାଡ଼ିରୁ ଓହ୍ଲାଇପଡ଼ିଥିଲେ ବି ଗାଡ଼ିକୁ ଏକାକୀ ଅଟକାଇବାକୁ ଚେଷ୍ଟା କରି ବିଫଳ ହେଲା ।

Digitized by srujanika@gmail.com

ସେ ସେତେବେଳେ କ'ଣ ଭାବିଲା କେଜାଣି । ହଠାତ୍ ଆଗସିଟ୍‌ର ଦ୍ୱିତୀୟ କବାଟ ଖୋଲିବାକୁ ଚେଷ୍ଟା କଲା ଖୋଲି ନ ପାରି ଡ୍ରାଇଭର ପାଖ ସିଟ୍‌କୁ ପାଣି ଭିତରେ ହାତ ବଢ଼ାଇ ଆଗ ସିଟ୍‌ର ୨/୩ ଜଣଙ୍କୁ ବାହାରକୁ ତତ୍‌କ୍ଷଣାତ୍ ଓଟାରିଆଣିଲା । ସେମାନେ ସମସ୍ତେ ପାଣି ଭିତରେ ଉବୁଟୁବୁ ହୋଇଯାଇଥିଲେ ହେଁ ପାଣି ପିଇ ଦେଇ ଅଚେତ ଅବସ୍ଥାରେ ପଡ଼ି ରହିଲେ କେନାଲ କୂଳରେ । ବାକି ଗାଡ଼ି ଭିତରେ ଯେଉଁସବୁ ଯାତ୍ରୀ ବସିଥିଲେ ସେମାନଙ୍କ ବାହାରକୁ ଆସିବା ପାଇଁ ଆଉ ରାସ୍ତା ନଥିଲା । ଆଗପଟରେ ଡ୍ରାଇଭର ସିଟ୍ ବାଟ ଦେଇ ଆସିବାକୁ ଆଉ ବେଳ କାହିଁ? ପଛପଟରେ ତ ଗଣ୍ଠିଲି ସବୁ ଆଣ୍ଟ ହୋଇ ବନ୍ଧା ହୋଇଛି ? ସମ୍ଭବତଃ କିଛି ଉପାୟ ସ୍ଥିର କରିବା ପୂର୍ବରୁ ସମସ୍ତେ ସଲୀଳ ସମାଧି ଲାଭ କରିସାରିଥିଲେ ।

ସୁରଜମଲ ଭୟରେ ପଳାଇଛି । ମୁହଁରୁ କଥା ବାହାରୁ ନାହିଁ । ମାତ୍ର ରହିମ ଗାଡ଼ି ଭିତରୁ ଗୋଳିଆ ପାଣିରେ ହାତ ଅଣ୍ଡାଳି ଅଣ୍ଡାଳି ୨/୩ ଜଣଙ୍କୁ ଉଦ୍ଧାର କଲା । ସେମାନେ ସମସ୍ତେ ନିଃଶବ୍ଦ ହୋଇଯାଇଥିଲେ ।

ଏ ଘଟଣା ଦେଖି ଆଖପାଖର ଚାଷୀ ଲୋକେ କିଛି କିଛି ରହିମକୁ ସାହାଯ୍ୟ କଲେ ଲୋକଙ୍କୁ ଉଦ୍ଧାର କରିବା ପାଇଁ । କିନ୍ତୁ ସମସ୍ତେ 'ଶବ' ହିଁ ଉଦ୍ଧାର କଲେ । ସୁରଜ ମଲର ପରେ ପରେ ଯେଉଁ ସବୁ ପ୍ରାଇଭେଟ୍ ଗାଡ଼ି ଘଣ୍ଟାଏ ଅଧଘଣ୍ଟା ପରେ ରାମପୁର ବଜାରକୁ ଯାଉଥିଲେ ସଭିଏଁ ମିଳିମିଶି ଶବ ଅଚୈତନ୍ୟ ଲୋକମାନଙ୍କୁ ଶୀଘ୍ର ଗାଡ଼ିରେ ଧରି ଡାକ୍ତରଖାନାକୁ ପ୍ରତ୍ୟାବର୍ତ୍ତନ କଲେ । ମାତ୍ର ଯେଉଁମାନେ ଗାଡ଼ି ଭିତରେ ଥିଲେ ସମସ୍ତେ ନିଷ୍ପ୍ରଭ, ନିଷ୍ପ୍ରାଣ, ଦୀପ ସବୁ ଲିଭି ଯାଇସାରିଛି । ଡାକ୍ତରବାବୁ ଶତଚେଷ୍ଟା ସତ୍ତ୍ୱେ ମଧ୍ୟ ଆଉ କିଛି କରିପାରିନଥିଲେ ।

ଶହ ଶହ ଲୋକ ଆସି ଡାକ୍ତରଖାନାରେ ଗୁଣ୍ଡ ହେଲେ । ମୃତଜନଙ୍କ ଆତ୍ମୀୟମାନଙ୍କ ଶୋକରେ ଗଗନପବନ ମୁଖରିତ, ବ୍ୟାକୁଳିତ ହୋଇ ଉଠିଲା । ଡାକ୍ତରଙ୍କ ନିର୍ଦ୍ଦେଶରେ ସମସ୍ତ ଶବ ଉପରେ ଧଳା କପଡ଼ା ସବୁ ପକାଇ ଦିଆଗଲା । ସମସ୍ତ ଶବ ଦିଶୁଥିଲେ ଯେପରି ଶୋଇ ରହିଛନ୍ତି ଏଇ ମାତ୍ର ଡାକି ଦେଲେ ଉଠିପଡ଼ିବେ ।

Digitized by srujanika@gmail.com

ଧାଡ଼ି କରି ସମସ୍ତଙ୍କୁ ଶୁଆଇ ଦିଆଗଲା । ପୋଲିସ୍ ଆସିଲେ । ଡାକ୍ତର ମାଇନା ପାଇଁ ନେବାକୁ ସ୍ଥିର କଲେ । ବିଚିତ୍ର ମାନୁଷି ନିୟମ ସମସ୍ତେ ଜାଣନ୍ତି । ଏଇ ରାଜୀବ, ସମୀର, ସହଦେବ, କୁମୁଦିନୀ, ଲୀଳା, ଚନ୍ଦନା ଆଉ ତିନୋଟି ପିଲା ଜଳରେ ସମାଧିସ୍ଥ ହେଲେ । କିନ୍ତୁ ଡାକ୍ତର ମାଇନା ପାଇଁ ନିଆ ହେଲା ।

ସବୁ ପରୀକ୍ଷା ସରିଲା । ଡାକ୍ତର ସାର୍ଟିଫିକେଟ୍ ଦେଲେ ସମସ୍ତେ ଜଳରେ ସମାଧି ଲଭିଛନ୍ତି ।

ଏହି ଦୁର୍ଘଟଣା ସମସ୍ତଙ୍କୁ ଆତଙ୍କିତ, ଚମତ୍କୃତ ଏବଂ ବିସ୍ମୟ ବିମୂଢ଼ କରିଦେଲା । ଦିନଟି ହୋଇଗଲା ବଡ଼ ନିର୍ମମ, ନିର୍ଦ୍ଦୟ ଏବଂ ନିଶ୍ଚଳ ।

ଅଳ୍ପ ସମୟ ଭିତରେ କେତୋଟି ମହାନ୍ ଆତ୍ମାର କିପରି ଲୋମହର୍ଷଣ ଦେହାନ୍ତ ହେଲା ତାହା ଅଚିନ୍ତନୀୟ ଅବ୍ୟକ୍ତ । ସମସ୍ତଙ୍କ ମୁହଁରେ ଶୋକର ଛାୟା ହିଁ କେବଳ ଛାଇ ଦେଇଗଲା ।

ଏତାଦୃଶ ଦୁର୍ଘଟଣା ଆଉ କେବେବି ଏଠାରେ ଘଟିନଥିଲା । ଏକସାଙ୍ଗରେ ୭/୮ଟି ନିରୀହ ଜୀବନାବସାନ ବଡ଼ ମର୍ମନ୍ତୁଦ ।

ଏଥିରେ ତିନୋଟି ସକୁଟୁମ୍ବ ନିଧନ ହେଲେ । ତାଙ୍କର ଶବଦାହ ନିମନ୍ତେ ଗାଁରେ ଚାନ୍ଦା ଅସୁଲି ହେଲା । ସମସ୍ତେ ନିଜ ନିଜ ସାଧ ମତେ ଚାନ୍ଦା ଦେଲେ । ଶବ ସତ୍କାର ହେଲା ।

ସୁରଜମଲକୁ ଧରାଗଲା । କେସ୍ ଚାଲିଲା ବି ରହିମ ମୁସଲମାନ ପୁଅ ହୋଇ ଯାହାସବୁ କରିଗଲା ଏବଂ ତା' ପାଇଁ ଯେଉଁମାନେ ସମ୍ମୁଖ ମୃତ୍ୟୁରୁ ଉଦ୍ଧାର ପାଇଲେ ସେମାନେ ଏବଂ ଆମେ ସଭିଏଁ ଜାତିଧର୍ମ ନିର୍ବିଶେଷରେ ତାକୁ କୃତଜ୍ଞତା ଜଣାଇବା କଥା । ସେ ଆଲ୍ଲା ହୁଅନ୍ତୁ କିମ୍ବା ଈଶ୍ୱର ହୁଅନ୍ତୁ କେହି ଜଣେ ସୁପ୍ରିମ ପାଓ୍ୱାର ଦ୍ୱାରା ସେ ଅଭିପ୍ରେତ ହୋଇଥିଲା ବୋଲି ମନରେ ଧାରଣା ହୁଏ ।

ଆଉ ଯେଉଁମାନେ ସବୁ ସଲୀଳ ସମାଧି ଭଜିଲେ ସେମାନେ କେଉଁସବୁ ପୂର୍ବଜନ୍ମର ଘଟନା ପ୍ରବାହରେ କିପରି ଏକସଙ୍ଗରେ ବିଭିନ୍ନ ଜାତି, ଧର୍ମ, କୁଟୁମ୍ବର ଭେଟ ପଡ଼ି ଏକସଙ୍ଗରେ ଜୀବନଦୀପ ଲିଭାଇ ଦେଲେ !! ତାଙ୍କ ପାଇଁ କେହି ତ ଅଭିପ୍ରେତ ନଥିଲେ ! ଏହା କ'ଣ ଈଶ୍ୱରଙ୍କ ଇଚ୍ଛା ? ନା ଆଉ କ'ଣ କିଛି ???

❑

Digitized by srujanika@gmail.com

ଆଦିତ୍ୟ ସର୍ବଦ୍ରଷ୍ଟା

ପ୍ରଶାନ୍ତର ବିବାହ ହେଲା ବଡ଼ ଜାକଜମକରେ । ସେ କାଳରେ ଦଳ ଦଳ ହୋଇ ସାଙ୍ଗସାଥୀଙ୍କୁ ଶଗଡ଼ରେ ବରାତି ପାର୍ଟି ନେଇ ବିବାହ ମଣ୍ଡପରେ ବସିବା ବଡ଼ ସହଜ କଥା ନଥିଲା । ତାହା ଥିଲା ଆଭିଜାତ୍ୟର ପ୍ରତୀକ ।

ପ୍ରାୟ ୭/୮ ଖଣ୍ଡ ବଳଦ ଗାଡ଼ି ରାତି ସାରା ଚଳାଇ ତୁଳସୀପୁରରେ ପହୁଞ୍ଚାଇ ଦିଆଗଲା ।

ସୂର୍ଯ୍ୟ ଉଦୟ ହୋଇନାହାନ୍ତି । ସବୁ ଆଡ଼େ ସିନ୍ଦୂରା ଫାଟି ପଡୁଛି । ଗାଁର ଚାରି ପାଖରେ ତାଳ, ଖର୍ଜୁର, ବରଗଛ, ପିପ୍ପଳ ଗଛ ଘଞ୍ଚ ଭାବରେ ଲାଗିଛି । ସୂର୍ଯ୍ୟରଶ୍ମିର ପ୍ରଥମ ଅରୁଣ ଆଭାରେ ଯେପରି, ସମସ୍ତ ବୃକ୍ଷରାଜି ଉଲ୍ଲସିତ । ପ୍ରାଣବନ୍ତ । ଧୀର ସମୀର ସବୁଆଡ଼େ ସଂଚରି ଆହୁରି ପ୍ରାଣବନ୍ତ କରିଦେଉଛି ପ୍ରକୃତିକୁ । ପକ୍ଷୀକୁଳର କାକଳୀ । ବିଭିନ୍ନ ରଙ୍ଗର ପକ୍ଷୀ ସବୁ, କେତେ ରକମର ଖେଳ କସରତ୍ ଏ ଡାଳରୁ ସେ ଡାଳକୁ, ଏ ବୃକ୍ଷରୁ ସେ ବୃକ୍ଷକୁ, ଉଡ଼ି ପୁଣି ତା' ଉତ୍ତାରୁ, ତା' ଉତ୍ତାରୁ... କେତେ ମନୋମୁଗ୍ଧ କର ଉଲ୍ଲାସମୟ ଏ ସମୟ ! ପ୍ରାୟ ସଭିଏଁ ଉତ୍ସାହିତ ଯେପରି ପ୍ରଶାନ୍ତର ବାହାଘର ହେବା ଜାଣି ସଭିଏଁ ବଡ଼ିଭୋରରୁ ତତ୍ପର ।

ବାଜାବାଲାଏ ତାଙ୍କ କଉଡ଼ି ଗୁନ୍ଥା ଜାମାସବୁ ପିନ୍ଧି ମୁଣ୍ଡରେ ପଗଡ଼ି ବାନ୍ଧି, କଳାରଙ୍ଗ ପୂରା ପାଇଜାମା ସବୁ ପିନ୍ଧି ମୁନ୍ଦିଏ ଲେଖାଏଁ ପକାଇ ଆରମ୍ଭ କରି

Digitized by srujanika@gmail.com

ଦେଇଥିଲେ ପ୍ରାରମ୍ଭିକ ସଙ୍ଗୀତ । ବର ଆଗମନୀ ପ୍ରତ୍ୟୁଷବାର୍ତ୍ତା । ତେଣେ ତୁଳସୀପୁର ଗାଁ ଭିତରୁ ପ୍ରତ୍ୟୁତ୍ତର ଆସିଲା ଆମେ ବି ସଜାଗ । ଗମ୍ଭୀର ଢୋଲ, ମହୁରୀର ପ୍ରାତଃ ବନ୍ଦନା ସଙ୍ଗୀତ । ଲୋ ବଉଳ, ଲୋ ସଙ୍ଗାତ ଚାଲ ଦେଖିଯିବା ଆଜି ବରାତ ।

"ଆସିଛି ବର, କି ହରବର ସତେକି ଯେମିତି ବାନ୍ଧବୀ ତା'ର ନେଇ ପଳାଉଛି ଖଣ୍ଡ ପାମର ।" କରୁଣ ମୂର୍ଚ୍ଛନା ଭରା ସ୍ୱର ସଂଯୋଗ କରିଛି ମହୁରିଆ ଭାଇ ।

ରାତିସାରା ଚାଲି ଚାଲି ବଳଦ ବାପୁଡ଼ା ଏ ଫେଣ ନିର୍ଗତ ମୁହଁମେଲି, ପାକୁଳି କରି ଯେଉଁ ସ୍ଥାନମାନଙ୍କରେ ଗାଡ଼ି ଖୋଲାଯାଇଥିଲା ସେହି ଶଗଡ଼ ଚକମାନଙ୍କରେ ଦଉଡ଼ିରେ ବାନ୍ଧି ଦିଆଯାଇ ଥାଆନ୍ତି, ସେ ତଳେ ଗଡ଼ିପଡ଼ିଲେଣି । ଅର୍ଦ୍ଧମୁଣ୍ଡ ଅବସ୍ଥାରେ ପ୍ରଶାନ୍ତର ବାହାବେଶ ନୀରବରେ ନିରୀକ୍ଷଣ କରୁଛନ୍ତି ।

ସୂର୍ଯ୍ୟଦେବ ମଧ୍ୟ ଆଉ ଅଧିକ କ୍ଷଣ ବିଳମ୍ବ ନକରି ଏ ଉତ୍ସବକୁ ନିଜେ ଦେଖିବା ବାସନାରେ ଆକାଶ ଉପରକୁ ଲୋହିତରୁ ରଜତମୟ ରୂପ ସମ୍ଭାର ନେଇ ଆବିର୍ଭାବ ହେଲେ ।

ବଡ଼ ଉତ୍ସାହ, ଆନନ୍ଦ କୋଳାହଳମୟ ବାତାବରଣ । ସକାଳଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବନ୍ଧୁବାନ୍ଧବଙ୍କ ଯିବା ଆସିବା, ଖାଇବା, ପିଇବା ଚର୍ଚ୍ଚାରେ ପ୍ରାୟ ଅପରାହ୍ନ ୩ଟା ହେଲାଣି । ଏଥର ଅତିଥିବୃନ୍ଦଙ୍କ ଜଳଖିଆ ହେଉ ହେଉ ସନ୍ଧ୍ୟା ୫/୬ । ପେଟ୍ରୋମାକ୍ସ ଲାଇଟ ଜଳିଲା, ପାତ୍ରୀଘର ତରଫରୁ ନାଟକ ପ୍ରଦର୍ଶନ ହେବ । ଅତିଥିବୃନ୍ଦ ତୁଳସୀପୁର ଗାଁବାଲାଏ ପ୍ରାୟ ସମସ୍ତେ ବ୍ୟସ୍ତ ଆଜି ଗାଁରେ ନାଟକ ହେବ !

ତେଣେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇ, ଭୋଜି ଖାଇ କନ୍ୟାପାତ୍ରୀ ଓ ବରପାତ୍ର ଧରି ସ୍ୱତନ୍ତ୍ର ଏକ ଗାଡ଼ି ମଝିରେ କରି ଆଗରେ ତିନୋଟି ପଛରେ ଚାରୋଟି ଗାଡ଼ି । ପ୍ରତ୍ୟାବର୍ତ୍ତନ କଲେ ବରଯାତ୍ରୀ ଦଳ ଓ ନବଦମ୍ପତି ।

ପ୍ରଶାନ୍ତର ବନ୍ଦାପନା ପର୍ବ ମଧ୍ୟ ଯଥାରୀତି ସମ୍ପନ୍ନ ହେଲା ଆମ ଗାଁ ରାମପୁରରେ ।

Digitized by srujanika@gmail.com

ଦୁଇଦିନ ଦୁଇରାତି ସଭିଏଁ ଆନନ୍ଦ ଉଲ୍ଲାସରେ ବିଭୋର ଏବଂ ଅବଶ ମଧ୍ୟ ।

× × ×

ବୈବାହିକ ଜୀବନର ୨୦ ବର୍ଷ ମଧ୍ୟରେ ପ୍ରଶାନ୍ତର କେବଳ ମାତ୍ର ଝିଅଟିଏ ହୋଇଛି ।

ଏବେ ପ୍ରଶାନ୍ତର ଝିଅ ନନ୍ଦିନୀର ବିବାହ ବୟସ ଆସି ହେଲାଣି । ପାତ୍ର ଦେଖିବାକୁ ହେବ! ସାରଦା ବାରମ୍ବାର ପ୍ରଶାନ୍ତକୁ ତାଗିଦ୍ କରୁଛନ୍ତି । ପାତ୍ର! ଆଜିର ଏ ଯୌତୁକ କମ୍ପିଟେସନ ମାର୍କେଟରେ ପାତ୍ର କେଉଁଠୁ ଖୋଜି ପାଇବ ।

ପ୍ରଶାନ୍ତ ମନେ ମନେ ତା' ନିଜ ବିଗତ ଜୀବନର କଥା ଚିନ୍ତା କରେ । ବିବାହ ହେଲା ଦିନୁ ସାରଦାର ସାମାନ୍ୟ ସାମାନ୍ୟ ଅଭିଳାଷ ମଧ୍ୟ ପୂରଣ କରିପାରିନାହିଁ ।

ଭଲ ଶାଢ଼ି ଖଣ୍ଡିଏ । ଭଲ ପେଡ଼ିଲୁଗା ଦୁଇ ଖଣ୍ଡ ସୁଦ୍ଧା ସେ କିଣି ଦେଇପାରିନାହିଁ ।

ମାଷ୍ଟର ଚାକିରିରେ ସଦାସର୍ବଦା ସାଧୁ ସନ୍ନ୍ୟାସୀ ଜୀବନଯାପନ ପୂର୍ବକ, ଭବିଷ୍ୟତ ବଂଶଧରଗଣଙ୍କୁ ଜୀବନରେ ଏହିପରି ସାଧୁ, ସଚ୍ଚୋଟ ହେବାକୁ ଶିକ୍ଷା ଦେଉ ଦେଉ ନିଜ ବୟସ ଗଡ଼ିଯାଏ । ନିଜ ସାଧୁତା ଓ ସଚ୍ଚୋଟପଣିଆକୁ ଆଦର୍ଶାଗ୍ନିରେ ଆହୂତି ଦେଇ ଦେଇ କେଶ ପରିପକ୍ୱ ହୁଏ । ଆଖିରେ ଚଷମା ଲାଗେ ।

ଅଥଚ ବିଦ୍ୟାଭ୍ୟାସି ପିଲାଏ ପରବର୍ତ୍ତୀ ଜୀବନରେ କେହି ଯଦି କିଛି ଦୋଷାବହ କାଣ୍ଡ କରି ଦେଲେ ମଧ୍ୟ ମାଷ୍ଟରଙ୍କ ନିସ୍ତାର ନାହିଁ । ଜନେ କହିବେ ପ୍ରଶାନ୍ତ ମାଷ୍ଟ୍ରଙ୍କ ଛାତ୍ରଟି! ସବୁ ଦୋଷ ଯାକ ମାଷ୍ଟ୍ରଙ୍କ ।

ପିଲାଏ ଖେଳକୁଦରେ ବାଡ଼ିଆପିଟା ହେଲେ ଦୋଷ ହେବ ମାଷ୍ଟ୍ରଙ୍କ । ଏପରିକି ପିଲା ବିବାହ ହୋଇ ଭଲ ଭାବରେ ପତ୍ନୀକୁ ବ୍ୟବହାର ପ୍ରଦର୍ଶନ କରିନପାରିଲେ ଦୋଷ ହେବ ମାଷ୍ଟ୍ରଙ୍କ ।

ବୋହୂ ଯଦି ଶାଶୁ ଶ୍ୱଶୁରଙ୍କ ଯତ୍ନ ନେଇ ନ ଜାଣିଲା ଦୋଷ ହେବ ମାଷ୍ଟ୍ରଙ୍କ ।

Digitized by srujanika@gmail.com

ଏତେ ଦାୟିତ୍ୱ ନିଜ ମୁଣ୍ଡରେ ମୁଣ୍ଡେଇ ପ୍ରଶାନ୍ତ ତା'ର ମୁଣ୍ଡବାଳ ଧଳା କଲାଣି । ଆଖିରେ ଚଷମା ଅପରିପକ୍ୱ ବୟସରେ ନାଇଲାଣି ।

ତେବେ ପ୍ରତିବର୍ଷ ଦଳକୁ ଦଳ ପିଲାଏ ଆସୁଛନ୍ତି ସ୍କୁଲ୍‌ରେ ଭର୍ତ୍ତି ହେଉଛନ୍ତି ୪/୬ ବର୍ଷ ପାଠ ପଢ଼ି ସ୍କୁଲ୍ ଛାଡ଼ି କେତେକ କଲେଜରେ ପଢୁଛନ୍ତି । କେତେକେ ସ୍କୁଲ୍ ଛାଡ଼ି ପୈତୃକ ଜୀବିକାରେ ହସ୍ତ ପ୍ରସାରଣ କଲେଣି ।

ପ୍ରଶାନ୍ତ ମାଷ୍ଟ୍ରେ କିନ୍ତୁ ପୂର୍ବବତ୍ ଚାଲିଛନ୍ତି ବୟସ ଏବଂ ଆଦର୍ଶର ବୋଝ ମୁଣ୍ଡରେ ବୋହି ।

କଲେଜ ପାଠୁଆ ଛାତ୍ରମାନେ କେତେବେଳେ କିମିତି ମୁହଁ ହାବୁଡ଼ରେ ପଡ଼ିଗଲେ ବିନମ୍ର ଶୀରରେ ନମସ୍କାରଟିଏ ଲେଖାଏଁ କରନ୍ତି, ଟିକିଏ ପଛ ପଡ଼ିଲେ ଅବଶ୍ୟ ବିଡି ଟାଣନ୍ତି, ସିଗାରେଟ୍ ଟାଣନ୍ତି ଆଉ ଗଳ୍ପ ଗୁଜବ କରି ହୋଃ ହୋଃ ହୁଅନ୍ତି ।

ଏହା ଯେ ପ୍ରଶାନ୍ତ ପ୍ରତି ପ୍ରକାରାନ୍ତରେ ପରିହାସ ଏହା ବୁଝିବାକୁ ପ୍ରଶାନ୍ତର ବାକି ନଥାଏ । ତେବେ ନୀରବଦ୍ରଷ୍ଟା ହୋଇ ନିଜ ଉପରକୁ ସେସବୁ ଘେନି ସେ ଚାଲିଯାଇଥାଏ । ମନେମନେ ଆଶ୍ୱସ୍ତ ହୁଏ ଯା'ହେଉ ପିଲାଏ ତା' ସାମନାରେ ଟାଣୁନାହାନ୍ତି । ଆଉ ବିଦ୍ରୁପର ହାଃ ହାଃ ଶବ୍ଦ ଶୁଣିଲେ ସେ ନିଜେ ଚଞ୍ଚଳ ପଦକ୍ଷେପରେ ଆଗକୁ ମାଡ଼ିଯାଏ । ଉଦ୍ଦେଶ୍ୟ, ପିଲାଏ ଯେପରି ନ ଜାଣନ୍ତୁ ଯେ ତାହା ମୋ' କାନକୁ ଆସିଛି । ଆଉ ମୁଁ ବିନା ଆପତ୍ତି ଅଭିଯୋଗରେ ତାହା ସହିନେଇ ପ୍ରତ୍ୟୁତ୍ତର ନକରି ଚାଲିଆସିଛି ବୋଲି । ଶିକ୍ଷକ ଜୀବନର ଆଦର୍ଶ କଳଙ୍କିତ ନ ହେଉ ।

× × ×

ନନ୍ଦିନୀ ବଡ଼ ହେଲାଣି । ତା' ପାଇଁ ସୁଦ୍ଧା କିଛି ବି ତ କରିପାରିନାହିଁ । କେବଳ ହାଇସ୍କୁଲ ଯାଏ ପାଠ ପଢ଼ିଛି । ବଡ଼ ବୁଦ୍ଧିମତୀ । ସେ ବାପର ଦାରିଦ୍ର୍ୟକୁ ବୁଝିପାରି କେବେବି କିଛି ସୌଖୀନ ଜିନିଷ କିଣିବା ଲାଗି ଅଭିମାନ କରିନାହିଁ । ନହେଲା ବୋଲି ଅଭିଯୋଗ କରିନାହିଁ ।

ଉଭୟେ ସାରଦ ଆଉ ନନ୍ଦିନୀ ମା' ଝିଅ ଅଳ୍ପବହୁତ ଖୁସି ହୋଇ ଚଳିଯାଆନ୍ତି ।

Digitized by srujanika@gmail.com

ପ୍ରଶାନ୍ତ ଥରେ ହରିହାଟ ଦେଖିଯାଇଥିଲା, ଉତ୍ତରପ୍ରଦେଶରୁ ଭଲ କପଡ଼ା ଦୋକାନମାନ ଆସିଥିଲା । କେତେପ୍ରକାର ଶାଢ଼ି, ବ୍ଲାଉଜ କନା ଗ୍ରାହକ ଭିଡ଼ ବି କମ୍ ନଥିଲା । ସଭିଙ୍କ ହାତରେ ପଇସା । ପ୍ରଶାନ୍ତ ଦରମା ପାଇଛି । ହାତ ଖୁଜୁବୁଜୁ ହେଉଛି କ'ଣ କିଣିବ ବୋଲି । ଅଗତ୍ୟା ଉଭୟ ସ୍ତ୍ରୀ ଓ କନ୍ୟା ନିମନ୍ତେ ଶସ୍ତା ଦରର ଦୁଇଖଣ୍ଡ ଚଉଡ଼ା ନାଲି ଧଡ଼ି ସବୁଜ ଛକି ଛକି ଶାଢ଼ି ଆଉ ତାକୁ ମାନୁଥିବା ବ୍ଲାଉଜ ପିସ୍ ଦୁଇଖଣ୍ଡ କିଣି ଘରକୁ ଫେରିଲା ସନ୍ଧ୍ୟା ପରେ ।

ନନ୍ଦିନୀ ଆଉ ସାରଦା ତାହା ଦେଖି ଯେ କି ଖୁସି ! କି ଆନନ୍ଦ । ଅଯାଚିତ ଭାବରେ ଯେପରି ସ୍ୱର୍ଗର ପାରିଜାତ ତାଙ୍କ ହାତରେ ଖସିପଡ଼ିଛି ।

ନନ୍ଦିନୀ କହିଲା- "ବାପା ତୁମ ପାଇଁ କ'ଣ ଆଣିଛ" । ପ୍ରଶାନ୍ତ ମାଷ୍ଟ୍ରିଆ ବୁଦ୍ଧି ଖଞ୍ଜି କହିଲେ- "ଆନନ୍ଦ, ତୃପ୍ତି" । ତୁମ ଦୁଇଜଣଙ୍କ ଆନନ୍ଦ ଠାରୁ ଅଧିକ ମୋର କି ଲୋଡ଼ା ? ଝିଅ ମନ ନ ବୁଝିଲେ ବି ସେ ଲାଜେଇ ଆଉ କିଛି କହିନଥିଲା । ବାପ ମନ ସେ ଠିକ୍ ବୁଝେ ।

ତା'ପରଦିନ ତା'ର ସାଙ୍ଗ ଜଣେ ଦୁଇଜଣଙ୍କୁ ଡାକି ଶାଢ଼ି ବ୍ଲାଉଜ୍ କନା ଦେଖାଇ ସେ କି ଆନନ୍ଦ ପାଇନଥିଲା !

ସେହିଦିନଠାରୁ ଆଉ କିଛି କିଣା ହୋଇପାରିନାହିଁ । ଆଉ ଏପର୍ଯ୍ୟନ୍ତ ଏଇ ଅନଟନ ଲାଗି ହିଁ ରହିଛି ଯେ ମାସ ଶେଷରେ ସବୁ ବେଳେ ନିଅଣ୍ଟ ।

କେବେ କିମିତି ପଡ଼ିଶା ଘରକୁ ପର୍ବପର୍ବାଣିରେ ବୁଲିଗଲେ ଏକମାତ୍ର ଶାଢ଼ି ପିନ୍ଧି ସେମାନେ ମା' ଝିଅ ଯାଆନ୍ତି ଆଉ ସେଠାରୁ ଫେରିଲେ ପୁଣି ପାଲଟି ଯତ୍ନରେ ରଖି ଦିଅନ୍ତି ।

× × ×

ଇତିମଧ୍ୟରେ ଆହୁରି ଚାରିବର୍ଷ ବିତିଗଲାଣି । ସାରଦା ଏଥର ଅଭିମାନ କରି ଆଉ କିଛି କହୁନାହିଁ । ସବୁ ଦାରିଦ୍ର୍ୟ ଜାଣିଶୁଣିବି ସେ ଝିଅର ବଢ଼ିବା ବୟସ ଦେଖି ନିଜେ କିଛି କହିପାରୁନଥିବାରୁ ଏବଂ ପ୍ରଶାନ୍ତ ମଧ୍ୟ ଚୁପ୍ ରହୁଥିବାରୁ ନନ୍ଦିନୀର ଅନୁପସ୍ଥିତିରେ ସାରଦା ପ୍ରଶାନ୍ତର ଖାଇବା ସମୟରେ ଆସ୍ତେ କହେ ନନ୍ଦିନୀକୁ ଆଉ ଦେଖି ହେଉନାହିଁ !

Digitized by srujanika@gmail.com

ଏତିକି ଶୁଣି ପ୍ରଶାନ୍ତର ମୁହଁ ବିବର୍ଣ୍ଣ, ବିଷଣ୍ଣ ଓ ବିପନ୍ନ ହୋଇଯାଏ । ଦୀର୍ଘଶ୍ୱାସ ଛାଡ଼େ ।

ସାରଦା ବୁଝେ ଏଇ ନିରୁପାୟତାର ଦୀର୍ଘଶ୍ୱାସ, ମୌନରହେ ।

ଶଶଧର ପଟ୍ଟନାୟକ ରାମପୁର ଗ୍ରାମର ନିକଟରେ ଥିବା ନୂଆଁପଲ୍ଲୀ ବାସିନ୍ଦା । ଦିନେ ଆସି ପ୍ରଶାନ୍ତ ମାଷ୍ଟ୍ରଙ୍କୁ କହିଲେ- "ଆଜ୍ଞା, ମୋର ପୁଅ ଆପଣଙ୍କ ଛାତ୍ର । ଶିକ୍ଷକତା କରୁଛି ଏଇ ପାଖ ଗାଁରେ । ଆପଣ ତ ବୁଦ୍ଧିମାନ ଲୋକ । ଶିକ୍ଷକ ଲୋକ । ମୁଁ ଆଉ ଅଧିକ ଆପଣଙ୍କୁ କ'ଣ କହିବି । ଗୋପାଳ ପାଇଁ ପାତ୍ରୀଟିଏ ଖୋଜୁଛି । ଶୁଣିଲି ଆପଣଙ୍କ ନନ୍ଦିନୀ... ।

ପ୍ରଶାନ୍ତ ଗୋପାଳକୁ ଖୁବ୍ ଭଲ ଭାବରେ ଜାଣନ୍ତି । ବଡ଼ ସୁଧାର ସାଧୁ ଚରିତ୍ରର ପିଲା ଏକା! ବହୁଦିନରୁ ଈପ୍‌ସିତ ଏକ ଉଚ୍ଚ ଆକାଙ୍‌କ୍ଷା ଆଜି ସମ୍ପନ୍ନ ହେଲା ଈଶ୍ୱରଙ୍କ କରୁଣାରୁ । ପ୍ରଶାନ୍ତ ଆଉ ସାରଦା କୃତକୃତ୍ୟ ହୋଇଯାଇଥିଲେ ଏହି ଅପ୍ରତ୍ୟାଶିତ ପ୍ରସ୍ତାବରେ ।

ଯଥା ସମୟରେ ବୈବାହିକ କାର୍ଯ୍ୟ ସମ୍ପନ୍ନ ହେଲା । ପ୍ରଶାନ୍ତ ଜିପିଏଫ୍‌ରୁ ବହୁ କଷ୍ଟରେ ଗଚ୍ଛିତ ଥିବା ପାଣ୍ଠିରୁ ଆଣି ବିବାହ କାର୍ଯ୍ୟ ତୁଲାଇଲେ ।

ନନ୍ଦିନୀ ଶାଶୁଘରକୁ ଗଲା ।

× × ×

ଏବେ ସାରଦା ଆଉ ମାଷ୍ଟ୍ରେ ନିତାନ୍ତ ବୃଦ୍ଧା ଓ ବୃଦ୍ଧ ହେବା ପରି ଅନୁଭବ କରୁଛନ୍ତି । ବହୁଦିନର ଚିନ୍ତାଗ୍ରସ୍ତତା, ତାଙ୍କର ବୟସ ଅତ୍ୟଧିକ ନ ହେଲେ ମଧ୍ୟ ନାନାରୋଗ, ବୈରାଗ୍ୟ ଆବୋରି ବସିଲାଣି । ଅଭାବ ଅନଟନରେ କାଳାତିପାତ ଛଡ଼ା ଔଷଧ ପତ୍ରାଦି କରିବାକୁ ସମ୍ବଳ କାହିଁ??

ମାଷ୍ଟ୍ରେ ରିଟାୟାର କଲେଣି । ସାରଦା ସ୍ତ୍ରୀ ରୋଗ ଆକ୍ରାନ୍ତା । କେତେବେଳେ ମୁଣ୍ଡ ବିନ୍ଧୁଛି ତ କେତେବେଳେ ଛାତି ଗ୍ୟାସ୍‌ରେ ରୁନ୍ଧି ହେବା ପରି ହେଉଛି । ଔଷଧପତ୍ରକୁ ପଇସା ନାହିଁ । ଏପରି ଘାତ ପ୍ରତିଘାତ ସହି ନପାରି ସାରଦାଙ୍କ ଅକାଳରେ କାଳ ହେଲା ।

ପ୍ରଶାନ୍ତ ନିଜକୁ ଅଧିକ ଧିକ୍କାର କରିକରି ଆହୁରି ଶୀର୍ଣ୍ଣ ହେଲେଣି । ଅତୀତର ସମସ୍ତ ବାସ୍ତବତା, ସାରଦାମଣିକୁ ବାହା ହେବା ସମୟର ଆଡମ୍ବର ଆଉ ଏବେ ଜୀବନ ପଥର ଏହି ସହଯାତ୍ରିଣୀର ଦେହାବସାନ! ଆହା ବିଚାରୀ!!

Digitized by srujanika@gmail.com

ଆଉ ଚାରିମାସ ପରେ ନିଜକୁ ନିଃସହାୟ ଭାବି ସେ ମଧ୍ୟ କାଳଗ୍ରସ୍ତ ହେଲେ । ଏ ସମୟରେ ମଧ୍ୟ ସର୍ବଦ୍ରଷ୍ଟା ଆଦିତ୍ୟ ଅସ୍ତଗାମୀ ହେଉଥିଲେ ପଶ୍ଚିମ ଆକାଶରେ ।

ଯାହା ହେଉ, ପ୍ରଶାନ୍ତ ମାଷ୍ଟ୍ରଙ୍କ ଜିପିଏଫ୍‌ରେ କିଛି ପଇସା ଗଚ୍ଛିତ ଥିଲା ବୋଲି ତାଙ୍କ ପଡ଼ୋଶୀ ଶ୍ୟାମଚରଣ ଗଡ଼ତିଆ ତାଙ୍କ ଶ୍ରାଦ୍ଧାଦିକ୍ରିୟା ବହୁ ସହାନୁଭୂତିଶୀଳ ହୋଇ ଯଥା ସମୟରେ ଓ ନିର୍ବିଘ୍ନରେ ନନ୍ଦିନୀ ଦ୍ୱାରା କରାଇ ନେଇପାରିଥିଲେ । ମାଷ୍ଟ୍ରେ ଅନୁରୁଣି ହୋଇ ସଂସାରରୁ ବିଦାୟ ନେଲେ । କାହାରି ପ୍ରତିଦ୍ୱେଷ ନାହିଁ, ଅହଂକାର ନାହିଁ, ଆପତ୍ତି ନାହିଁ, ଅଭିଯୋଗ ନାହିଁ । ନିତାନ୍ତ ସାଧୁପୁରୁଷ ! ! ଏକ ନିଃସ୍ୱ ଆଦର୍ଶ ଶିକ୍ଷକଙ୍କ ଜୀବନର ଅବସାନ ପରେ କିଏ ଭଲା ତାଙ୍କୁ ମନେରଖନ୍ତା ! !

❑

Digitized by srujanika@gmail.com

ଦୀପାବଳୀ : ପଚିଶ ବର୍ଷ ତଳେ

||୧||

ଆଜି ଏହି ବର୍ଷଣମୁଖର ସନ୍ଧ୍ୟାରେ ସେ ଝିଅଟି କଥା ମନେପଡୁଛି ।

ଅନେକ ଦିନ ପରେ ଆମ ଗାଁ ଫୁଟବଲ ପଡ଼ିଆକୁ ସର୍କସ ପାର୍ଟିଟିଏ ଆସିଛି । ଘର ନିକଟ ବୃହତ୍ ରାହୁଟିରେ ଅନେକ ଜିନିଷ । ଏସବୁ ସ୍ଥାନାନ୍ତରିତ କରି ଆଣିବାକୁ ପ୍ରାୟ ଅତି ତତ୍ପରତାର ସହିତ ଚେଷ୍ଟା କରି ବି ସପ୍ତାହେ ଖଣ୍ଡେରୁ କମ୍ ଲାଗିନଥାଏ । ସର୍କସ୍‌ର ଜିନିଷ ଲୁହା ଲସ୍କର ସାମଗ୍ରୀ ଅଧିକ । ଟ୍ରକ୍‌ରୁ ଓହ୍ଲାଇଲାବେଳେ ବିରାଟ ଝଣଝାଣ ଶବ୍ଦ ବହୁ ବଳିଷ୍ଠ ପରିଶ୍ରମୀ ମୋଟାସୋଟା ଲୋକମାନଙ୍କ କାମ । ସାଧାରଣ ମଇଳା ଗଞ୍ଜି ଖଣ୍ଡିଏ ଲେଖାଏଁ ଆଉ ବିଭିନ୍ନ ରଙ୍ଗର ଲୁଙ୍ଗି ପରିଧାନ । ଦେହରେ ଅମାପ ବଳ । ଚାରିଜଣ ଶ୍ରମିକ ମଧ୍ୟ ବିରାଟ ଲୌହ ଯନ୍ତ୍ରମାନ ସଶବ୍ଦେ ଭୂପତିତ କରୁଛନ୍ତି ଟ୍ରକ୍ ଉପରୁ ।

ଫୁଟବଲ୍ ପଡ଼ିଆଟି ଗୋଟିଏ ଚୌମୁହାଣ ରାସ୍ତାର ମଧ୍ୟସ୍ଥଳରେ । ବିଭିନ୍ନ ଗ୍ରାମାଞ୍ଚଳରୁ ନିତି ଯିବା ଆସିବା କରୁଥିବା ପଥିକମାନେ ଏ ସମସ୍ତ କାରଣରୁ ଘଡ଼ିଏ ଠିଆ ହୋଇ ଦେଖନ୍ତି, ଏହାବି ଏକପ୍ରକାର ପ୍ରଚାର । ଆପେ ଆପେ ଏ ପ୍ରଚାର ହୋଇଥାଏ ଲୋକ ମୁଖରେ । ଏ ମୁଖରୁ ଦଶମୁଖକୁ । ସର୍କସ ଆସିଛି । ବହୁତ ଜିନିଷ । ସପ୍ତାହେ ହେଲା ଟ୍ରକ୍‌କୁ ଟ୍ରକ୍ ଆସୁଛି ମୁଁ ପରା ପ୍ରତ୍ୟହ ଦେଖିଆସୁଛି । ମଫସଲ ଗ୍ରାମର ସିଆଣୀୟା ଟୋକାଏ ସାଇକେଲ ଚଢ଼ି ଘଣ୍ଟାଏ ଅଧଘଣ୍ଟାର ବାଟ

Digitized by srujanika@gmail.com

ଏ ସ୍ଥଳକୁ ଆସି କ'ଣ ସବୁ ଦେଖି ଯାଇଛନ୍ତି ତହିଁର ପ୍ରଚାର କରନ୍ତି । ଯେଉଁମାନେ ଏସବୁ ଶୁଣନ୍ତି ମନେମନେ ପ୍ରସ୍ତୁତ ହୁଅନ୍ତି ସର୍କସ ଦେଖି ଆସିବା ପାଇଁ । ପିଲା ପିଚିକା ଧରି ମଫସଲବାସୀ ତ, ସାଧାରଣ ଭାବରେ ସଭିଏଁ ଚାଷ ନିର୍ଭରଶୀଳ । ସେହି ଚାଷରୁ ଉତ୍ପାଦିତ ଶସ୍ୟାଦି ବିକ୍ରୟ କରି କିଛି ପଇସା ଠୁଳ କରି ବସିଲେଣି । ରାତ୍ରର ଖାଇବା ସମୟରେ ମିଞ୍ଜିମିଞ୍ଜି ଆଲୁଅରେ ଘରର ସମସ୍ତେ ଏକାଠି ଖାଇ ବସିବା ସମୟରେ ଏହି ଅଦ୍ଭୁତ ସର୍କସର ବିଭିନ୍ନ ପ୍ରକାର କଳ୍ପନା କରି ଘରେ ଘରେ କଥା ପଡ଼ିଥାଏ । କିଏ କିଏ ସବୁ ଆଗ ଦେଖି ଆସିବେ । ତା'ପରେ ଆଉ କିଏ ମାନେ ଯିବେ ?

ସମସ୍ତେ ମନେ ମନେ ପ୍ରସ୍ତୁତ ହେଉଥିଲେ । ବୃଦ୍ଧ ବନିତା ଯାହା କୁହନ୍ତି ସର୍କସ ଅର୍ଥ ସମସ୍ତ ଖେଳ ଦେଖିବା କାହାକୁ କିଛି ଅବୁଝା ରହେ ନାହିଁ । ଦେଖି ବୁଝିପାରିବା ଏଠାରେ ଛନ୍ଦକପଟ କିଛି ନାହିଁ । ପ୍ରଶସ୍ତ ମଣ୍ଡଳ ମଧ୍ୟରେ ଖେଳ ଚାରିଆଡ଼େ ଉଜ୍ଜ୍ୱଳ ଆଲୁଅର ବ୍ୟବସ୍ଥା । ବିଭିନ୍ନ ପୋଷାକ ପରିଚ୍ଛଦ ପରିହିତ ଖେଳାଳି ପହିଲମାନ ଏବଂ ତା' ସହିତ ବଣ୍ୟ ପଶୁପକ୍ଷୀଙ୍କୁ ଅଭ୍ୟାସ କରାଇଥିବା ଖେଳ । ଘୋଡ଼ା ଦୌଡୁଛି ରିଂ ଭିତରେ ଗୋଲାକାର ଭାବରେ ଆରୋହୀ ହାଫ୍ ପେଣ୍ଟ ପିନ୍ଧି ଘୋଡ଼ା ଉପରେ ମାଙ୍କଡ଼ ଚିତ୍ ମାରୁଛି । କେତେବେଳେ ଏହି ଦୌଡ଼ିବା ଅବସ୍ଥାରେ ତଳେ ପଡ଼ିଥିବା ପେଣ୍ଟକୁ ଘୋଡ଼ା ଉପରୁ ଓହଳି ପଡ଼ି ଭୂମି ସ୍ପର୍ଶ ନ କରି ଉପରେ ଉପରେ ଉଠାଇ ନେଉଛି ।

ବାଘଖେଳ, ମାଙ୍କଡ଼ ଖେଳ, କୁକୁର ଖେଳ କେତେ ପ୍ରକାର ଖେଳ ସମସ୍ତ ସର୍ବସମକ୍ଷରେ । ଏଠାରେ କଥା କମ୍ କାମ ବେଶି । କାହାରିକୁ ଫୁରସତ ନାହିଁ । ନିମିଷକେ ଖେଳ ସାମାନ୍ ସବୁ ଖେଳ ସରିବା ପରେ ପରେ ଶ୍ରମିକମାନେ ସଫା କରିନେଉଛନ୍ତି ।

ଏ ସମସ୍ତ ଖେଳ ପରେ ତା'ର ଉପରେ ଚାଇନିଜ ଛତା ଧରି ଦୁଇଟି ଝିଅ ଖେଳ ଦେଖାଇବେ । ଚମତ୍କାର ଖେଳ ।

ଦୁଇ ଭଉଣୀ । ବଡ଼ ଭଦ୍ର ବିନମ୍ର । ପ୍ରଥମରୁ ହସି ହସି ଆସି ସାମାନ୍ୟ ମୁଣ୍ଡ ନୁଆଁଇ ହାତ ଦୁଇଟି ଦୁଇ ଦିଗକୁ ପ୍ରସାରଣ କରି ଦର୍ଶକ ଗ୍ୟାଲେରି ଚେୟାର

Digitized by srujanika@gmail.com

ଯେଉଁଠାରେ ପଡ଼ିଥାଏ ସେ ଦିଗକୁ ସମ୍ମୁଖ କରି ଅଭିବାଦନ କରିବେ । (ସାଧାରଣତଃ ସର୍କସ୍ ଖେଳାଳିମାନଙ୍କ ପ୍ରବେଶ ପଥର ଠିକ୍ ସମ୍ମୁଖରେ ଚେୟାର ପଡ଼େ ।) ଦାମିକା ସିଟ୍ । ଦାମିକା ଲୋକେ ବସିବେ । ଭଦ୍ରଜନ । ତେଣୁ କୌଣସିଠାରେ ମଧ ଖେଳାଳିମାନଙ୍କୁ କଷ୍ଟ କରିବାକୁ ପଡ଼ିନଥାଏ । ଯେଉଁଠାରେ ଯାହା ରହିବା କଥା ବାମ ଡାହାଣ ପଛପଟ ଆଗପଟ ସବୁ ସ୍ଥାନରେ ସମସ୍ତ ବ୍ୟବସ୍ଥା ସଠିକ୍ ହୋଇଥାଏ ।

ସଦ୍ୟ ପ୍ରସ୍ଫୁଟିତ ଦୁଇଟି ସୂର୍ଯ୍ୟମୁଖୀ ଫୁଲପରି ହସ । ବର୍ଣ୍ଣ ଉଜ୍ଜ୍ୱଳ, ଶ୍ୟାମଳ, ବେଶ୍ ସ୍ୱାସ୍ଥ୍ୟବତୀ । ଧଳାଧଳା ହାଫ୍ ପେଣ୍ଟ ସାର୍ଟ । ବଡ଼ ଭଉଣୀର ବସନ୍ତ ଦାଗ ସମ୍ମିଳିତ ନମ୍ର ହସ ଆଉ ଛୋଟ ଭଉଣୀ ବଡ଼ ଠାରୁ ଟିକିଏ ପତଳା ଡେଙ୍ଗା ସୁଗଠିତ ।

ସମସ୍ତ ଦର୍ଶକଙ୍କୁ ଚମତ୍କୃତ କରି ସରୁ ଶୁଭ୍ରସମ ତାର ଉପରେ ଏପରି ନାଚି ନାଚି ଖେଳ ଦେଖାଇବେ ଯେ ସମସ୍ତେ ମୁଗ୍ଧ, ସ୍ତବ୍ଧ, ହୋଇ ସେମାନଙ୍କ ଉପରେ ଆଖିଟି ମାନ ପକାଇଥିବେ । ମଝିରେ ସାମାନ୍ୟ ରେଷ୍ଟ ପରିଶ୍ରମ ଜନିତ କ୍ଳାନ୍ତି ଅପନୋଦନ କରିବାକୁ ଉଭୟେ ତାରର ଉଭୟ ପଟର ରେଷ୍ଟ ସିଟ୍ ଉପରେ ଠିଆ ହୋଇ ଅଳସେଇବେ ।

ଇତିମଧ୍ୟରେ ଅଜ୍ଞାକୃତି ବିଶିଷ୍ଟ (ଏକ ଜାତୀୟ ବାମନ) ଜୋକର୍‌ମାନେ ମୁହଁଟିମାନଙ୍କରେ ଧଳା ପାଉଡର ବୋଳି ସେମାନଙ୍କ ଆୟାସସାଧ ପରିଶ୍ରମକୁ ଲୋକ ଦେଖାଣିଆ ପରିଶ୍ରମ କରି ଏ ଝିଅମାନେ କିପରି ଦର୍ଶକଙ୍କୁ ପ୍ରତାରଣା କରୁଛନ୍ତି ଆଉ ତା'ହା କେତେ ସହଜସାଧ ପ୍ରମାଣିତ କରିବାକୁ ଯାଇ ସେହି ତାର ଉପରେ ଝୁଲିପଡ଼ିବେ । ଜଣେ ଅନ୍ୟ ଜଣକୁ ଦୁଇ ତିନିଟିରା ହୋଇଥିବା କାଠ ଫାଳିଆରେ (ଅଳ୍ପ ମାଇଲେ ମଧ ଅତ୍ୟଧିକ ମାରିବା ପରି ଶବ୍ଦ ସମ୍ମିଳିତ) ତୁ ଜାଣୁନୁ ମୁଁ ଅଧିକ ଜାଣିବାର ବୋଲି ସେ ଝୁଲିପଡ଼ିବ । ବାସ୍ ଏତିକିରେ ସେମାନେ ବହୁ ଶ୍ରମଜନିତ ବାମ ଡାହାଣ ଉଭୟ ଭୂଲତାରେ ଜମା ହୋଇ ରହିଯାଇଥିବା ସ୍ୱେଦ ସମୂହକୁ ପୋଛି ପକାଇବା ବାହାନା କରୁଥିବେ । ଏ ସମସ୍ତ ହାସ୍ୟକର ବ୍ୟାପାର । ପ୍ରଥମରୁ ଆମେ କଳା ନୋହୁଁ ବେଶ୍ ଫରଚା ପରିକା ଗୋରା ଲୋକର ପାଉଡର ବୋଳା ହାସ୍ୟକର ନମୁନା । ତା' ସହିତ ଏ ସମସ୍ତ ବିଚିତ୍ର ଚିନ୍ତା ସମନ୍ୱିତ

Digitized by srujanika@gmail.com

ହାସ୍ୟ ଦୃଶ୍ୟ ପ୍ରକଟକାରୀ କଳ୍ପନା ବେଶ୍ ପରିତୃପ୍ତିକର ହେବା ସଙ୍ଗେ ସଙ୍ଗେ ବହୁ ଶ୍ରମ ସ୍ୱୀକୃତ ପ୍ରକୃତ ଖେଳାଳିଙ୍କ ଶ୍ରମ ଲାଘବ ଏକା ସଙ୍ଗେ ହୋଇଯାଇଥାଏ । ତା'ପରେ ପୁଣି ଖେଳ । ପୂର୍ବ ଖେଳ ଅପେକ୍ଷା ଅଦ୍ଭୁତ ଭାରସାମ୍ୟ ରକ୍ଷାକାରୀ ଖେଳି ସମସ୍ତ ଦର୍ଶକମଣ୍ଡଳି ଧ୍ୟାନରତ ମୁନିଋଷି ପରି ନିଶ୍ଚୁପ୍ ହୋଇ ଦେଖୁଛନ୍ତି । ଦୂରରେ ଏକ ଛୋଟ ମଞ୍ଚ ଉପରେ କନ୍‌ସାର୍ଟ ପାର୍ଟିର ଧୀର ମଧୁର କରୁଣ ମୂର୍ଚ୍ଛନା । ଅତ୍ୟଧିକ ଉତ୍କଣ୍ଠାର ସୃଷ୍ଟି କରୁଥିବା । ବହୁ ଉଚ୍ଚତା ଉପରୁ ଝିଅଟି ଭାରସାମ୍ୟ ରକ୍ଷା କରିନପାରି ଗଳି ପଡ଼ିବ କି ? ସର୍କସ ପାର୍ଟିର ଖେଳାଳି ବନ୍ଧୁମାନଙ୍କ ମଧ୍ୟ ସତର୍କ ତୀକ୍ଷ୍ଣ ଦୃଷ୍ଟି, ପଡ଼ି ଯିବା ସଙ୍ଗେ ସଙ୍ଗେ ତଳେ ପଡ଼ିବାକୁ ନଦେଇ ଉପରେ ଉପରେ ଯେପରି ସେମାନେ (ଦୋଳି) ଧରିବେ । ସେମାନଙ୍କ ସଙ୍ଗେ ରିଂ ମାଷ୍ଟର । ଝିଅ ଦୁଇଟିଙ୍କ ବାପ ମା' ନାହିଁ । ଏ ସମସ୍ତ ଏକ ଅଦ୍ଭୁତ ବ୍ୟାପାର । ସମସ୍ତ ସତର୍କତା ସତ୍ତ୍ୱେ ମଧ୍ୟ ଝିଅଟିମାନ ଯଦି ପଡ଼ି ଯାଆନ୍ତି ! ଆଉ ଚିନ୍ତା କରିହୁଏ ନାହିଁ । ଭୂମି ଉପରୁ ପ୍ରାୟ ବହୁ ଉଚ୍ଚରେ ଏ ଖେଳ !

ତଥାପି ଝିଅ ଦ୍ୱୟ ବେଶ୍ ନିପୁଣତାର ସହିତ ଖେଳମାନ ସୁସମ୍ପାଦିତ କରି ସାରିବା ପରେ ହସି ହସି ସେ ତାର ଉପରେ ଚାଲିଯାଆନ୍ତି Rest Yardକୁ । ଏ ସମସ୍ତ ଖେଳ ବଡ଼ ବିପଜ୍ଜନକ ଆଉ ଚିତ୍ତାକର୍ଷକ ମଧ୍ୟ ହୋଇଥାଏ । ଏପରି ଖେଳ ସବୁ ଦେଖାସରିବା ପରେ ହାତୀ ଖେଳ, ବାଘ ଖେଳମାନ ଜୀବନକୁ ପାଣି ଛଡ଼ାଇ ଖେଳାଳିମାନେ ଦେଖାଇ ଦର୍ଶକଙ୍କୁ ମୁଗ୍ଧ କରିଥାଆନ୍ତି । ତାଙ୍କର ଦୈନନ୍ଦିନ ଜୀବନର ଖେଳ । କାହିଁ କେଉଁ ସୁଦୂର ପ୍ରାନ୍ତରରୁ ଆସି ଏ ସମସ୍ତ ଦେଖାଇ ପଇସା ଅର୍ଜନ କରନ୍ତି ।

ଏପରି ଚମତ୍କାର ଖେଳ ସମ୍ବଳିତ ସର୍କସ ଏଥିପୂର୍ବରୁ ଆଉ କେବେ ଏ ଅଞ୍ଚଳକୁ ଆସିନଥିଲା, ଫଳତଃ ପରିଣାମତଃ ଦିନକୁ ଦିନ ଅଧିକରୁ ଅଧିକ ଦର୍ଶକ ରୁଣ୍ଡ ହୁଅନ୍ତି । ଦିନକୁ ୨ଟା ସୋ' ସ୍ଥଳେ ୩ଟି ସୋ' କରି ମଧ୍ୟ ଭିଡ଼ରେ ଟିକେଟ୍ ମିଳିନଥାଏ ।

ଏପରି ଅବସ୍ଥାରେ ଦୂର ଗ୍ରାମମାନଙ୍କରୁ ହଳବଳଦ ଖାଦ୍ୟପେୟ ନେଇ ଲୋକେ ଛୁଟିଛନ୍ତି ପାଗଳ ପରି ।

Digitized by srujanika@gmail.com

ଏହିପରି ମାସାଧିକ କାଳ ଏ ଖେଳ ଚାଲିବା ପରେ ସ୍ଥାନୀୟ ସଂରକ୍ଷକ ହର୍ତ୍ତାକର୍ତ୍ତା ବିଧାତା ଅଫିସର ତାକୁ ସ୍ଥାନ୍ତରିତ ହେବାକୁ ନିର୍ଦ୍ଦେଶ ଦେଲେଣି । ଆଉ ଅଧିକ ପଇସା ଏ ଅଞ୍ଚଳରୁ ସେ ଟାଣି ନନେଉ ।

ଯେଉଁମାନେ ଥରେ ଥରେ ପ୍ରଥମରୁ ଦେଖିଥିଲେ ଏବେ ମାସେରୁ ଅଧିକ ହେଲାଣି ଆଉ ଥରେ ଲେଖାଏଁ ଦେଖିବାକୁ ଇଚ୍ଛା । ମଝିରେ ମଝିରେ ସର୍କସ ଦଳର ରିଂ ମାଷ୍ଟର ଅଧିକ ଲୋକ ଥିବା ଦିନ ଆଉ କିଛି ଅଦ୍ଭୁତ ନୂତନ ଖେଳ ପ୍ରଦର୍ଶନ ପୂର୍ବକ ଦର୍ଶକଙ୍କୁ ଟାଣିଥାନ୍ତି ଶୁଣାଯାଏ । ଏଠାରୁ ଖେଳ ପ୍ରଦର୍ଶନ ଲବ୍ଧ ଆୟରୁ ଛୋଟ ପତଳା ତୋଫା ଝିଅଟି ଆଉ ଗୋଟିଏ ହାତୀ କିଣିଲାଣି ।

ଛୋଟ ଝିଅର ଖେଳ କସରତ ପ୍ରତି ପିଲାବେଳୁ ଶ୍ରଦ୍ଧା । ମାତୃହୀନା ଏହି ଝିଅର ସ୍ନେହାବନ୍ଧ ଆବଦ୍ଧ ପିତା ତା' ମନ ମୁତାବକ ସର୍କସ ପାର୍ଟିଟିଏ ଗଢ଼ିଦେଲେ । ଏହି ଝିଅର ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ସର୍କସ ପାର୍ଟିର ମାନସମ୍ମାନ, ଖ୍ୟାତି, ଯଶ ବୃଦ୍ଧି ସଙ୍ଗେ ସଙ୍ଗେ ପାର୍ଟିର ଖେଳାଳି ସଂଖ୍ୟା ଦର୍ଶକ ସଂଖ୍ୟାର ମଧ୍ୟ ଅଭୂତପୂର୍ବ ଉନ୍ନତି ସଂଘଟିତ ହୋଇଥିଲା ।

ଅଧିକ ଆୟ ହେତୁ ଆକର୍ଷଣୀୟ ଭାବରେ ଛାଉଣୀ ଉପକରଣ, ତମ୍ବୁ ଉପରେ ଅଧିକ ଉଜ୍ଜ୍ୱଳ ଆଲୋକର ନାନା ରଙ୍ଗ ବେରଙ୍ଗର ବଲ୍‌ବ ଜଳାଇ ଦୂରଦୂରାନ୍ତର ପର୍ଯ୍ୟନ୍ତ ଦୃଷ୍ଟି ପଡ଼ିବା ପରି ଆଲୋକ ସଜ୍ଜା । ଏ ସମସ୍ତ ଏହି ଗ୍ରାମ ଲବ୍ଧ ଆୟର ଆୟୋଜନ ବୋଲି ରିଂ ମାଷ୍ଟର ବିନମ୍ର ସ୍ୱୀକାର କରନ୍ତି ।

ଦେଖୁ ଦେଖୁ ଦୁଇ ମାସ ପାଖାପାଖି ଅତୀତ ହେଲାଣି ଏଠାରେ ଛାଉଣୀ ପକାଇବା । ଏଣିକି ସ୍ଥାନାନ୍ତରିତ ବ୍ୟବସ୍ଥା । ଦିନକର କଥା । ସେହି ଶ୍ୟାମାଙ୍ଗୀ ଭଗିନୀ ଦ୍ୱୟ ସର୍କସ... ନିକଟସ୍ଥ ଗୋଟିଏ ପୋଖରୀକୁ ଗାଧୋଇଗଲେ ।

ପାହାଚ ଘାଟ ନିକଟରେ ଆଉ ଏକ ଛୋଟ ଘାଟ । କପଡ଼ା କାଚିବାକୁ ଗୋଟିଏ ଦୁଇଟି ପଥର ପଡ଼ିଛି । ପାଣିକୁ ଛୁଇଁ । ତା'ପରେ କାକଚକ୍ଷୁ ସମ ସ୍ୱଚ୍ଛ ନୀର । ଘାଟରେ ବାଲି ପଡ଼ିଛି ବହୁ ଦୂର ପର୍ଯ୍ୟନ୍ତ ବାଲିରେ ବାଲିରେ ଚାଲି ଚାଲି ପାଣି ଭିତରକୁ ଯାଉଥିଲେ ଆଣ୍ଠୁ ଏବଂ ଆସ୍ତେ ଆସ୍ତେ ଅଣ୍ଟାଏ ଛାତିଏ ଏପରି ହୋଇ ବେକ ପର୍ଯ୍ୟନ୍ତ ମଧ୍ୟ ଯାଇହୁଏ । ତା'ପରେ ଘନୀଭୂତ ଜଙ୍ଗଲ । ଘୋଡ଼ା ଘାସ, କଇଁଫୁଲ ଇତ୍ୟାଦି ।

Digitized by srujanika@gmail.com

ଏହି ଘାଟରେ ଭଗିନୀ ଦ୍ୱୟ ଗାଧୋଇବା ବେଳେ ଗାଁର ଜଣେ ସ୍ୱାମୀ ପରିତ୍ୟକ୍ତା ତରୁଣୀ ଏଇ ବିଦେଶିନୀ ଦ୍ୱୟଙ୍କୁ ଇଙ୍ଗିତ କରି କହିଲା– ଏତେ ମହକିଆ ସାବୁନ ମାଖି ଯେତେ ଘଷି ମାଜି ହେଲେ କ'ଣ ଦେହର ରଙ୍ଗ ବଦଳିଯିବ । (ତା' ଦେହରେ ସାମାନ୍ୟ ଫେଣ ଛିଟିକା ପଡ଼ିଯିବାରୁ)

ସେ ପାଚେରି ଘାଟକୁ ଯାଇ ସାବୁନ ଫେଣ ସବୁ ସେଇଠି ପକାଇଲେ ଭଲ ହୁଅନ୍ତା । ଏଠାରେ ସଭିଏଁ ତ ରୁଣ୍ଡ ପୁଣ୍ଡ ହୋଇ ଗାଧୋଇଛୁଁ । ତୁ ତେଣିକି ଯାଆ ।

ମୁଣ୍ଡର ଘଞ୍ଚ କେଶରାଶିରେ ସାବୁନ ଦେଇସାରିବା ପରେ ଯେତେବେଳେ ଝିଅଟି ଏକଥା ଶୁଣିଲା, ଆସ୍ତେ ଆସ୍ତେ କିଛି ନ କହି ତା' ପରାମର୍ଶ ଉଚିତ୍‌ମଣି ନିକଟରେ ଥିବା ପାଚେରୀ ଘାଟକୁ ଗଲା । ଯିବା ବାଟରେ ସାମାନ୍ୟ ଆଖି ଖୋଲି ଦେଖିବା ବେଳକୁ ସାବୁନ ଲାଗି ଆଖି ଜଳିବାକୁ ଲାଗିଲା । ତେଣୁ ବାଁ ଡାହାଣ ଉଭୟ ଆଖିରେ କେତେବେଳେ କିମିତି ସାହାଯ୍ୟ ନେଇ ସେ ପାଚେରି ଘାଟରେ ପହଞ୍ଚିଲା ।

ପାଚେରି ଘାଟର ଗୋଟିଏ ଦୁଇଟି ପାଚେରି ପରେ ହଠାତ୍ ଅତଳସ୍ପର୍ଶୀ ଜଳରାଶି । ଅନଭ୍ୟସ୍ତ ଝିଅଟିର ଗୋଡ଼ ଯାଇ ସେଇଠି ପଡ଼ିଲା । କିଛି ସମୟ ସାବୁନ୍‌ର ଫେଣ, କିଛି ବୁଦ୍‌ବୁଦ୍ । କେହି ଦେଖିପାରିଲେ ନାହିଁ । କେହି ଜାଣିପାରିଲେ ନାହିଁ । କେତେବେଳେ ତାର ନିଃଶ୍ୱାସ ରୁଦ୍ଧ ହୋଇ ଅତଳସ୍ପର୍ଶୀ କାକଚକ୍ଷୁ ସ୍ୱଚ୍ଛ ଜଳରାଶିର ଘନ ଅନ୍ଧକାର ମଧ୍ୟରେ ନିଜ ଜୀବନର ଶେଷ ଚେଷ୍ଟା କରି ତଳେ ପଡ଼ିଯାଇ ଦୁଇମୁଠା ପଙ୍କପୂର୍ଣ୍ଣ ବାଲି ହାତରେ ଜାବୁଡ଼ି ଧରି ଭାବିଛି ଏହି ମାଟି ହିଁ ସେ ଠିକ୍ ଧରିପାରିଛି । ଏହା ଧରି ପାରିଲେ ସେ ବଞ୍ଚିଯିବ ନିଶ୍ଚୟ । ବହୁ ଯତ୍ନ କରି ପ୍ରାଣର ଆବେଗରେ ତଳକୁ ଜାବୁଡ଼ି ଧରିଛି । ଶ୍ୱାସରୁଦ୍ଧ ।

କିଛି ସମୟ ପରେ ବଡ଼ ଭଉଣୀ ଦେଖିଲା ସାନନାହିଁ । ସମସ୍ତ ସ୍ନାନୋପକରଣ ଏଣେତେଣେ ପାଚେରିଘାଟ ଉପରେ ପଡ଼ିଛି । ସାନନାହିଁ କ'ଣ ଭାବିଲା କେଜାଣେ ହଠାତ୍ ମୋତେ ଛାଡ଼ି ତମ୍ବୁକୁ ଚାଲିଗଲା କି ? କାହିଁ ଏପରିତ କେବେ ଥଟ୍ଟା ପରିହାସ କରିନଥାଏ । ତତ୍‌କ୍ଷଣାତ୍ ପୋଖରୀରୁ ଓଦା ସରସର

Digitized by srujanika@gmail.com

ହୋଇ ପୋଖରୀ ହିଡ଼ ଉପରକୁ ଉଠି ଦୂରଦୃଷ୍ଟି ନିକ୍ଷେପ କରୁଣୁ ନ କରୁଣୁ ପୁଣି ପାଚେରିକୁ ଧାଇଁଲା । ତା'ର ଏ ଧାଇଁବାର ଦେଖି ସମସ୍ତ ସ୍ତ୍ରୀ ସମାଜ ଆଉଳି ବାଉଳି ହୋଇ ବଡ଼କୁ ପଚାରିଲେ କ'ଣ ହେଲା କ'ଣ ହେଲା । ସେ ସ୍ୱାମୀ ତ୍ୟାଗିନୀ ବ୍ୟତୀତ ! ସମସ୍ତେ ହୋ ହଲ୍ଲା କଲେ ? ? ପାଞ୍ଚ ମିନିଟ୍ ମଧ୍ୟରେ ସମସ୍ତ ଶେଷ । ପାଣି ଉପରେ ସାମାନ୍ୟ ବୁଦ୍‌ବୁଦ୍ ବାହାରୁଥାଏ ।

× × ×

ସେଦିନ ଦୀପାବଳୀ ଥିଲା । ଝିଅଟିକୁ କବର ଦିଆଗଲା । ସମସ୍ତ କୋହ ହୃଦୟରେ ଚାପି । ସେ ମୁସଲମାନ ସଂପ୍ରଦାୟର । ସେ ଝିଅଟି ପାଇଁ ଦୀପ ଜାଳିଥାଏ ମୁଁ ଦୀପାବଳୀ ଦିନ ।

ଈଶ୍ୱର ତାକୁ ଆଲୋକ ରାଜ୍ୟରେ ସୁଖରେ ସ୍ଥାନ ଦିଅନ୍ତୁ । ଆଉ ଏ ହତଭାଗିନୀ ପରି ଆଉ କାହାରି ନ ହେଉ । ଏହା ଈଶ୍ୱରଙ୍କ ନିକଟରେ ଆନ୍ତରିକ ପ୍ରାର୍ଥନା କଲି ।

❑

Digitized by srujanika@gmail.com

ବାପା: ଅସରନ୍ତି ଅଭିମାନ

ସେ ଦିନଟି କ'ଣ ଥିଲା ଠିକ୍ ମନେ ନାହିଁ । ବାପା ଘରୁ ପଳାଇଛନ୍ତି ଖବର ପାଇଲି ।

ବାପାଙ୍କୁ ଆମେ ପିଲାବେଳୁ ଜାଣୁ । ଘରେ କିଛି ମତ ବୈଷମ୍ୟ ଅବା ଅନର୍ଥ ଦେଖାଗଲେ ସେ ଏହିପରି ପରିସ୍ଥିତିର ସମ୍ମୁଖୀନ ହୋଇ ନପାରି ଘରୁ କିଛି ସମୟ ପାଇଁ ଅନ୍ତର୍ହିତ ହୋଇଯାଇଥାନ୍ତି । ସେ ନିରୁଦ୍ଦିଷ୍ଟ ହେଲେ ଗୃହ କଳହ କିମ୍ବା ଅଶାନ୍ତି ତ ଅଳ୍ପକେ ଭାଙ୍ଗି ଯାଇଥାଏ । କିନ୍ତୁ ସେ ଗଲେ କୁଆଡେ ? ଏଇ ଚିନ୍ତାରେ ସମସ୍ତେ ବ୍ୟାକୁଳ ହେଉ । ତାଙ୍କୁ ଖୋଜାଚାଲେ, କେଉଁଠି ରହି ପାରନ୍ତି ବୋଲି ବିଶେଷତଃ ସନ୍ଧ୍ୟା କିମ୍ବା ରାତ୍ର ସମୟରେ ଖୋଜିବା ବଡ଼ ସହଜ କଥା ନୁହେଁ ।

ବାପା ଯେଉଁ ଯେଉଁ ସ୍ଥାନକୁ ଯିବାକଥା ସେହି ସ୍ଥାନମାନଙ୍କରେ ଖାଲି ଦେଖିବା କଥା । ପ୍ରତ୍ୟକ୍ଷ ନିଜ ଆଖିରେ ଯାହା ଦେଖିହେବ । କୌଣସି ସ୍ଥାନରେ ପଚାରିହେବ ନାହିଁ । ପଚାରିଲେ କୁଳକୁଟୁମ୍ବକୁ ଲାଜ । ନ କହିଲେ ଖୋଜି ପାଇହେଉନାହିଁ ।

ଯେଉଁ ଯେଉଁ ସ୍ଥାନମାନଙ୍କରେ ପ୍ରତ୍ୟହ ଉଠାବସା କରନ୍ତି ତାହା ଦେଖିବାକୁ ହୁଏ । ବିଭିନ୍ନ ଅଫିସ୍ ଘର, ସ୍କୁଲ୍ ଘର ସହିତ ସେ ସଂଶ୍ଳିଷ୍ଟ ଥାଆନ୍ତି । ସଭିଏଁ ଶିକ୍ଷିତ ସଂଭ୍ରାନ୍ତ । କାହାକୁ ପଚାରିଦେଲେ ସେମାନେ ମନେ କରିବେ କ'ଣ ? ବିଷ୍ଣୁବାବୁ ରୁଷି ଘରୁ ପଳାଇ ଆସିଛନ୍ତି । ଏତେ ରାତି ହେଲାଣି ସମସ୍ତେ ପରିହାସ କରିବେ । ହସିବେ । ନିଜ ମାନମହତ ଇଜ୍ଜତ ସମସ୍ତ ପଦାରେ ପଡ଼ିଯିବ ସିନା ।

Digitized by srujanika@gmail.com

ନିଜ ଘର କଥା ନିଜ ଘର ଦୋଷ ଦୁର୍ବଳତା ଅପରକୁ କହି ପରିହାସର ଖୋରାକ ଯୋଗାଇବା ପରି ହେବ ।

ଦୁନିଆରେ ଏପରି ଅନେକ ବନ୍ଧୁ ଥାଆନ୍ତି । ଉପରେ ଉପରେ ବନ୍ଧୁପଣିଆ ଦେଖାଇ ବେଶ୍ ନିର୍ମଳ ସଙ୍କୋଚ ଭାବରେ କଥାବାର୍ତ୍ତା ହେଉଥିବେ । ଦୁର୍ଯୋଗବଶତଃ ଯଦି ନିଜ ଦୁର୍ବଳତା ନିଜ ଘର ମାନମହତ୍ କଥା ଜଣାପଡ଼ିଲା ଶତମୁଖରେ ପରିହାସ, ଥଟ୍ଟା ତାମସା କରି ଇଜ୍ଜତ ଦିକଡ଼ା କରିଦେବେ ।

ବିଷ୍ଣୁ ବାବୁଙ୍କ ବନ୍ଧୁମାନଙ୍କ ମଧରେ ରାଘବ ବାବୁ ସ୍କୁଲ ଶିକ୍ଷକ । ବିଷ୍ଣୁବାବୁଙ୍କ ଯଦି କିଛି ଭୁଲ୍ ଦେଖନ୍ତି ଏକାବେଳେ କ୍ଲାସ ପିଲାମାନଙ୍କୁ କହିବେ । ହସିବେ ହସାଇବେ । ପିଲାଙ୍କୁ ଏହା ବଡ଼ ମଜାକଥା । ପାଠ ପଢ଼ା ନହୋଇ ଏପରି ପରଛିଦ୍ର ଆଲୋଚନା ହେଉଥାଆନ୍ତା କି ? ଏଣେ ପିରିୟଡ୍ ବି ସାରି ଯାଆନ୍ତା ।

ଏହପରି ଅସହଯୋଗ ଅଭ୍ୟାସ ଯୋଗୁ ବିଷ୍ଣୁବାବୁ ଗୃହ ଗୁହା-ଛାଡ଼ି ଅଶକ୍ତ ପାଦରେ ଅନାସକ୍ତ ଭାବରେ ଆଗେଇ ଗଲେ ଅନିର୍ଦ୍ଦିଷ୍ଟ ପଥରେ ।

ନିଜର ମନକଥା କାହାକୁ ନ କହି ସେ ଏପରି ଯାଆନ୍ତି । ମନର କଥା ଗୃହ ସଭ୍ୟ ଗଣ ଆପେ ବୁଝିବେ । ଏ ଏକ ଇଙ୍ଗିତ । କଥା ଉଚ୍ଚାରଣ କଲେ ତ ଯୁକ୍ତି ପ୍ରତିଯୁକ୍ତି ରହିଚି । ଅବାକ୍‌ମୂର୍ତ୍ତ ଅସହଯୋଗ । ଅଧିକ ଯଦି କେହି ପଚାରି ତାଙ୍କୁ ବ୍ୟସ୍ତ କରିବ ସେ କହିବେ ନା ଆଉ ଏଠାରେ (ଘରେ) ଚଳି ହେବ ନାହିଁ । ଆହୁରି ଅଧିକ ଜାଣିବାକୁ କେହି ପଚାରିଲେ ସେ ପ୍ରସଂଗରେ କହିବେ ନା ନା ସଭିଏଁ ଭଲ । ମୋର ଭୁଲ୍, ମୁଁ ଅପଦାର୍ଥ ମୁଁ ଚଳି ଜାଣୁନାହିଁ । ମୁଁ ନଥିଲେ ସଭିଏଁ ଶାନ୍ତିରେ ରହିବେ ମୋ ପାଇଁ ଯେତେ ଅଶାନ୍ତି ସିନା ।

ଏତିକି । ବାସ୍ ଆଉ କିଛି କହିବେ ନାହିଁ ରୁଷିବେ । ଏ ଅଭ୍ୟାସ ତାଙ୍କ ପିଲା ଦିନର । ମା ଛେଉଣ୍ଡ ସେ, କାହାକୁ କିଛି କହି ଜାଣିନାହାନ୍ତି । କାହାଠାରୁ ପିଲାବେଳୁ ଆଦର ଯତ୍ନ ପାଇନାହାନ୍ତି । ପିଲାବେଳରୁ ମାତୃହରା । କଥାରେ ଅଛି ଯାହାର ମା' ନାହିଁ ତା'ର କେହି ନାହିଁ ।

ପୁଅ ଯେତେବଡ଼ ହେଲେବି ମା' ଆଖିରେ ପିଲା । ଭୀମର କେତେ ବଳ ! ଅସୀମ ବଳ । ଭୀମ କ'ଣ ଭଲପାଏ ଏହା କୁନ୍ତିଙ୍କୁ ଜଣା ।

Digitized by srujanika@gmail.com

ମା' ଯେତିକି ପୁଅ ବିଷୟରେ ଜାଣିବ ଆଉ ଏ ଧରାଧାମରେ କିଏ ଅଛି ସେପରି ମନ ବୁଝିବା ଜୀବ ?

ଏହା କେବଳ ମଣିଷ ଜୀବନର ନୁହେଁ ସମସ୍ତ ପ୍ରାଣୀଜଗତ ପ୍ରତି ମଧ୍ୟ ପ୍ରଯୁଜ୍ୟ ।

ମହାନ୍ କାବ୍ୟ ଶିଳ୍ପୀ ବାଲ୍ମୀକି ଲେଖିଗଲେ ବତ୍ସହରା ଗାଈ ଯେପରି ହଜାର ହଜାର ଗାଈମାନଙ୍କ ମେଳରେ ଥିଲେ ବି ବତ୍ସା ତା' ମା'କୁ ଚିହ୍ନିପାରେ, ଏ ଗୁଣ ଜୀବ ମାତ୍ରକେ ପ୍ରଯୁଜ୍ୟ । ତା' ନହେଲେ ସୃଷ୍ଟି ତିଷ୍ଠିରହି ନପାରନ୍ତା ।

ଏପରି ଏକ ଉତ୍ସରୁ ବିଷ୍ଣୁବାବୁ ଆବାଲ୍ୟ ବଞ୍ଚିତ । ପିତା ତାଙ୍କର ଦାୟିତ୍ୱ ନିଜ ହାତକୁ ନେଇଥିଲେ । ଅର୍ଥାତ୍ ମାତା ଏବଂ ପିତା ଉଭୟ ସ୍ନେହ ସେ ପିତାଙ୍କଠାରୁ ପାଉଥିଲେ । ମା'ଠାରୁ ସ୍ନେହ ଆଦାୟ କରିବାର ଯେଉଁ କାଇଦା ଯେଉଁ ରୁଷାଫୁଲା ମନ ଜାଣିବା ବାପ ଆଗରେ ତାହା ପ୍ରକାଶ କରିହୁଏ ନାହିଁ । ମାତୃ ଜାତିର ସେ ଏକ ଭିନ୍ନ କଳା । ପିତା ଦ୍ୱାରା ତାହା ସମ୍ଭବ ନୁହେଁ ।

ବିଷ୍ଣୁବାବୁ କେବେହେଲେ ପିତାଙ୍କ ଠାରୁ ସେ ସ୍ନେହ ଆଦାୟ କରିବା ଜାଣିନାହାନ୍ତି, ଶିଖିନାହାନ୍ତି । ସବାଶେଷରେ ମୃତ୍ୟୁ ଶଯ୍ୟାରେ ବି ସେ ମାତୃସ୍ନେହ ହିଁ ମନେପକାଇବେ । ତେବେ ବିଷ୍ଣୁବାବୁ ଗଲେ କୁଆଡ଼େ ? କିଏ ଜାଣିବ ? ପୂର୍ଣ୍ଣମୀ ମାଘପୂର୍ଣ୍ଣମୀ ପୂର୍ବ ଦିନ । ଚନ୍ଦ୍ରପକ୍ଷ ଚତୁର୍ଦ୍ଦଶୀ ବିଷ୍ଣୁ ବାବୁଙ୍କ ପୁରୁଣା ଘର ପାଖରେ ନାମଯଜ୍ଞ ହୁଏ । ଆଜକୁ ୬୦ ବର୍ଷ ହେବ ।

ଅନେକ ଲୋକ ସେ ବାଟରେ ଯିବା ଆସିବା କରୁଛନ୍ତି ସାଧାରଣ ଭାବରେ । ବିଷ୍ଣୁ ବାବୁ ଘରୁ ବାହାରନ୍ତି ନାହିଁ । ଆଜି ଜ୍ୟୋତ୍ସ୍ନା ରାତ୍ର । ଦିନ ବେଳ ପରି ଚାରିଆଡ଼େ ଚନ୍ଦ୍ରକିରଣ ବିଛାଇ ହୋଇପଡ଼ିଛି । ସମସ୍ତ ପଦାର୍ଥ ଦିନର ଆଲୋକରେ ଆଲୋକିତ ପରି ଜଣାପଡୁଛି । କିନ୍ତୁ ଦିନ ଆଲୁଅର ତେଜ ନାହିଁ । ଏ ଆଲୁଅ ସ୍ନିଗ୍ଧ, ମନୋମୁଗ୍ଧକର ଶୀତଳ ସୁଷମା ରଞ୍ଜିତ ।

ଅଳ୍ପ ଅଳ୍ପ ଶୀତ ହେଉଛି । ବିଷ୍ଣୁବାବୁ ପୁରୁଣା ଘର ସମ୍ମୁଖରେ ଲୋକେ ଟୁପୁରୁ ଟାପୁରୁ, ଭୁଟ୍‌ଭାଟ୍ କଥାବାର୍ତ୍ତା ହେଉଛନ୍ତି । ତାଙ୍କ କଥାବାର୍ତ୍ତାରୁ ଜଣାପଡ଼ିଲା କିଛି ଗୋଟିଏ ଅଘଟଣ ହୋଇଛି । ଅଗତ୍ୟା ଘର ଭିତରେ ଦେଖାଗଲା ଖୋଲା

Digitized by srujanika@gmail.com

ଅଗଣାରେ ବିଷ୍ଣୁବାବୁ ବସିଛନ୍ତି ଆଉ ତାଙ୍କ ଚାରିପଟରେ ପଡ଼ାର (ସାହିର) ପୂର୍ବ ପରିଚିତ ଲୋକେ ବସିଛନ୍ତି । ତାଙ୍କ ମଧ୍ୟରୁ ଜଣେ ପଚାରିଲା ବାବା ଆପଣ ତ ଏପରି ଅବେଳରେ କେବେ ଏଠାକୁ ଆସନ୍ତି ନାହିଁ । ଆଜି କିପରି ଆସିଲେ ?

ବିଷ୍ଣୁବାବୁ ଶାନ୍ତ ଅମାୟିକ ଭାବରେ ହସି ରୁକ୍ଷିବା ଭଙ୍ଗୀରେ କହିଲେ "ମୋର ଜନ୍ମ ସ୍ଥଳୀ ଏହା । ମୁଁ ମୋର ଜନମ ମାଟିକୁ ଦେଖି ଆସିଲି । ବଡ଼ ଭଲ ଲାଗୁଛି ମୋତେ ।

ବିଷ୍ଣୁ ବାବୁଙ୍କ ବାଲ୍ୟ କାଳ ହସକାନ୍ଦ, ଖେଳ କୌତୁକ, କେତେ ଦୀର୍ଘ ଜୀବନର ଲୀଳାଭୂମି ଏ ସ୍ଥଳୀ । ସେ ଆସିଛନ୍ତି ଲୀଳା କ୍ଷେତ୍ର ପରିଦର୍ଶନରେ । ପୂର୍ବର ବହୁ ବହୁ ସ୍ମୃତି । ବହୁ ବହୁ ଚିନ୍ତା, ବହୁ ବହୁ ଆବେଗ ଉତ୍ସାହ, ଦୁଃଖ ଏଇ ମାଟି ସହିତ ପରିଚିତ । ତାଙ୍କ ମାତାଙ୍କ ମୃତ୍ୟୁକାଳୀନ ଛବି । ଅନାଥ ଭାବ, ଭାଇ ବିୟୋଗ, ବିବାହ, ପୁଅ ଝିଅ ସନ୍ତାନସନ୍ତତି କେତେକେତେ ଅଭୁଲା ସ୍ମୃତି ବିଜଡ଼ିତ । ବିଷ୍ଣୁ ବାବୁ ଏଠାକୁ ଆସିଛନ୍ତି । ପରିକ୍ରମା କରି । ଏ ବାର୍ଦ୍ଧକ୍ୟ ତାଙ୍କୁ ଟାଣିଆଣିଛି ସେ ସ୍ଥଳିକୁ ।

ତା'ପରେ ଉପସ୍ଥିତ ଜନମଣ୍ଡଳି କହିଲେ "ଆମର ଭାଗ୍ୟ ବଡ଼ ଆପଣ ଆସିଛନ୍ତି । ଆପଣ ଆମକୁ ଦର୍ଶନ ଦେଉଛନ୍ତି ।"

ବିଷ୍ଣୁ କହିଲେ- "ମୋତେ ବି ବହୁତ ଆନନ୍ଦ ଲାଗୁଛି ଆପଣମାନଙ୍କୁ ଦେଖି ।"

ଏଇ କେଇ ପଦ ଭିତରେ କେତେ ଯେ ଅକୁହା କଥା କହି ହୋଇଗଲା ସମସ୍ତେ ଉପଲବ୍ଧି କଲେ ନିଜ ନିଜ ଭାବରେ ।

ବିଷ୍ଣୁବାବୁ ବ୍ୟକ୍ତିଗତ ଭାବରେ ସମସ୍ତ ପଡ଼ାର ଗୃହୀ ସଂସାରୀ ଲୋକଙ୍କ ଉପକାରୀ ।

ପଡ଼ାରେ କାହାରି କାହାରି ଘରେ କଳିଗୋଳ ଲାଗିଲେ ସେମାନେ ଆସି ପଡ଼ାର ମୁଖ୍ୟ ବିଷ୍ଣୁବାବୁଙ୍କୁ ଗୁହାରୀ କରିବେ । ବାଦୀ ପ୍ରତିବାଦୀ ଉଭୟ ପକ୍ଷରେ । ବିଷ୍ଣୁବାବୁ ଏପରି ଏକ ମନ୍ତବ୍ୟ ଦେବେ ସେମାନେ ମନଖୁସିରେ ତାଙ୍କ କଥାକୁ ଶିରୋଧାର୍ଯ୍ୟ କରି ପରସ୍ପରର କଳିକଥା ଭୁଲି ବରଂ କହି କହି ଯିବେ ବିଷ୍ଣୁବାବୁ ତ ଏପରି କହିଛନ୍ତି ସେ ଯେପରି କହିଛନ୍ତି । ସେ କଥା ହେବ ।

Digitized by srujanika@gmail.com

ସଭିଏଁ ଜାଣନ୍ତି ବିଷ୍ଣୁବାବୁ ସମସ୍ତଙ୍କ ମଙ୍ଗଳକାମୀ । କାହା ଉପରେ ଅଯଥା ରାଗ, ଦ୍ୱେଷ, ହିଂସା କିମ୍ବା ପରଶ୍ରୀକାତର ଆଚରଣ କରନ୍ତି ନାହିଁ । ସାହିର ଦୁଃଖ କଷ୍ଟରେ ସେ ସର୍ବଦା ଉଚ୍ଚମତ ଦେଇ ସମସ୍ତଙ୍କ ଆଦରର ବିଷ୍ଣୁ ହୋଇଥାନ୍ତି ।

ସାହିର ସଭିଏଁ ନିଜନିଜ ବ୍ୟକ୍ତିଗତ ଜୀବନର କଳିତକରାଳ ମଧ୍ୟରେ ବିଷ୍ଣୁବାବୁ କେବେ କିପରି ସାହାଯ୍ୟ କରିଥିଲେ ସେକଥା ନିଜନିଜ ଭିତରେ ଆଲୋଚନା କରି ନେଲେଣି । ଆଉ ଅନ୍ତରର ଆବେଗକୁ ସମ୍ଭାଳି ନପାରି ସଭିଏଁ ନତମସ୍ତକ । ପଡ଼ାର ସ୍ତ୍ରୀମାନେ ମଧ୍ୟ ଆସି ଏକଜୁଟ୍ ହୋଇଛନ୍ତି । ସମସ୍ତେ ନିରବ, ନିର୍ବାକ ।

ବିଷ୍ଣୁବାବୁଙ୍କ (ଘରର) ସବା ସାନପୁଅ ଆସି ତା'ପରେ ବିଷ୍ଣୁବାବୁଙ୍କୁ ଡାକିଲା ଘରକୁ ଫେରିଯିବାକୁ । ସେ କିଛି ଆଉ ନକହି (ଘର କଥା) ବେଶ୍ ଉଠିଲେ । ଯିବାକୁ ବାହାରିଲେ ନୂତନ ଗୃହାଭିମୁଖେ । ପଡ଼ାର ସଭିଏଁ ତାଙ୍କୁ ପାଛୋଟି ନେଇଗଲେ । ଆଉ କହିଲେ ଏପରି ଥରେ ଥରେ ବୁଲି ଆସୁଥିବେ । ଆମକୁ ଦର୍ଶନ ଦେଇଯାଉଥିବେ । ଆମେ ବଡ଼ ଖୁସି ହେବୁ । ପୁଅ ବାପାଙ୍କ ସ୍ଥବିରତା ଉପଲବ୍ଧି କରି ଗାଡ଼ିଟିଏ ଘେନି ଆସିଥିଲା ତା' ସାଙ୍ଗ ସହିତ । ଗାଡ଼ିରେ ବସି ସମସ୍ତେ (ଘରର) ଗଲେ ନୂତନ ଘରକୁ ।

× × ×

ପ୍ରାୟ ୧୫ଦିନ ପରେ ବିଷ୍ଣୁବାବୁ ଆଉଥରେ ସେପରି ଗାଁ ସାରା ବୁଲିଯିବାକୁ ବାହାରିଲେ । ସାନପୁଅ ରିକ୍ସା ନେଇ ତାଙ୍କୁ ବୁଲାଇ ଆଣିଲା । ରେଳ ଷ୍ଟେସନ, କଲେଜ, ଜମିଦାର ବାବୁଙ୍କ ଘରକୁ । ଜମିଦାର ବାବୁ ବଡ଼ ଆଦରରେ ତାଙ୍କୁ ପାଛୋଟି ନେଇ ବିଷ୍ଣୁବାବୁଙ୍କୁ ରିକ୍ସାବାଲା ଆଣିଛି ବୋଲି ରିକ୍ସାବାଲାକୁ ପୁରସ୍କାର ଦେଲେ । ବିଷ୍ଣୁବାବୁ କିଛି ସମୟ ଜମିଦାର ବାବୁଙ୍କ ଗହଣରେ ବସି କଥାବାର୍ତ୍ତା ହେଲେ ତା'ପରେ ଉଠିଲେ ଗୃହାଭିମୁଖେ ।

ଆସୁ ଆସୁ ବାଟରେ ସବୁ ପଚାରୁଥାନ୍ତି କାହା କାହା ଘର । ସାନପୁଅ କୁହେ ଉତ୍ତର ଦିଏ । ସେ ମନ୍ତବ୍ୟ ଦିଅନ୍ତି ବେଶ୍ ଭଲ ହେଉଛି । ବସ୍ତି ଭଲ ଦିଶୁଛି, ବହୁତ ବଢ଼ିଗଲାଣି । ତାଙ୍କର ପୁରୁଣା ଘରକୁ ଯିବାର ଇଚ୍ଛା ଥିଲା ଥରେ । ମାତ୍ର ସମୟ ନଥିଲା । ସନ୍ଧ୍ୟା ଆଗତ ପ୍ରାୟ । ପୁଅ ଆଉ ସେ ସ୍ଥାନକୁ ତାଙ୍କୁ

Digitized by srujanika@gmail.com

ନେଇପାରିନଥିଲା । ରିକ୍ସା ଅନ୍ତରାଳରୁ ଥରେ ଘର ଆଡକୁ ଚାହିଁଥିଲେ । ରିକ୍ସା ଚାଲିଥାଏ । ପୁଅକୁ ବି ଆଉ କିଛି କହିନଥିଲେ ।

× × ×

ଆଉ ପ୍ରାୟ ୮/୧୦ ଦିନ ପରେ ସେ ହଠାତ୍ ସଂଜ୍ଞାହୀନ ହୋଇପଡ଼ିଥିଲେ । ଆଉ ଅନବରତ ଦୁଇଦିନ ନିଃଶ୍ୱାସ ପ୍ରଶ୍ୱାସ କେବଳ ଯିବା ଆସିବା କରୁଥିଲା । କିଛି କାହାକୁ କହି ପାରିନଥିଲେ । କହିବାର ଅବକାଶ ନଥିଲା । ନିଃଶ୍ୱାସ ନେବା ଆଣିବା ସମୟରେ ତାଙ୍କ ମୁହଁର ଭଙ୍ଗୀ ଦେଖି ଜଣାପଡୁଥିଲା ସେ ଯେପରି ତାଙ୍କ ମା'ଙ୍କ ନିକଟରେ ଅଳି କରୁଛନ୍ତି । ରୁଷିଛନ୍ତି । ଅଭିମାନ ଭରା ମନରେ କ'ଣ କହୁଛନ୍ତି ।

❑

Digitized by srujanika@gmail.com

ଧାର୍ମିକ

ଆଜି ଏକ ନିର୍ଦ୍ଦିଷ୍ଟ ଧାର୍ମିକ ସମ୍ପ୍ରଦାୟରେ ଏକ ସତ୍‌ସଙ୍ଗ ଆଲୋଚନା ସଭା ଅନୁଷ୍ଠିତ ହେବ ।

ସହରର ବିଭିନ୍ନ ମୁଖ୍ୟ ରାସ୍ତାମାନଙ୍କରେ ବିରାଟ ତୋରଣମାନ ସଜ୍ଜିତ । ସମସ୍ତ ତୋରଣ ଦ୍ୱାର ସମ୍ମୁଖରେ 'ସ୍ୱାଗତ', ଧଳା କାର୍ପାସ, ବଡ଼ବଡ଼ ଅକ୍ଷରରେ ଲିଖିତ ।

ଦର୍ଶକମାନଙ୍କ ମନୋହରଣ କରି ନେଉଛି ।

ସହରର ସାଧାରଣ ସଭା ହେବା ମଣ୍ଡପଟି ବହୁ ଦୃଷ୍ଟି ଆକର୍ଷକ ଭାବରେ ସଜ୍ଜିତ । ଗୋଟିଏ ମନୋରମ ଖଟୁଲି ଉପରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ସ୍ଥାପିତ ।

ଖଟୁଲିର ଚାରିଆଡ଼େ ସ୍ୱର୍ଣ୍ଣାଭ କାଗଜର ଆବରଣ ଦିଆଯାଇ ଆହୁରି ସୁନ୍ଦର କରାଯାଇଛି । ସହରର ମୁଖ୍ୟ କେତେଜଣ ଉଦ୍ୟୋକ୍ତା ।

ତନ୍ମଧ୍ୟରୁ ଜଣେ ଉଚ୍ଚଶିକ୍ଷିତ ଡାକ୍ତର । ରୋଗୀ ସେବା କରନ୍ତି ଯଥେଷ୍ଟ । ପଇସା ନେଇ ବ୍ୟାକୁଳ ବ୍ୟାଧିଗ୍ରସ୍ତ ମଣିଷ ତା'ର ସମସ୍ତ ଧନକୁ ମଧ୍ୟ ଡାକ୍ତରଙ୍କ ପାଦତଳେ ନିବେଦନ କରିବାକୁ କୁଣ୍ଠିତ ନୁହେଁ ଜୀବନ ବଞ୍ଚାଇବା ନିମନ୍ତେ । ଏ ସୁଯୋଗର ସଦ୍‌ଉପଯୋଗ କରନ୍ତି ଡାକ୍ତର ।

ଆଉ ଜଣେ । ଚାଷ କର୍ମ ସମୟରେ ଗରିବ ମଜୁରିଆଙ୍କୁ ଅଳ୍ପ ପଇସା ଦେଇ ଅଧିକ କର୍ମ ନିଷ୍ଠାର ସହିତ ସେମାନଙ୍କଠାରୁ ଆଦାୟ କରନ୍ତି । ମଜୁରିଆର

Digitized by srujanika@gmail.com

ସମୟର ମୂଲ୍ୟକୁ ବେଶ୍ ଉପଯୋଗ କରନ୍ତି । ଆଉ ଜଣେ ରାଜନୀତିଜ୍ଞ । ସାଧାରଣ ଲୋକଙ୍କୁ କୌଣସି ପ୍ରକାରେ ପ୍ରଭାବିତ କରି ସେମାନଙ୍କ ନେତା ହୋଇଥିବା ବାହ୍ୟତଃ ପ୍ରକାଶ କରି ଏକ ବୃହତ୍ ସଂଗଠନର ନେତା ହିସାବରେ ସାଧାରଣ ଜନତାଙ୍କ ଠାରୁ କାମ ଆଦାୟ କରନ୍ତି ।

ଆଉ ଜଣେ ମିଲ୍ ମାଲିକ- ସାଧାରଣ ଜନତାଙ୍କ ଠାରୁ ଲୁଟ୍ କରିବାର କଳାରେ ନିପୁଣ ।

ଏପରି ଦୁଇ ତିନିଜଣ ଆହୁରି ଶୋଷକ ଆସନ୍ତି ।

ସେମାନେ ସଭିଏଁ ମିଶି ଏହି ବିରାଟ ଆଲୋଚନା ସଭାର ଆରମ୍ଭ କରିଛନ୍ତି ।

ବିଦେଶାଗତ କେତେ ଜଣ ଧାର୍ମିକ ମଣିଷ ଏହାକୁ ଅଳଂକୃତ କରି ପୂଜାପାଠ, ଆରାଧନ ପୂର୍ବକ ବିନମ୍ର ଶ୍ରଦ୍ଧା ନିବେଦନ କରି ଈଶ୍ୱରଙ୍କ ପ୍ରସାଦ ସେବନ କରିବା ବ୍ୟବସ୍ଥା ହୋଇଛି ।

ସାଧାରଣ ନାଗରିକମାନଙ୍କ ଉପସ୍ଥିତିରେ ମୁଖ୍ୟମାନଙ୍କ ନିମନ୍ତ୍ରଣକ୍ରମେ କେତେଜଣ ଅତିଥି ଅଭ୍ୟାଗତ ପ୍ରସାଦ ସେବନ କରିବା ଅଧିକାରୀ ଅନ୍ତର୍ଭୁକ୍ତ ହୋଇଛନ୍ତି ।

ଏପରି ସମୟରେ ଏକ ଯୁବକ ତହିଁରେ ଉପସ୍ଥିତ ରହିଥିଲା । ନାମ ତା'ର ନିତ୍ୟାନନ୍ଦ ।

ସଭା ଆରମ୍ଭ ହେଲା । ଈଶ୍ୱରଙ୍କ କୃପା ଲାଭ ନିମନ୍ତେ ସଂକୀର୍ତ୍ତନ ହେଲା । ବଡ଼ ବଡ଼ ଅତିଥିମାନେ ମୋଟର ଗାଡ଼ିରେ ଆସି ଯୋଗଦେଲେ ।

ଜଣେ ବ୍ରହ୍ମଚାରୀ ଆଧ୍ୟାତ୍ମିକ ଚିନ୍ତା ଏବଂ ତହିଁର ସୁଫଳ ବିଷୟରେ ଭାଷଣ ଦେଲେ ।

ନିତ୍ୟାନନ୍ଦ କହିଲା ଏକଦା ମହାରାଜ କୌରବ ରାଜ ଦୁର୍ଯ୍ୟୋଧନ ଏକ ଧର୍ମସଭା ଆହ୍ୱାନ କଲେ । ତଦାନିନ୍ତନ ମୁନିଋଷି, ଆଚାର୍ଯ୍ୟମାନଙ୍କୁ ନିମନ୍ତ୍ରଣ କରାଗଲା । ସମସ୍ତେ ମନେ ମନେ ଭାବିଲେ ଦୁର୍ଯ୍ୟୋଧନ ଏକ ଅଧାର୍ମିକ ଲୋକ । ଅନ୍ୟର କୁକାମୀ । ଅନ୍ୟର ଅନିଷ୍ଟକାରୀ । ପ୍ରଜା ପୀଡ଼କ । ଏହି ମହାରାଜ ପୁଣି ଧର୍ମସଭା ଆହ୍ୱାନ କରିଛନ୍ତି ? ସେ ପୁଣି କିପ୍ରକାର ଧର୍ମସଭା ହେବ ? ଏପରି

Digitized by srujanika@gmail.com

ଚିନ୍ତନ କରି ଦୁର୍ଯ୍ୟୋଧନ ଆହୂତ ସଭାକୁ କେହି ନିମନ୍ତ୍ରଣ ରକ୍ଷା କରି ଆସିନଥିଲେ । ଆଉ ଯେଉଁମାନେ ନିତାନ୍ତ ଦାସାନୁଦାସ ଦୁର୍ଯ୍ୟୋଧନ ଅନ୍ନରେ ପ୍ରତିପାଳିତ ସେମାନେ କେବଳ ଆସି ଦେଖିଲେ ଯେ ସଭାକୁ କେହି ସେପରି ଯୋଗୀ, ସାଧୁ, ଜ୍ଞାନୀ ଧ୍ୟାନୀ ଆସିନାହାନ୍ତି । ଏହା ଶୁଣି ଜଣେ ବ୍ରହ୍ମଚାରୀ ହଠାତ୍ ଉତ୍କ୍ଷିପ୍ତ ହୋଇ କହିଲେ "ଆମ୍ଭେ ଜାଣୁ ଏପରି କୌଣସି କଥା ମହାଭାରତରେ ଉଲ୍ଲେଖ ନାହିଁ । ଏହା ଯୁବକଙ୍କ ମନ ଗଢ଼ାକଥା । ଏପରି ଏକ ଅଯୁକ୍ତିକର କପୋଳକଳ୍ପିତ ଗଳ୍ପ ଆଣି ଏଠାରେ ଉପସ୍ଥାପନ କରିବାର ଅର୍ଥ କ'ଣ ? ତା'ଛଡ଼ା ଯେଉଁମାନେ ଏ ଆଲୋଚନାକୁ ବର୍ଜନ କଲେ ବୋଲି ଏ ଯୁବକ କହୁଛନ୍ତି ସେମାନେ ଠିକ୍ ହିଁ କରିଥିଲେ । ଦୁର୍ଯ୍ୟୋଧନ ଏକ ନିଷ୍ଠୁର ପ୍ରଜାପୀଡକ ଥିଲା ଏବଂ ଏପରିକି ତା'ର ଭାଇମାନଙ୍କୁ ମଧ୍ୟ ରାଜ୍ୟର କିଛି ଅଂଶ ମଧ୍ୟ ଦେଇନଥିଲା ଶାସନ କରିବା ପାଇଁ । ଏହା ସର୍ବଜନ ବିଦିତ ।

ନିତ୍ୟାନନ୍ଦ କହିଲା- "ବର୍ତ୍ତମାନ ଯେଉଁ ସଭା ଆହୁତ ହୋଇ ଏତେ ଲୋକ ସମବେତ ହୋଇଛନ୍ତି ସେମାନେ ଦୁର୍ଯ୍ୟୋଧନ ଠାରୁ କ'ଣ ଊଣା ଅତ୍ୟାଚାରୀ କି ?"

ଏହି ସଭାର ବଡ଼ପଣ୍ଡା, ଡାକ୍ତର, ଚାଷୀ, ରାଜନୀତିଜ୍ଞ ଏମାନେ ଧାର୍ମିକ ବୋଲି ଆପଣମାନେ ଭାବି ନେଲେ କିପରି ?

ଏହି ଡାକ୍ତର ରୋଗୀର ସର୍ବସ୍ୱ ଅପହରଣ କରି ମଧ୍ୟ ରୋଗ ମୁକ୍ତି କରିପାରନ୍ତିନି । ତେବେ ସମସ୍ତ ଧନତ ଡାକ୍ତର ବାବୁଙ୍କ ଟ୍ରେଜେରୀରେ ଭର୍ତ୍ତି ।

ବିନା ପଇସାରେ କିଏ ଆଉ ରୋଗୀ ସେବା କରିବ ?

ଡାକ୍ତର କ'ଣ ସେ ରୋଗୀକୁ ପୂର୍ବରୁ ନେଇଥିବା ପଇସାତକ ଫେରାଇ ଦିଅନ୍ତି କି ?

ଚାଷୀ କଥା ତ ପୂର୍ବରୁ କୁହାଯାଇଛି ।

ରାଜନୀତିଜ୍ଞଙ୍କ କଥା ତ ନିଆରା ।

ଇତିପୂର୍ବରୁ ଯେଉଁ ଆଡମ୍ବରରେ ଧର୍ମସଭା ହେଉଥିଲା, ଯେଉଁ ଆଳତି ହୁଳହୁଳ ହେଉଥିଲା ତାହା କିଛିକ୍ଷଣ ପାଇଁ ସ୍ତବ୍ଧ ହୋଇଗଲା ।

Digitized by srujanika@gmail.com

ନିତ୍ୟାନନ୍ଦ କହିଲା- "ଏତେ ଆଡମ୍ବରରେ ପୂଜା କରି ଦେଖାଇ ହେବା ଅପେକ୍ଷା ନିଭୃତରେ ସମସ୍ତେ ନିଜନିଜକୁ ପଚାରନ୍ତୁ ସେମାନେ କିଛି ଭୁଲ୍ କରିଛନ୍ତି କି ଜୀବନରେ ? ଆଉ ସେ ଭୁଲ୍ ସର୍ବ ସମକ୍ଷରେ ପ୍ରକାଶ୍ୟରେ ଘୋଷଣା କରିପାରିବେ କି? ପ୍ରକାଶ୍ୟରେ ପ୍ରକାଶ କରି ରିପ୍ରେଜେଣ୍ଟ କଲେ ତ ସମସ୍ତ କଳୁଷ ଧୋଇ ହୋଇଯାଏ । ଏହା ଜଣାଶୁଣା କଥା !"

ସଭାସ୍ଥ ସଭିଏଁ ନୀରବ । ନିତ୍ୟାନନ୍ଦ କହିଲା- ତେବେ ବୁଝିବାକୁ ହେବ ଏହି ସଭାର କେହି କୌଣସି ଭୁଲ୍ କରି ନାହାନ୍ତି ଆଉ ଯଦି କୌଣସି ଭୁଲ୍ କିମ୍ବା ପାପ କରିନାହାନ୍ତି ଏ ସଭା କରି ଲାଭ କ'ଣ ? ସମସ୍ତେ ତ ଧାର୍ମିକ ଆଉ ଏଥିମଧ୍ୟରେ କିଏ ଅଧାର୍ମିକ ଅଛି ଯେ ???

❑

Digitized by srujanika@gmail.com

ଚେକ୍ ଗେଟ୍

ଅନେକ ଦିନ ହେଲା ଚେକ୍‌ଗେଟ୍‌ରେ ମୋର କାମ କରିବା । ପିଅନ କାମ ହେଲେ ବି ଏହା ମିଳିବା ନିମନ୍ତେ ମୋତେ କମ୍ ହଇରାଣ ହରକତ ହେବାକୁ ପଡ଼ିନଥିଲା ।

ପିଅନମାନଙ୍କ ଯୋଗ୍ୟତା ବିଷୟରେ ଆମ କାଳରେ ଶିକ୍ଷାର ମାନ ନଥିଲା । ଶୁଣୁଛି ଆଜିକାଲି ଶିକ୍ଷାର ବହୁଳତା ଦୃଷ୍ଟିରୁ ପିଅନ କାମ ପାଇଁ ମଧ୍ୟ ଶିକ୍ଷାଗତ ଯୋଗ୍ୟତା ଆବଶ୍ୟକ ହେଲାଣି ।

ଆଗ କାଳରେ ପିଅନ କାମର ଯୋଗ୍ୟତା ଥିଲା । ଯିଏ ଯେତିକି ତୋଷାମଦକାରୀ ହୋଇପାରିବ ଉପରିସ୍ଥ କର୍ମଚାରୀଙ୍କ ହୁକୁମକୁ ହାଜର ହୋଇପାରିବ, ହାକିମଙ୍କ କଥା ମୁହଁରୁ ନବାହାରୁଣୁ ଅଧିକ କିଛି ବୁଝି ନେଉଥିବ । ହାକିମ କାହିଁରେ ଖୁସି ସେଇ ତତ୍ତ୍ୱ ଜାଣିଥିବ । ଆଉ ବିଶେଷ କରି ବଡ଼ ଯୋଗ୍ୟତା ହେଲା, ନ କହିଲେ ବି ହାକିମ ଘରକୁ ଯାଇ ତାଙ୍କ ହାକମି (ଅର୍ଥାତ୍ ତାଙ୍କ ସ୍ତ୍ରୀ)ଙ୍କ ବୋଲହାକ କରିବ । କରିଜାଣିବ । ଆଉ ତାଙ୍କୁ ପ୍ରସନ୍ନ ରଖିପାରିବ ।

ଆଜିକାଲି ଅବଶ୍ୟ ଏହା ସହିତ ଶିକ୍ଷାଗତ ଯୋଗ୍ୟତା ଅଧିକ ଦରକାର ପଡୁଛି । କାରଣ (ସେ ସମବୟସୀ ହୋଇଥାନ୍ତୁ ପଛକେ ଯଦି ଚାହିଁବେ) ରାମା ଘରେ ଅମୂଲ ନାହିଁ । ତାକୁ ବୁଝିବାକୁ ପଡ଼ିବ । ବାବୁଙ୍କ ଖାଉଟି ଦୋକାନର ସେହି 'ଧରମା' ଠାରୁ ଉଧାରରେ ଅମୂଲ ଗୋଟିଏ ଡବା ଆଣିବାକୁ ପଡ଼ିବ । ଏଇ

Digitized by srujanika@gmail.com

ପାଠଟିକକ ପଢ଼ିଥିଲେ ସିନା ସେ ଏହି ଉଭୟର ପାର୍ଥକ୍ୟ ଜାଣିପାରିବ । ଆଉ ଭଲ ଜିନିଷଟି ଆଣି ତୁରନ୍ତ ମା'ଙ୍କୁ ଖୁସି କରିବ । ପୁଣି ବାବୁ ଆସିଲେ ତାଙ୍କଠଉଁ ପଇସା ନେଇ ପରେ ପରିଶୋଧ କରିଦେବ ।

ଏଠାରେ ଖାଉଟିବାଲା ଯଦି ବି ଜିନିଷ ନଦେଇ ହଇରାଣ ହରକତ କଲା ତାକୁ ମଧ୍ୟ ମଧୁର ମଧୁର ଦୁଇ ଚାରିପଦ କହି, କାମ ହାସଲ କରିବାକୁ ପଡ଼ିବ ନହେଲେ ପିଅନ ହେବାର ରାମାର କି ଯୋଗ୍ୟତା ରହିଲା ?

ପିଲା ପିଚ୍‌କିା କୁଟୁମ୍ବ ଧରି ଏଇ ରାମା କେତେ ଲୋକଙ୍କ ସହିତ ମିଶିଛି, କେତେ ଲୋକଙ୍କୁ ଜାଣିଛି, ଚିହ୍ନିଛି । ଏବେ କହିବାକୁ ମୋର ସଂକୋଚ ନାହିଁ ଯେ ସେହି ରାମା ହେଉଛି ମୁଁ... ହିଁ ।

ବାହାରେ ଏକ ରୂପ, ଭିତରେ ଅନ୍ୟ ଏକ ।

ଥରେ ରହମନ ଟ୍ୟାକ୍ସି ଡ୍ରାଇଭର ଚିନି ତା'ର ଗାଡ଼ିରେ ବୋଝାଇ କରି ରାତିରେ ଯାଉଥିଲା । ଆମ ଚେକ୍‌ଗେଟ୍‌ରେ ବାବୁ ମୋତେ ଠାରୁଣୁ ନଠାରୁଣୁ ମୁଁ ଗାଡ଼ି ପାଖକୁ ଗଲି ଦେଖିଲି ରହମନ । ପୂର୍ବର ଚିହ୍ନା ଲୋକ । ସେ ରାତିରେ ହିଁ ଆସିଥାଏ । ରାତ୍ରରେ ସବୁ ଏହିପରି ଲୋକଙ୍କ କାରବାର । ଆମେ ବି ରାତ୍ରରେ ଟିକିଏ ହୁସିଆର ଥାଉଁ ଏହା (ପ୍ରତ୍ୟହ ଘଟଣା) ଟର୍ଚ୍ଚ ଲାଇଟ୍ ପକାଇ ଦେଖିଲି ଚିନି ନେଉଛି । ମୁଁ କିଛି ନକହୁଣୁ ସେ ମୋ' ହାତକୁ କାଗଜ ପୁଡିଆଟିଏ ବଢ଼ାଇଦେଲା । ମୁଁ ତାହା ଦେଖିବାକୁ କିଏ ? ଧାଇଁଗଲି ବିମ୍ବାଧର ବାବୁଙ୍କ ପାଖକୁ, ସେ ତାଙ୍କ ଟର୍ଚ୍ଚ ମାରି ମୋତେ ଆଡୁଆଳ କରି ଦେଖିନେଲେ । ମୋତେ ଇଶାରା ଦେଲେ ଗେଟ ଖୋଲିଦେବାକୁ । ମୁଁ ଧାଇଁ ଯାଇ ଗେଟ୍ ଖୋଲିଲି ।

ଏପରି ନିତ୍ୟ ୮/୧୦ଟା କେଶ୍ ହୁଏ । ବିମ୍ବାଧର ବାବୁ ଓଠରେ ହସ ଖେଳାଇ ସକାଳ ପହରକୁ ମୋତେ ଦିଅନ୍ତି ୪/୫ ଟଙ୍କା ସେଥିରେ ମୋତେ ବି ଦାନ୍ତ ଦେଖାଇ ଖୁସି ହେବା ଅଭିନୟ କରିବାକୁ ପଡ଼ିବ । ତାଙ୍କର ଅନୁଗତ୍ୟ ନତମସ୍ତକରେ ସ୍ୱୀକାର କରିବାକୁ ପଡ଼ିବ । ସେ ନିଜେ କେତେ ପାଇଲେ କେତେ ନେଲେ ସେ ଖବର ଜାଣିଗଲେ ବି ଭୁଲିଯିବାକୁ ପଡ଼ିବ । ଯେପରି ଏତକିରେ ଆପଣଙ୍କ ଚରଣ ସେବକ ରାମା କୃତ୍ୟକୃତ୍ୟ ଆଜ୍ଞା । ଆଉ ଅଧିକ କିଛି ସେ ଚାହେଁନାର ଭାବଭଙ୍ଗୀ ପ୍ରକାଶ କରିବାକୁ ପଡ଼ିବ ।

Digitized by srujanika@gmail.com

ଏପରି କେତେ ବର୍ଷ ଧରି କ୍ରମାଗତ କେତେ ରହମନ ଆସନ୍ତି ଆଉ ଯାଆନ୍ତି । ଆମର ଆମେ ଅଛେ ବହୁତେ ଖୁସି । ବହୁତ କାଳ ହେଲା ଭଜମନ ଆସୁ ନଥିଲା । ଆଜି ଆସିଛି । ରାତିରେ । ଗାଡ଼ିର ରଙ୍ଗ ଅବଶ୍ୟ ବଦଳାଇ ଦେଲାଣି । ନହେବ ନାହିଁକି ତା'ର ବିତ ସଉକ ଅଛି ।

ହେଲା ଏବେ ତାକୁ ଦେଖି ନେଇ ମୁଁ ଆଉ କିଛି ନ କହି ତା' ହାତରେ କ'ଣ ଦେଉଛି ବୋଲି ତା'ର ହାତ ଅଣ୍ଡାଳିବାକୁ ଚାହିଁଲି । ସେ ହାତ ବାହାର କରୁନାହିଁ । ମୁଁ କହିଲି ଟିକିଏ କଡ଼ା ମିଜାଜ ନେଇ 'ଭଜମନ'! ସେ ଚୁପ୍ ପଡ଼ିଲା । ମୁଁ ଆଉ ଟିକିଏ ଚଢ଼ାଗଳା କହିଲି- କ'ଣ ଶୁଭୁ ନାହିଁ କରେ ଭଜମନ ! ତଥାପି ସେ ଚୁପ୍ । ମୁଁ ଟିକିଏ ଛୋପରା କରିବାକୁ କହିଲି 'ହଁ ଶୁଣିବୁ କାହିଁକି ତୋର ତ ଆଉ ଆଜିକାଲି ଦେଖାଦର୍ଶନ ନାହିଁ । ଗାଡ଼ିରଙ୍ଗ ବି ବଦଳାଇ ଦେଲୁଣି ।' ବାହାର କଲା । ମୁଁ ପୁଣି ହାତ ଅଣ୍ଡାଳିଲି । ସେ ଚୁପ୍ । ମୁଁ ଅଧୈର୍ଯ୍ୟ । ତେଣେ ବିଦ୍ୟାଧର ବାବୁ ମୋତେ ଗାଳି ନ ଦିଅନ୍ତୁ ବୋଲି ପୁଣି କହିଲି ଭଜମନ କ'ଣ ଶୁଭୁ ନାହିଁ କିରେ ? ଆରେ ହେ କାଗଜ ପୁଡ଼ିଆ କାହିଁ ?

ସେ ଟିକିଏ ଗମ୍ଭୀର ହୋଇ କହିଲା- "କି କାଗଜ ପୁଡ଼ିଆ ?" ମୁଁ କହିଲି "କ'ଣ ଥଟ୍ଟା ଲାଗିଛି । ଏଇ ମଧ୍ୟରେ କ'ଣ ସବୁ ଭୁଲି ଗଲୁଣି ନା ମୋତେ ଭୁଲାଇବାକୁ ବସିଛୁ । ଏଁ ?"

ସେ କହିଲା "ମୁଁ ଭଜମନ ନୁହେଁ । କ'ଣ ଦରକାର ଭଜମନ କ'ଣ କରେ ?" ମୁଁ ଟିକିଏ ଶଙ୍କି ଗଲି । ଲାଇଟ୍ ପକାଇ ଗାଡ଼ି ଭିତରକୁ ଚାହିଁଲି, ଦେଖିଲି ପଛ ସିଟ୍‌ରେ ସୁନ୍ଦରୀ ସ୍ତ୍ରୀ ଲୋକଟିଏ ନିଦ୍ରା ଭିଭୂତା ଆଉ ଗାଡ଼ି ଚାଳକ ସତରେ ଭଜମନ ନୁହେଁ । ତେବେ ମୁଁ କାହାକୁ ଦେଖି ଭଜମନ ଭଜମନ ହେଉଛି । ରାତ୍ରର ଉଜାଗର ଯୋଗୁଁ କ'ଣ ଚିହ୍ନିପାରୁ ନାହିଁ ?

ସେ ଭଦ୍ରଲୋକ ଗାଡ଼ିଚାଳକ ୨/୩ଥର ଇତିମଧ୍ୟରେ ହର୍ଣ୍ଣ ବଜାଇଲେଣି ଗେଟ୍ ଖୋଲିଦେବାକୁ । ବିଦ୍ୟାଧର ବାବୁ ଆସିଲେ । ଗାଡ଼ି ଭିତରକୁ ଟର୍ଚ୍ଚ ପକାଇଲେ । ଏତିକିରେ ଚାଳକ ଅତିଷ୍ଠ ହୋଇ ଗାଡ଼ି ଦୁଆର ଖୋଲି କହିଲେ "ମୁଁ କିଏ ତୁମେ କ'ଣ ଜାଣିନ ?" ବିଦ୍ୟାଧର ବାବୁ କହିଲେ- "କିଏ ଆଜ୍ଞା ଆପଣ ?"

Digitized by srujanika@gmail.com

ସେ କହିଲେ 'ମୁଁ ଏସ୍‌ଡିଓ ।' ମୋର ପିଳେହିପାଣି । ମୁଁ ତତ୍‌କ୍ଷଣାତ ଗେଟ୍ ଖୋଲିଲି । ତାଙ୍କ କିନ୍ତୁ ଆମ ନାଁ ଗାଁ ସବୁ ଟିପିନେଲେ ପୁଅ ଝିଅ ପରି । ତାଙ୍କ ଦୋଷ କ'ଣ କରିଛୁ । ନଜାଣି ଦୋଷ କରିଛ ତ ଆମ ଉଭୟଙ୍କ ନାମ ଗ୍ରାମ ଟିପି ନେଇଥିଲେ । ଆମକୁ ଡିସ୍‌ମିସ୍ ନକରି ପରୱାନା ତହିଁ ଆରଦିନ...ଦେଲେ ଅନ୍ୟ ଏକ ଗେଟ୍‌କୁ ବଦଳି ।

ସେହି ଗେଟ୍‌ରେ ଏତେ ଝାମେଲା ନାହିଁ । ସାଧାରଣ ଗରିବ ଗୁରୁବା ଲୋକ ଆସନ୍ତି କାଠିପତ୍ର, ଛେନା ମହୁଲ କାଠ ବିକ୍ରୟ କରିବାକୁ ।

ଦିନକର କଥା । ବୁଢ଼ା ଲୋକଟିଏ ନୁଖୁରା ବାଳ ଗୋଛାଏ ମୁଣ୍ଡରେ । ପିନ୍ଧିଛି କନା ଖଣ୍ଡିଏ ଗୁରେଇହୋଇ । ତେବେ ମଧ୍ୟ ତା'ର ଲଜ୍ଜା ଅଢ଼ଙ୍କା ହୋଇ ରହିଯାଇଛି । ଇତିମଧ୍ୟରେ ଏ ଗେଟ୍ ଦେଇ ଆସୁଥିବା ଜଣେ ଚିନାବାଦାମ ଚାଷୀଠାରୁ ମୁଁ କିଛି ଚିନାବାଦାମ ଖାଇବା ପାଇଁ ରଖିନେଇଥିଲି । ତାହାକୁ ପୋଡ଼ାଇ ଖାଇବାକୁ ନିଆଁ କାହିଁ ଏ ଚେକ୍‌ଗେଟ୍‌ରେ ? ପକେଟ୍‌ରେ ରଖିଥିଲି । ବାବୁ ନଥିଲେ । ସେ ବୁଢ଼ା ବାଡ଼ି ଖଣ୍ଡିଏ ଧରି, ତା'ର ଆଖିକୁ ଅଦୃଶିଆ ହେବା ଅବସ୍ଥାରେ ମଧ୍ୟ ଧୀରେ ଧୀରେ ଚାଲି ଯାଉଥିଲା । ମୁଁ କେଜାଣେ କାହିଁକି ତାକୁ ଅଟକାଇଲି । ମୋ ପରିକା ଗରିବ ଜଣେ ତ ! ତା' ପ୍ରତି ଅନୁକମ୍ପା ଜାତ ହେଲା । ସେ ଅଟକିଲା । ବସିବାକୁ କହିଲି । ବସିଲା । ପଚାରିଲି କେଉଁ ଥାନକୁ ଯାଉଥିଲ ? ସେ କହିଲା ଏ ଆଡ଼େ କେନାଲ ତଳକୁ ନିତ୍ୟକର୍ମ ନିମନ୍ତେ । ତା' ଘର କେଉଁ ସାହିରେ ପଚାରିଲି । ସେ ଟିକିଏ ଥତମତ ହୋଇ କହିଲା ବାରିକ ସାହି । ତାକୁ ତୁହାକୁ ତୁହା ପଚାରିବାରୁ ସେ କହିଲା ତା'ର ଆତ୍ମକାହାଣୀ ।

ପୁଅ-ବୋହୂ ସମସ୍ତେ ଅଛନ୍ତି । ପେଟପୂରା ଖାଇବାକୁ ଦେଇନଥାନ୍ତି । କିନ୍ତୁ ଭିକମାଗିବାକୁ ବି ମନା କରନ୍ତି । କାହାରିକୁ କିଛି କହିପାରେନାହିଁ । ନିଜ ଦୁଃଖ କଥା । କହିଲି- "ଏଠାରେ ମୋ' ପାଖରେ କିଛି ଚିନାବାଦାମ ଅଛି ନେଇଯାଅ । ସେ ମନାକଲା, କହିଲା- କେଉଁଠାକୁ ନେବି ! ପୁଅ ବୋହୂ ଦେଖିଲେ କହିବେ ଭିକ ମାଗିଛୁ । ଆମର ବଦନାମ କରୁଛୁ । ତା' ଉପରେ ଏ ଚିନାବାଦାମ ତ ମୋ' ପେଟକୁ ଯିବ ନାହିଁ । ନାତି ନାତୁଣୀ ଅବା ଖାଆନ୍ତେ । ନେଇ ଯାଆନ୍ତି ।

Digitized by srujanika@gmail.com

ସେମାନେ ଖାଇଲେ ବି ମୋ' ପେଟ ପୂରିଯାଆନ୍ତା । ହେଲେ ମୁଁ ଗାଳିଖାଇ ପେଟ ପୂରାଇବି ବାବୁ ? ଏହା ପଛକେ ତୁମ ପାଖରେ ଥାଉ । ତୁମେ ମୋ କଥା ଶୁଣିଲ ସିନା, ମୋ' ପୁଅ ବୋହୂଙ୍କ କାନରେ ଯେପରି ଏକଥା ନପଡ଼େ । ଗୋଟିଏ ସାହସରେ ମୋ ଦୁଃଖ ତୁମ ଆଗରେ କହିଗଲି, କିନ୍ତୁ ତୁମେ ଆଉ ଏକଥା କାହାକୁ ବି କହିବ ନାହିଁ । ତା'ର ପରିଚୟରୁ ଜାଣିଲି ସେ ମୋର ଦୂର ସମ୍ପର୍କୀୟ ଜଣେ କାକା ହେବେ । ଅନେକ ଦିନରୁ ତ ତାଙ୍କ ସହିତ ମୋର ଆଳାପ ନଥିଲା ଏବେ ହେଲା । ତେବେ ମଧ୍ୟ ମୁଁ ଆଉ ତାଙ୍କୁ ମୋର ପରିଚୟ ଦେଇ ଆତଙ୍କିତ କରିନଥିଲି । ଚେକ୍‌ଗେଟ୍‌ରେ ପିଅନ ଭାବରେ କାମ କରୁଥିବା ବେଳେ ଏପରି କେବେ କୌଣସି ଘଟଣା ମୋ ଚେତନାକୁ ଅସ୍ତବ୍ୟସ୍ତ କରିନଥିଲା । ମୋ କାକାଙ୍କ ପାଇଁ ବି କିଛି କରିପାରିଲି ନାହିଁ ସେଇ ଦୁଃଖରେ ଘାରିହେଉଛି ।

❑

Digitized by srujanika@gmail.com

ସ୍ୱରସ୍ପର୍ଶ

ହେଡମାଷ୍ଟର ନରେନ୍ଦ୍ର ଦାସ ସ୍କୁଲର ସବୁଠାରୁ ଉଚ୍ଚଶ୍ରେଣୀର ଦକ୍ଷିଣ ଦିଗକୁ ସଜ୍ଜିତ ଏକ ଲମ୍ବ ବାକ୍ସ ଉପରେ ବସନ୍ତି । ଲମ୍ବମାନ ବାକ୍ସର ଗୋଟିଏ ସାଇଡ୍‌ରେ ହେଡମାଷ୍ଟରଙ୍କ ଚୌକି ଟେବୁଲ ପଡିଛି । ହେଲେ ମାଷ୍ଟ୍ରେ ବସନ୍ତି ଏହି ପ୍ରିୟ ବାକ୍ସ ଉପରେ । କାରଣ ଏହା ବସିବାର କାମ କରେ । ଅଧିକାଂଶ ସମୟ ସ୍ୱଚ୍ଛଳ ଶୟନ ନିମନ୍ତେ ମଧ୍ୟ ପ୍ରଶସ୍ତ । ଏହିପରି ସଦ୍‌ବ୍ୟବହାର ଯୋଗୁଁ ବାକ୍ସର ଉପର ଢ଼ାଙ୍କୁଣୀ ଚିକ୍କଣ ହୋଇଗଲାଣି ।

ମାଷ୍ଟ୍ରଙ୍କ ଶୟନାବସ୍ଥାରେ ମଧ୍ୟ ବେତ୍ରଟି ହାତ ପାଆନ୍ତାରେ ଥାଏ । ଏହି ବେତ୍ରାଘାତ ଭୟରେ ପିଲାଏ (ମାଷ୍ଟ୍ରଙ୍କ ଶୋଇଥିବା ଅବସ୍ଥାରେ ମଧ୍ୟ) ବେତ୍ରକୁ ମାଷ୍ଟ୍ରେ ମନେ କରି ପାଠ ପଢନ୍ତି । ବେତ୍ର ସବୁ ସମୟରେ ସଜାଗ । କେତେବେଳେ କେଉଁ ମୁହୂର୍ତ୍ତରେ ଆସି କେଉଁ ପିଲାର ଦେହାରୂଢ ହେବ କେଜାଣେ ! !

ତଳ କ୍ଲାସରେ ଅଧିକ ଛାତ୍ର ନାମ ଲେଖାଇଥାନ୍ତି । କ୍ରମଶଃ ଉପର କ୍ଲାସକୁ ଆସିବା ନିମନ୍ତେ ବହୁ ଆୟାସ ସ୍ୱୀକାର ପୂର୍ବକ କେତେକ ମେଧାବୀ ଛାତ୍ର ସଫଳ କାମ ହୋଇଥାନ୍ତି । ସେମାନଙ୍କ ମଧ୍ୟରେ ନିରଞ୍ଜନ, ପଙ୍କଜ ଦୁଇ ବନ୍ଧୁ । ଏକା ସାଙ୍ଗରେ ପିଲାବେଳୁ ପଢି ପଢି ଆସୁଛନ୍ତି ।

ସବା ଉପର କ୍ଲାସରେ ଗୀତାଭିନୟ ଶିଖାନ୍ତି ମାଷ୍ଟ୍ରେ । ନରେନ୍ଦ୍ରବାବୁଙ୍କ ସଙ୍ଗୀତ ପ୍ରତି ବଡ଼ ଆଦର । ଏ ବୃଦ୍ଧ ବୟସରେ ମଧ୍ୟ ସଙ୍ଗୀତ ଆସରର ପ୍ରଥମ

Digitized by srujanika@gmail.com

ଧାଡ଼ିରେ ବସନ୍ତି । ଗୋଟିପୁଅ ନାଚ, ଶବର-ଶବରୁଣୀ ନାଚ, ଗାଁର ପର୍ବପର୍ବାଣିରେ ଯାହା କେବେ କିମିତି ହୁଏ ନରେନ୍ଦ୍ର ମାଷ୍ଟ୍ରେ ଚଷମା ପିନ୍ଧି ତହିଁରେ ହାଜର ।

ନିରଞ୍ଜନ ଓ ପଙ୍କଜ ଦୁଇ ବନ୍ଧୁଙ୍କୁ ମାଷ୍ଟ୍ରେ ଭକ୍ତ ଧ୍ରୁବ ଗୀତାଭିନୟ ଶିଖାଇଲେ । ନିରଞ୍ଜନ ଗରିବ ପିଲା । ଭଲ ପେଣ୍ଟ ସାର୍ଟ ନାହିଁ । ସୁଖେ ଦୁଃଖେ ଚଳିଯାଏ । ତାକୁ ମାଷ୍ଟ୍ରେ ପାର୍ଟ ଦେଲେ ଧ୍ରୁବର ଆଉ ପଙ୍କଜ ତା' ଠାରୁ ବୟସରେ କିଛି ଛୋଟ ହେଲେ ବି ଭଲ ଗୀତ ଗାଇଜାଣେ, ମାଷ୍ଟ୍ରେ ତାକୁ କଲେ ଶ୍ରୀହରି ।

ପିଲାଙ୍କ ଡେସ୍କ ଚାରିପଟରେ ବୁଲି ବୁଲି ଶ୍ରୀହରି ଯେତେବେଳେ ଗାଏ 'ଭକ୍ତ ଭାବେ ବୁଡିଥାଏ ପରାଣ ମୋର... । ତା' ଦୁଃଖ ଦେଖି ନୟନୁ ବହଇ ନୀର ।

ଭକତ କଷଣ ନ ପାରି ସହି
ତା ଲାଗି ପରାଣ ହୁଅଇ ଦହି
ଦିବାନିଶି ଝୁରୁଥାଏ ପରାଣ ମୋର... ।

ନରେନ୍ଦ୍ର ମାଷ୍ଟ୍ରେ ପଙ୍କଜକୁ ହସ୍ତ ଭଙ୍ଗୀ କରି କିପରି ନୟନରୁ ନୀର ବହିବ ଦୁଇ ହାତରେ ଆଖିରୁ ତଳକୁ ହାତ ଛାତି ପର୍ଯ୍ୟନ୍ତ ଆଣିବାକୁ ନିର୍ଦ୍ଦେଶ ଦେଇଥାନ୍ତି । ପୁଣି ପରାଣ ଦହି ହେବା ଅବସ୍ଥାକୁ ହୃଦୟସ୍ପର୍ଶ କରିବା ଇତ୍ୟାଦି ଅଭିନୟ ଶିଖାଇଛନ୍ତି । ପଙ୍କଜ ବୟସରେ ଛୋଟ । ସେ ଗୀତ ଗାଉଁ ଗାଉଁ ହସ୍ତାଭିନୟ ଅନେକ ସମୟରେ ଭୁଲ୍ କରିପକାଏ । ଭୁଲ୍ କରିବା ବି ସେ ହେତୁ କରି ନିଜେ ଲଜ୍ଜିତ ହୋଇ ମୁହଁ ଲାଲ ହୋଇଯାଏ । ଏଣେ ଡେସ୍କମାନଙ୍କ ଅନ୍ଧିସନ୍ଧିରେ ବୁଲିବାକୁ ଭୁଲିଯାଏ । ଗୋଟାଏ ପାଖରେ ଗୀତର ସ୍ୱର ଲହରୀ, ଉଚ୍ଚ ସ୍ୱର, ନିମ୍ନ ସ୍ୱର, ତେଣେ ଦୁଇ ହାତରେ ଅଭିନୟ ପୁଣି ଗମନ ଏସବୁକୁ ଠିକ୍ ଠିକ୍ ଏକ ସଙ୍ଗରେ ମନେ ରଖି ଚପଳମତି ବାଳକ ମାଷ୍ଟ୍ରଙ୍କ ମନକୁ ପାଇଲା ଭଳି ଅଭିନୟ କରିପାରୁ ନାହିଁ । ମାଷ୍ଟ୍ରେ କେତେ ଯାତ୍ରା ଦଳ ଏପରି ଦେଖିଛନ୍ତି । ଏ ବୟସର ପିଲାଏ ତ ସମସ୍ତ ମନେ ରଖି ଠିକ୍ ଠିକ୍ କରିଥାନ୍ତି । ଆଉ ଏ ପଙ୍କଜ ପାରୁନାହିଁ କାହିଁକି ଅବା ମାଷ୍ଟ୍ରେ ମନେ ମନେ ଭାବନ୍ତି । ନିଜ ଶିଖାଇବାରେ କିଛି ବ୍ୟତିକ୍ରମ ରହିଗଲା, ହେଲେ ନିଜ ଭୁଲକୁ ସ୍ୱୀକାର କେତେଜଣ କରନ୍ତି ?

Digitized by srujanika@gmail.com

ତା' ପୁଣି ନରେନ୍ଦ୍ର ମାଷ୍ଟ୍ରେ !! ହେଡମାଷ୍ଟର କାହା ଆଗରେ ସ୍ୱୀକାର କରିବେ ? କସ୍ମିନକାଳେ ନୁହେଁ । ଅଧସ୍ତନ ମାଷ୍ଟରମାନେ ଅବା କ'ଣ ବୁଝିବେ ଗୀତାଭିନୟ ମୂଲ୍ୟ ? ସଙ୍ଗୀତ ? ମନ ହୃଦୟକୁ ଏକାବେଳେକେ ବହୁ ଉଚ୍ଚ ଆନନ୍ଦମୟ ଧାମରେ ନେଇ କିଛିକ୍ଷଣ ନିଜକୁ ନିଜେ ଭୁଲିଯିବା ଆନନ୍ଦ ! ଏ ଶରୀର ଥାଉ କି ଆତ୍ମା ଚିର ଆନନ୍ଦର ଏକ ପ୍ରବାହରେ କ୍ଷଣକ ପାଇଁ ଲୀନ ହୋଇଯିବା । ଏହା କ'ଣ ସମସ୍ତେ ବୁଝିପାରିବେ ?

ମାଷ୍ଟ୍ରେ ପାରୁପର୍ଯ୍ୟନ୍ତ ପଙ୍କଜକୁ ସେହି ଭାବାତୀତ ଜଗତରେ ପ୍ରବେଶ କରାଇ ତା' ସ୍ୱର ମାଧୁର୍ଯ୍ୟରେ ନିଜକୁ ନିଜର ସତ୍ତାକୁ ଭୁଲି ଯିବାର ପ୍ରାଣପଣ ଚେଷ୍ଟା କରନ୍ତି ।

ସ୍କୁଲର ପରୀକ୍ଷା ସମୟ ସମାଗତ । ଗୀତାଭିନୟ ସେତିକିରେ ସମାପ୍ତ । ମାଷ୍ଟ୍ରେ ଆଉ ଭାବାତୀତ ରାଜ୍ୟରେ ପ୍ରବେଶ, ଅବଗାହନ କରିନପାରି ସେହି ଲମ୍ବା ବାକ୍ସର ଉପର ପଟକୁ ଏପଟ ସେପଟ ହୋଇ ଆହୁରି ଚିକ୍କଣ କରିବାରେ ଲାଗିଥାନ୍ତି ।

ପରୀକ୍ଷା ସରିଲା । ପିଲାଏ ଯିଏ ଯାହାର ଉପଯୁକ୍ତ ନମ୍ବର ରଖି ପାସ୍ କରିବା ପରେ ପଙ୍କଜ ତହୁଁ ଉତ୍ତୀର୍ଣ୍ଣ ହୋଇପାରିଲା ନାହିଁ ପରୀକ୍ଷାରେ । ସଙ୍ଗୀତର ଭାବରେ ଅବଗାହନ କରି ପରମ ତୃପ୍ତି ଲାଭ କରେ । ସଙ୍ଗୀତରେ ଅବଗାହନ କରେ । ପଙ୍କଜ ତାର ବହୁଦିନ ଈପ୍‌ସିତ ସଙ୍ଗୀତ ଝଙ୍କାରରେ ଶ୍ରୋତାଙ୍କୁ ଏପରି ବୁଡାଇ ରଖିଲା ଯେ ମାଷ୍ଟ୍ରେ ଆଉ ଚେୟାରରୁ ଉଠିନଥିଲେ । ଶେଷରେ ପଙ୍କଜ ଯେତେବେଳେ ତାନପୁରା ସହିତ ସଙ୍ଗୀତ ଶେଷ କଲା (ଧ୍ରୁପଦଙ୍କ) ଶ୍ରବଣ ଆଉ ସାରଙ୍କୁ ଡାକିଲା ସାର ଆଉ କିଛି ଉତ୍ତର ଦେଇନଥିଲେ । କେଉଁ ଅନନ୍ତ ମାଧୁର୍ଯ୍ୟରୁ ଆଉ ଫେରି ପାରିନଥିଲେ ଅବା ଫେରିବାକୁ ଇଚ୍ଛା ବି କରିନଥିଲେ ।

ଦୀର୍ଘ ୨୦ ବର୍ଷ ପରେ ନରେନ୍ଦ୍ର ମାଷ୍ଟ୍ରେଙ୍କ ଘରେ ଜଣେ ଅତିଥି ଦିନେ ଆସି ମାଷ୍ଟ୍ରଙ୍କୁ ପ୍ରଣାମ କରି କହିଲା, ଆଜ୍ଞା 'ମୁଁ ପଙ୍କଜ' । ଆପଣଙ୍କ ଆଶୀର୍ବାଦରୁ ଏକ ସଙ୍ଗୀତ ବିଶାରଦ ପରୀକ୍ଷା ଦେଇ ଫେରିଲି । ଆପଣଙ୍କୁ ସାକ୍ଷାତ କରିବି ବୋଲି । ମାଷ୍ଟ୍ରେ ବାକ୍ ରୁଦ୍ଧ, କଣ୍ଠ ରୁଦ୍ଧ । ଆଖିକୁ କିଛି ଦେଖାଯାଉ ନାହିଁ ।

Digitized by srujanika@gmail.com

ତେବେ ପଙ୍କଜର କଥା ତାଙ୍କ ମସ୍ତିଷ୍କର କେଉଁ ଏକ ସୂକ୍ଷ୍ମକୋଣରେ ଅବଚେତନ ଅବସ୍ଥାରେ ରହିଥିଲା ।

ପଙ୍କଜର ପରିଚୟ ପାଇବାକୁ ମସ୍ତିଷ୍କରେ ସଙ୍ଗେ ସଙ୍ଗେ ସୃଷ୍ଟି ହେଲା ଆଲୋଡନ । ଆଉ ବହୁ ଦୂର ଅତୀତର ଏକ କିଶୋର ବାଳକ ଭକ୍ତ ଭାବେ ବୁଡ଼ିଥାଏର ମୃଦୁ କ୍ଷୀଣ ଶବ୍ଦ ଗୁଞ୍ଜରଣ ମାଷ୍ଟ୍ରଙ୍କୁ ସଚେତ କରିବାରେ ଲାଗିଥାଏ ।

ପଙ୍କଜ କହିଲା- "ଆଜ୍ଞା ଆପଣଙ୍କ ପାଦପଦ୍ମରେ ସଙ୍ଗୀତର ଗୋଟିଏ ପଂକ୍ତି ଗାଇବି କିଛି ମନେ କରିବେ ନାହିଁ । ଆପଣଙ୍କୁ ଏ ଗୀତ ଶୁଣାଇବି ବୋଲି ବହୁ ବର୍ଷ ହେଲା ସାଧନା କରି ଆସୁଛି ।"

ଅଗତ୍ୟା ମାଷ୍ଟ୍ରଙ୍କ ଅନୁମତିକୁ ଅପେକ୍ଷା ନକରି ପଙ୍କଜ ଗୀତଟି ଗାଇଲା । ନରେନ୍ଦ୍ର ମାଷ୍ଟ୍ରେ ସେ ଗୀତର ମାଧୁରୀରେ ବହୁଦିନରୁ ଅବଗାହନ କରିବା ପାଇଁ ଉତ୍ସୁକ ଥିଲେ । ସେ ତୃଷ୍ଣା ମେଣ୍ଟିନଥିଲା । ଚାତକ ପକ୍ଷୀ ଯେପରି ନିଜର ଅଜ୍ଞାତସାରରେ ମେଘର ବାରିବିନ୍ଦୁ ନିମନ୍ତେ ନିଦାଘର ତପ୍ତ ରୌଦ୍ରରେ, ଅତୃପ୍ତ, କଣ୍ଠାଗ୍ରତ ପ୍ରାଣରେ ବ୍ୟାକୁଳ ହୋଇ ଅଧୀର ଭାବରେ ଆକାଶର ଏଣେତେଣେ ଉଦ୍‌ଭ୍ରାନ୍ତ ଭାବରେ ଘୂରି ବୁଲୁଥାଏ, ସେପରି ମାଷ୍ଟ୍ରେ ମଧ୍ୟ ନିଜ ଅଜ୍ଞାତସାରରେ କେଉଁ ଭାବ ଅନ୍ୱେଷଣରେ ଆଜିପର୍ଯ୍ୟନ୍ତ ନିଜ ଅଜ୍ଞାତସାରରେ ଘୁରି ବୁଲୁ ଥିଲେ । ଆଜି ଏ ସଙ୍ଗୀତର ଭାବରେ ଅବଗାହନ କରି ପରମ ତୃପ୍ତି ଲାଭ କଲେ । ପଙ୍କଜ ତାର ବହୁଦିନ ଇପ୍‌ସିତ ସଙ୍ଗୀତର ଝଙ୍କାରରେ ଶ୍ରୋତାଙ୍କୁ ଆଜି ଏପରି ବୁଡ଼ାଇ ରଖିଲା ଯେ ମାଷ୍ଟ୍ରେ ଆଉ ଚେୟାରରୁ ଉଠି ନଥିଲେ । ଶେଷରେ ପଙ୍କଜ ଯେତେବେଳେ ତାନ୍‌ପୁରା ସହିତ ସଙ୍ଗୀତ ଶେଷ କଲା ଲବଣ ଆଉ ସାର୍‌ଙ୍କୁ ଡାକିଲା ସାର୍ ଆଉ କିଛି ଉତ୍ତର ଦେଇ ନଥିଲେ । କେଉଁ ଅନନ୍ତ ମାଧୁର୍ଯ୍ୟମୟରୁ ଆଉ ଫେରି ପାରିନଥିଲେ ଅବା ଫେରିବାକୁ ଆଉ ଇଚ୍ଛା ହିଁ କରିନଥିଲେ ।

❑

Digitized by srujanika@gmail.com

ବନ୍ଧୁ ମିଳନ

ସେଦିନ ଡାକବଙ୍ଗଳାରେ ଭୋଜି ଥାଏ । ରମେଶ, ଧନଞ୍ଜୟ, ନରେନ୍ଦ୍ର, ସାଧୁ, ଈଶ୍ୱର, ଦେବେନ୍ଦ୍ର ଇତ୍ୟାଦି ବହୁ ପ୍ରୌଢ ବନ୍ଧୁ ବାଲ୍ୟ ଜୀବନର ମାଦକତାକୁ ପୁଣି ଥରେ ଆସ୍ୱାଦନ ମିଳିମିଶି କରିବା ନିମନ୍ତେ ଏ ସମ୍ମେଳନର ବ୍ୟବସ୍ଥା କରିଛନ୍ତି ।

ଡାକ ବଙ୍ଗଳା ଏକ ନିର୍ଜନ ସ୍ଥାନ । ବସ୍ତିରୁ କିଛି ଦୂରରେ । ଏଠାରେ ଆହାର ବିହାର ପାନ ଭୋଜନ ଯିଏ ଯେତେ କଲେ ବି ଦେଖିବା, ଲୋକ କହିବା ଲୋକ କେହି ନାହାନ୍ତି ।

ଆଜିକାଲି ଭୋଜନ ଅପେକ୍ଷା ପାନରେ ଅଧିକ ମାଦକତା ଉପଲବ୍ଧ ହୁଏ । ପାନ ଜନିତ ଉଚ୍ଛୃଙ୍ଖଳତା, ବିଚ୍ଛୃଙ୍ଖଳତାର ରସ ଆସ୍ୱାଦନ ଏକ ମନୋମୁଗ୍ଧକର ରୁଚିରେ ପରିଗଣିତ ହେଉଛି ।

ସମସ୍ତ ବନ୍ଧୁ ଗୃହସ୍ଥାଶ୍ରମୀ । ବିଭିନ୍ନ ଦିଗରୁ ଆୟ କରି ଖର୍ଚ୍ଚ ବି କରନ୍ତି ପ୍ରଚୁର । ତେବେ ଏକକାଳୀନ ଭାବରେ ବସି ଏ ସମସ୍ତ ଆସ୍ୱାଦ ବଡ଼ ସୁଖକର ମୁହୂର୍ତ୍ତ ନିଶ୍ଚୟ ।

ପାନର ତ ରମେଶ ଅଧିକ ମାତ୍ରା ସେବନ କରି ମଧ୍ୟ ନିଜର ବାକ୍‌-ସଂଯମ ପାଇଁ ବନ୍ଧୁ ସମାଜରେ ଖ୍ୟାତ । ସେ ଅଧିକରୁ ଅଧିକ ସେବନ କରିବି ଅଜ୍ଞାନ ହୋଇନଥାନ୍ତି ।

Digitized by srujanika@gmail.com

ଧନଞ୍ଜୟ ତାଙ୍କଠାରୁ ଊଣା । ସେ ମଧ୍ୟ ପିଅନ୍ତି ଯେ ସାମାନ୍ୟ ପାନ ପରେ ମଧ୍ୟ ଅସୁସ୍ଥତା ବୋଧ କରି ଶଯ୍ୟାର ଆଶ୍ରୟ ଖୋଜି ବସନ୍ତି ।

ଆଜି ସେ ଅପୂର୍ବ ମହୋତ୍ସବ । ରମେଶ ବେଶ୍ ଦୁଇ ଚାରି ଗ୍ଲାସ ପିଇ ଖାଇ ବସିଲେଣି । ମାଂସ ପ୍ରଚୁର ଖାଇଲେ ।

ଧନଞ୍ଜୟ ମଧ୍ୟ ପାନ କରି ଅଳ୍ପ ଖାଇ ତାଙ୍କ ଅଭ୍ୟାସମତେ ଶଯ୍ୟା ଅନ୍ୱେଷଣରେ ବାହାରିଲେ । ମାତ୍ର ଦୈବାତ ଅସହ୍ୟ ହୋଇ ବାନ୍ତି ହେଲା । ସେ ସେଠାରେ ତଳେ ଶୋଇ ପଡ଼ିଲେ । ଅଳ୍ପ ଦୂରରେ ରମେଶ ଖାଇସାରି ପେଟ ଲମ୍ବାଇ ସିଗାରେଟଟିଏ ଧରାଇ ଧନଞ୍ଜୟ ଆଡକୁ ନିରୀକ୍ଷଣ କଲେ । ମୁହଁର ଭାବ ବିକୃତ ହେଲାଣି । କଥା କହିବା ବେଳେ ଓଠ ଏକୋଣ ସେକୋଣ ହୋଇ ବାକ୍ୟ ସ୍ଖଳନକୁ ଯତ୍‌ପରୋନାସ୍ତି ସଂଜତ କରି କହିବାକୁ ଚେଷ୍ଟିତ କ୍ରମେ ତାହା ମଧ୍ୟ ବନ୍ଦ ହେଲା ।

ଏଣେ ଧନଞ୍ଜୟ ବାନ୍ତି କରି ସଂଜ୍ଞାହୀନ ଅବସ୍ଥାରେ ପଡ଼ି ରହିଛନ୍ତି । ପାଖରେ ଏକ କୁକୁର । ବୁଲା କୁକୁର ନୁହେଁ । ଡାକ ବଙ୍ଗଳାର ପୋଷା କୁକୁର । ବାନ୍ତିର ସମସ୍ତ ସାରଗୁଡିକୁ ସଫା କରି ଧନଞ୍ଜୟଙ୍କ ମୁହଁରୁ ନିର୍ଗତ ହେଉଥିବା ଆଉ କିଛି ଅଂଶ ମଧ୍ୟ ପରିଷ୍କାର କରିବାକୁ ଲମ୍ବ ଜିଭ ତାଙ୍କ ମୁହଁ ପାଖକୁ ନେବାକୁ ଉଦ୍ୟତ । ଧନଞ୍ଜୟ ଏହା ଜାଣିପାରୁ ଥିଲେ ମଧ୍ୟ ସେ ନିଷ୍କ୍ରିୟ । ହାତ ଗୋଡ ଚଳୁ ନାହିଁ ଏପରି ଅପ୍ରୀତିକର ଘଟଣାକୁ ବାରଣ କରିବା ନିମନ୍ତେ । ରମେଶ ମଧ୍ୟ ଘୋର ନିଶାରେ ବାକ୍ ସଂଚାଳନ କରିପାରୁ ନାହାନ୍ତି । ତାଙ୍କ ପାର୍ଶ୍ୱର ବନ୍ଧୁଙ୍କୁ ତର୍ଜନୀ ନିର୍ଦ୍ଦେଶ କରି ଏ ଅଲୌକିକ ବିସ୍ମୟକର ଘଟଣା ଦେଖାଉଛନ୍ତି । ବରୁଣ ମଧ୍ୟ ଚକ୍ଷୁରେ ଚଷମା ପିନ୍ଧି ମଧ୍ୟ, ଚଷମା ଖୋଜି ଆଉ ସ୍ପଷ୍ଟତର ଭାବରେ ଏ ଦୃଶ୍ୟ ଦେଖିବା ନିମନ୍ତେ ଆଗ୍ରହ ପ୍ରକାଶ କଲେ ମଧ୍ୟ ଚଷମା ପାଉନାହାନ୍ତି । ପକେଟ ଅଣ୍ଡାଳୁଛନ୍ତି, ଆଉ ମୋର ଚଷମା, ମୋର ଚଷମା କହି ଏଣେତେଣେ କଚଡା ଖାଉଛନ୍ତି । ଅବଶେଷରେ ବରୁଣ ଧନଞ୍ଜୟଙ୍କ ନିକଟ ହେଲେ ବି କୁକୁରକୁ ବାରଣ କରିପାରୁନାହାନ୍ତି । ଅସହାୟ ହୋଇ ମୁହଁ ବିକୃତ ହୋଇଯାଇଛି । ଏ କୁକୁରର ଏତାଦୃଶ୍ୟ ବ୍ୟବହାରରେ ସେ କ୍ଷୁବ୍ଧ ହେଲେ

Digitized by srujanika@gmail.com

ମଧ୍ୟ ବିବ୍ରତ ହୋଇପାରୁନାହାନ୍ତି । ତା'ପରେ ବରୁଣ ଏ ଘଟଣା ଦେଖିଲାଣି ଯେତେବେଳେ... । ଏସବୁ ଲକ୍ଷ୍ୟ କରୁଛନ୍ତି ରମେଶ ଓ ଆଉଜଣେ ଦୁଇ ଜଣଙ୍କୁ ହାତ ଠାରି କେବଳ ଦେଖାଇବାକୁ ସମର୍ଥ । ଆଉ ବନ୍ଧୁମାନେ ମନେ କରୁଛନ୍ତି ରମେଶ ବି ବାନ୍ତି କଲେଣି । ଆଉ ସେ ବିଚରା କୁକୁର ମଧ୍ୟ ଏଣେ ଦୃଷ୍ଟି ନିକ୍ଷେପ କଲାଣି । ଅସହାୟ ଭାବରେ ବନ୍ଧୁମାନେ ମଧ୍ୟ କେବଳ ଲକ୍ଷ୍ୟ କରୁଛନ୍ତି ଅଥଚ କାହାକୁ ଆଉ କିଛି କହିପାରୁ ନାହାନ୍ତି । ବିଚରା କୁକୁର ସମସ୍ତଙ୍କ ମୁହଁକୁ ବଲ ବଲ କରି ଚାହିଁ ରହିଛି । ଯଦି ଆଉ କେହି ଜଣେ ବାନ୍ତି କରନ୍ତି, ପରିଷ୍କାର କରିବା ଦାୟିତ୍ୱ ତ ପୁଣି ତା'ର ରହିଛି । ସେ ମଣିଷ ନହେଲେ ବି ମଣିଷମାନଙ୍କର ସେବାରେ କେତେ ଯତ୍ନଶୀଳ ତ୍ରୁଟିବିହୀନ ଦାୟିତ୍ୱ ତୁଲାଉଛି ।

❑

Digitized by srujanika@gmail.com

ବିରାଡ଼ି ଶାବକ

ଦିନେ ମୁଁ ଦୋକାନରେ ବସିଛି । ମୋର ନିଜ ଦୋକାନ ନୁହେଁ । ଏଠାରେ ମୁଁ ଚାକିରି କରେ । ଜଣେ ମଫସଲି ଲୋକ ଆସି ଖଣ୍ଡିଏ ଧୋତି ଆଉ ଗାମୁଛା କିଣିଲେ । ଆଉ ଆଜିକାଲି ବଜାର ଦର ଦାମ କଥା ବଖାଣି ବସିଲେ ।

ଇଚ୍ଛା ନଥିଲେ ବି ଏପରି ଗ୍ରାହକମାନଙ୍କ କଥା ଶୁଣିବାକୁ ପଡିଥାଏ । ଆଖପାଖ ଛୋଟ ଛୋଟ ଗ୍ରାମମାନଙ୍କ ଅଧିବାସୀ ଏହି ଛୋଟ ସହରକୁ ପ୍ରତ୍ୟହ ଆସନ୍ତି । ନିଜ ନିଜ ଚାହିଦା ମୁତାବକ ଜିନିଷପତ୍ର କିଣନ୍ତି ଆଉ କେତେକ ଗ୍ରାମବାସୀ ନିଜ ନିଜ ବାଡ଼ି ବଗିଚାରୁ ଉତ୍ପାଦିତ ଫଳମୂଳ ସାଗ ସବଜି ଆଣି ଏଠା ବଜାରରେ ବିକ୍ରୟ କରି ଆବଶ୍ୟକୀୟ ଗୃହ ସାମଗ୍ରୀ କିଣି ସ୍ୱଗ୍ରାମମାନଙ୍କୁ ପ୍ରତ୍ୟାବର୍ତ୍ତନ କରନ୍ତି । ଏ ଛୋଟ ସହରଟି ଅନେକଗୁଡ଼ିଏ ଛୋଟ ଛୋଟ ଗ୍ରାମର ମଧ୍ୟସ୍ଥଳରେ ଅବସ୍ଥିତ । ପୁଣି ଟ୍ରେନ୍, ବସ୍ ଇତ୍ୟାଦି ବିଭିନ୍ନ ସହରକୁ ଏହି ଛୋଟ ସହର ମଧ୍ୟ ଦେଇ ଯାଇଥିବାରୁ କେଉଁ ଅନାଦି କାଳରୁ ଏହା କେନ୍ଦ୍ରସ୍ଥଳୀ ରୂପେ ଏକ ଛୋଟ ସହର ହୋଇ ସ୍ୱତଃ ଗଢ଼ି ଉଠିଛି । ବିଶେଷତଃ ଗ୍ରାମାଞ୍ଚଳର ଅଧିବାସୀ ଏବଂ ସହରୀ ଅଧିବାସୀଙ୍କ ମଧ୍ୟରେ ସାମଞ୍ଜସ୍ୟ ରଖି ଏଠାକାର ଦୋକାନୀମାନେ କାରବାର କରନ୍ତି । ନିକଟ ଗ୍ରାମମାନଙ୍କରୁ ଅନେକ ଆସି ଆମ ପରି ଅକର୍ମଣ୍ୟ ଦୋକାନୀଙ୍କ ଚାକରମାନଙ୍କ ସହିତ କିଛି କିଛି ସୁସଂପର୍କ ସ୍ଥାପନ କରି ଦେଶ ବିଦେଶର ଦୁଇ

Digitized by srujanika@gmail.com

ଚାରି ପଦ କଥା ପଚାରି ବୁଝିବାକୁ ଉତ୍କଣ୍ଠିତ ହୁଅନ୍ତି ଆଉ କେତେକ ନିଜ ନିଜ ଗୃହ ସୁଖଦୁଃଖ କଥା ମଧ୍ୟ ଦୁଇ ଚାରିପଦ କହି ଆତ୍ମତୃପ୍ତି ଲାଭ କରନ୍ତି ।

ଆମେ ଦୋକାନର ଚାକର । ସର୍ବଦା ଗ୍ରାହକର ମନ ଘେନି ତା' ମନ ମୁତାବକ ଜିନିଷ ନହେଲେ ବି ନିଜ ଦୋକାନରେ ନଥିଲେ ବି କିପରି ତାକୁ ମିଠା ଦୁଇ ଚାରିପଦ କଥା କହି, ଅବା ତା' ସୁଖଦୁଃଖ କାହାଣୀ ଶୁଣି ମାଲିକର କିଛି କିଛି ଜିନିଷ ବିକ୍ରୟ କରାଇ ପାରିବୁଁ ସେ ଚେଷ୍ଟାରେ ଛକି ରହିଥାଉଁ ।

ଗ୍ରାମବାସୀମାନେ ନିଜ ନିଜ ସୁଖଦୁଃଖ କଥା ନିଜ ନିଜ ଗାଁ ଗହଳିରେ ଆଗରୁ ନିଃସଙ୍କୋଚ ଭାବରେ ହୋଇପାରୁଥିଲେ । ପ୍ରତ୍ୟେକଙ୍କ ପ୍ରତ୍ୟେକଙ୍କ ପ୍ରତି ସ୍ନେହ ସହାନୁଭୂତି ରହିଆସୁଥିଲା । ଏବେ କିନ୍ତୁ ଯୁଗ ବଦଳି ଗଲାଣି । ଗାଁ ଗାଁରେ ମାଲିମୋକଦ୍ଦମା । ଦଳାଦଳି । ଅସନ୍ତୁଷ୍ଟ ଗୋଷ୍ଠୀ, ବିରୋଧୀ ଦଳ, ଏପରି ସବୁ ସହରୀ ବାୟୁମଣ୍ଡଳରୁ ସୃଷ୍ଟି ହୋଇ ଗାଁଗହଳକୁ ପ୍ରସାରି ଚାଲିଛି । ଗ୍ରାମ ମଧ୍ୟରେ ସାହି ମଧ୍ୟରେ କେହି କାହାକୁ ବିଶ୍ୱାସ କରନ୍ତି ନାହିଁ । ସମସ୍ତେ ଛକାପଞ୍ଝା ଅବସ୍ଥାରେ କାଳାତିପାତ କରୁଛନ୍ତି । କୌଣସି କିଛି ସମସ୍ୟା ଗାଁ ଗହଳରେ ଉପୁଜିଲେ ଗାଁ କଥା ଗାଁର ପାଞ୍ଚଜଣ ନିଷ୍ପକ୍ଷ ଲୋକ ବିଚାର କରି ଯାହା ରାୟ ଦେଉଥିଲେ ତାହା ସମସ୍ତଙ୍କ ଶିରୋଧାର୍ଯ୍ୟ ଥିଲା ।

ଆଜିକାଲି କୌଣସି ବିଷୟରେ ରାୟ ଦେବାକୁ ଗଲେ ଯେଉଁ ଦଳର ଆଧିପତ୍ୟ ସେ ସାହିରେ ଅଧିକ ଥିବ ସେ ଦଳର ରାୟ ଶିରୋଧାର୍ଯ୍ୟ । ସେ ନ୍ୟାୟ ହେଉ ଅନ୍ୟାୟ ହେଉ । ଏପରି କଳୁଷିତ ବାତାବରଣରେ ପ୍ରୌଢ଼ କିମ୍ବା ବୃଦ୍ଧ, ଗଣ୍ୟମାନ୍ୟ ଲୋକ ନିରବ ଓ ନିଷ୍ଫଳ ରହୁଛନ୍ତି ।

ମନୁଷ୍ୟର ସ୍ୱଭାବ, ସେ ତା'ର ନିଜ ସୁଖଦୁଃଖର କାହାଣୀ ଆଉ ଜଣକୁ ନଶୁଣାଇ କ୍ଷାନ୍ତ ରହିପାରେ ନାହିଁ । ତେଣୁ ସେ ଗାଁ ଗହଳର କାହାକୁ ବିଶ୍ୱାସ କରିନପାରି ଛୁଟେ ସହର ଅଭିମୁଖେ ଅଜଣା ଅଶୁଣା (ସେ ସମାନ ମଣିଷ)କୁ ସେ ବିଶ୍ୱାସ କରି ଘରର ଦୁଃଖ ସୁଖ ଦୁଇ ଚାରି କଥା କହିଥାଏ ।

ଏପରି କେତେ ଲୋକ ଆସି ପ୍ରତ୍ୟହ ଦୋକାନରେ ଖରିଦ କରନ୍ତି । ସେମାନଙ୍କ ମଧ୍ୟରୁ କେହି ଧାନ ଚାଉଳ ଦର, କେହି ବାଟମାରଣ କଥା । କେହି

Digitized by srujanika@gmail.com

ବି ଫସଲ କେଉଁ ଋତୁରେ ଉତ୍ପାଦନ ଭଲ ହୁଏ, କ'ଣ ସବୁ ସାର ଉପଯୋଗ କରିବା କଥା, କେଉଁ ବର୍ଷ କେଉଁ ଜମିରେ କାହାର କି ଫସଲ ଭଲ ହୋଇଥିଲା ଅବା କିପରି ପାଗ ବିଗିଡି ଯାଇ ନଷ୍ଟ ହେଲା, ତହିଁ ପ୍ରତି କିପରି ସତର୍କ ରହିବା ଉଚିତ ଇତ୍ୟାଦି ସ୍ୱ ସ୍ୱ ଗୁଣ ସମ୍ମିଳିତ କଥା କୁହନ୍ତି । ସେମାନେ କିପରି ତାଙ୍କ ଗାଁମାନଙ୍କରେ ପାଞ୍ଚ ଜାଗାରେ ଜଣେ ତାହା ମଧ୍ୟ କହି ଆତ୍ମ ପ୍ରଶସ୍ତି ଗାଇ ପରିତୃପ୍ତ ହୁଅନ୍ତି । ଆମେ ଚାକିରିଆମାନେ ତାଙ୍କ କଥାକୁ ହଁ ମିଳାଇ ତାଙ୍କଠାରୁ କିପରି ଦୁଇ ଚାରି ପଇସା ଅଧିକ ଦରରେ ବିକ୍ରୟ କରି ପାରିଲୁ ସେହି ଚିନ୍ତାରେ ଥାଉଁ ।

ଏପରି ଭାବରେ ମାଧବ ସେ ଦିନର ଗ୍ରାମ୍ୟ ଗରାଖ, ଧୋତିକୁ ଗାମୁଛା କହି ଦୁର୍ମୂଲ୍ୟ ଉପରେ ଟିପ୍ପଣୀ କରି ଚାଲିଲେ । ମୁଁ ହୁଁ ହାଁ କହି ଅନ୍ୟାନ୍ୟ ଗ୍ରାହକମାନଙ୍କ କଥା ମଧ୍ୟ ଶୁଣି ସେମାନଙ୍କ ଚାହିଦା ଜିନିଷ ସବୁ ଯୋଗାଇ ଦେଇଥିଲି ।

ଇତିମଧ୍ୟରେ ମୋଠାରୁ କମ୍ ଦରମାର ଜଣେ ସହଯୋଗୀ ଆସିଯିବାରୁ ମାଧବର ସଂପୂର୍ଣ୍ଣ କାହାଣୀଟି ମୁଁ ଶୁଣିବାକୁ ବାଧ୍ୟ ନହୋଇ ଯିବି କୁଆଡେ ?

ସେ କହିଲେ ଗତ ୪ ଦିନ ତଳେ ତାଙ୍କ ସମୁଦୁଣୀଙ୍କ ସ୍ୱର୍ଗବାସ ହୋଇଯାଇଥିବା କଥା । ଆଉ ସେ କିପରି ସମୁଦି ପାଇଁ ଧୋତି ଚଦର (ଗାମୁଛା ପଦଟା ଅପରଛନିଆଁ) ନେଇ ସମୁଦିଙ୍କୁ ଶଙ୍ଖୋଳି ଯାଇଛନ୍ତି ଏବଂ ଦଶାହ ନିମନ୍ତେ ଗୋଟିଏ ଛୋଟ ବିଲେଇଛୁଆ ଘେନି ଯାଉଛନ୍ତି ।

ମୁଁ ତାଙ୍କ ସବୁ କଥାକୁ ସଂପୂର୍ଣ୍ଣ ଅନ୍ୟମନସ୍କ ହୋଇ ଶୁଣି ଯାଉଥିଲି । ଆଉ ଆନ୍ତରିକତା ଦେଖାଇ ତାଙ୍କର ସବୁ କଥାକୁ ମନ ଦେଇ ଶୁଣି ଯାଉଥିବା ବି ବାହାନା କରୁଥିଲି କାରଣ ସେ ଗ୍ରାହକ ।

ଯେତେବେଳେ ବିଲେଇ ଛୁଆଟିଏ ନେଇ ଯାଉଥିବା ତାଙ୍କ କଥାରୁ ଜାଣିଲି ମୋର ମନ ଉପରେ ହଠାତ୍ ଏକ ଆଘାତ ହେଲା । ବିଲେଇ ଛୁଆଟି ନେଇ ? ସେ ପୁଣି କ'ଣ ?

ମୁଁ ସମ୍ଭାଳି ନପାରି ପଚାରିଲି ବିଲେଇ ଛୁଆଟିଏ କ'ଣ ହେବ ? ସେ କହିଲେ, ସମୁଦୁଣୀ ଯେତେବେଳେ ଦେହ ତ୍ୟାଗ କଲେ ତାଙ୍କର ଦଶାହ

Digitized by srujanika@gmail.com

ଉପଲକ୍ଷେ କେତେ ଗାଁରୁ କେତେ ବନ୍ଧୁବାନ୍ଧବ ଆସି ସେଠାରେ ଜମା ହୋଇଥିବେ । ସମସ୍ତଙ୍କର ତ ପୁଣି ସମୁଦିଙ୍କର ସଂପର୍କ ଅଛି । ତାଙ୍କ ଘରେ ସଂପର୍କ ସ୍ଥାପନ କଲି ବୋଲି ଆଜି ତାଙ୍କ ସମୁଦି ହୋଇଛି । ହେଲେ ତାଙ୍କ ପୂର୍ବପୁରୁଷଙ୍କ କେତେଜଣ ପୁରୁଖା ସଂପର୍କୀୟ ଲୋକ ତ ଆସିଥିବେ । ଆଉ ସମୁଦୁଣୀ ଯେତେବେଳେ ମୃତ ତାଙ୍କ ଦଶାହ ନିମନ୍ତେ ମାଂସର ଯୋଗାଡ ତ ସମୁଦିଙ୍କୁ କରିବାକୁ ପଡିବ ଆଉ ସମସ୍ତଙ୍କୁ ଆପ୍ୟାୟିତ କରିବାକୁ ପଡିବ ।

ସମୁଦିଙ୍କ ଶୋକ କରିବାକୁ ଆଉ ବେଳ କାହିଁ ? ସେ ସମୁଦି ତ ସମସ୍ତ ସମାଗତ ବନ୍ଧୁମାନଙ୍କ ଆପ୍ୟାୟନ ନିମନ୍ତେ ବ୍ୟସ୍ତ ରହିବେ ଆଉ ଶୋକ କରିବେ କେତେବେଳେ ? ଏହି ଶୋକକୁ ଏଡିଯିବା ନିମନ୍ତେ କ'ଣ ପୁରୁଖା ଲୋକ ଏପରି ଜନସମାଗମର ବ୍ୟବସ୍ଥା ରଖି ଯାଇଛନ୍ତି କି ହୋ ବିମ୍ବାଧରବାବୁ ? ମୋତେ ପ୍ରଶ୍ନ କଲେ ମାଧବ ! ମୁଁ କିନ୍ତୁ ଏ ସ୍ଥାନରେ ସେ ବିରାଡି ଛୁଆର କି ଭୂମିକା ଆଉ ମାଂସର ଯେତେବେଳେ ଆୟୋଜନର କଥା ମାଧବ କହୁଛନ୍ତି କ'ଣ ସେ ବିରାଡି ଶାବକକୁ ହତ୍ୟା କରି ତା'ର... । ମୋ ଚିନ୍ତାରେ ଆଘାତ କରି ସେ ମୋ' ନାମ ଧରି ଯେତେବେଳେ କ'ଣ ପଚାରିଲେ ମୁଁ ପୁଣି ସଂବିତ୍ ଫେରିପାଇବା ପରି ପଚାରିଲି ହଁ କ'ଣ କହୁଥିଲେ କି ମାଧବ... ସେ ପୁନରାବୃତ୍ତି କଲେ ଆଗ କାଳର ଚଳଣୀ କେବଳ ମନଭୁଲା ପାଇଁ । ମୃତ୍ୟୁ ଶୋକକୁ ଏଡାଇ ଦେବା ପାଇଁ ବୋଲି ପ୍ରଶ୍ନ କଲେ । ମୁଁ କହିଲି ହଁ ତା' ନୁହେଁ ତ ଆଉ କ'ଣ ? ହେଲେ ମୋର ମନ ଉଛନ୍ନ, ବ୍ୟାକୁଳ ହେଉଥାଏ ସେ ବିରାଡି ଶାବକର କ'ଣ ବ୍ୟବସ୍ଥା କରିବାକୁ ମାଧବ ବାବୁ ଯାଉଛନ୍ତି ବୋଲି । ଆଉ ଯେତେ କଥା ଜାଣିଲି ସେ ପ୍ରସଙ୍ଗାନ୍ତରରେ ପ୍ରବେଶ କରି ଚାଲିଛନ୍ତି ମୁଁ ଆଉ ଅପେକ୍ଷା ନକରି ତାଙ୍କୁ ପ୍ରଶ୍ନ କଲି ସେ ବିରାଡି କଥା କ'ଣ କହୁଥିଲେ ? ସେ କହିଲେ ହଁ, ସେ ବିରାଡି ଛୁଆ ନୁହଁ ତ ଆଉ କ'ଣ ହେ ? ଏତେ ଟିକିଏ ବୋଲି ଛେଳି ଛୁଆ । ବିଲେଇ ଛୁଆଟିଏ ପରି ହେବ । ତା'ର ଦାମ ଦେଇ ଆସିଲି ଟ ୮୦ଙ୍କା । ଆଜିକାଲି ଯାହା ଯୁଗ ହେଲାଣି । ପଇସା ପତ୍ରର ଯାହା ଅବସ୍ଥା ଆମେ ସବୁ ଗରିବଗୁରୁବା ଲୋକ ବନ୍ଧୁଘରକୁ ନଗଲେ ନଚଳେ । ଆଉ

Digitized by srujanika@gmail.com

ସମୁଦୁଣୀଙ୍କ ଦଶାହ । ଶୁଦ୍ଧି କାର୍ଯ୍ୟ ହେଉ ନହେଉ ସମୁଦି ତ ପୁଣି ଶୁଦ୍ଧ ହେବେ । ଆମିଷ ଗ୍ରହଣ କରିବେ । ତେଣୁ ସମୁଦି ଭାବରେ ବିଲେଇ ଛୁଆଟିଏ ପରି (ମେଷ ଶାବକ) ଛେଳି ଛୁଆଟି, ନେଇଯାଉଛି । ଅନେକ ବନ୍ଧୁ ବାନ୍ଧବ । ଏତେ ଟିକିଏ ଛେଳିଛୁଆ ! ତା'ର ମାଂସ ଅବା କେତେ ହେବ ? କ'ଣ କହିବି ? ମୁଁ ତ ଅଭାବି ଲୋକ । ହେଲେ ମୋର ତ ପୁଣି ଇଜ୍ଜତ ଅଛି । ଏହା ନକଲେ ମୋର ଇଜ୍ଜତ ଆଉ ରହିଲା କେଉଁଠି ? ମନୁଷ୍ୟର ମାନ ଇଜ୍ଜତ ଗଲେ ସବୁ ଗଲା ବୁଝିଲ ବିମ୍ବାଧର ଭାବୁଥିଲି ! !

ମୁଁ ମନେ ମନେ ଏତେଟିକିଏ ଛେଳି ଛୁଆର ମାଂସ, ଦାମ ୮୦ ଟଙ୍କା । ତାହା ପୁଣି ଖାଇ ସମୁଦି ଶୁଦ୍ଧ ହେବେ ? ବନ୍ଧୁ ଘରକୁ ଯାଇ ବନ୍ଧୁର ଇଜ୍ଜତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବିଷୟ ମୁଁ ଚିନ୍ତା କରୁଥିଲା ବେଳେ ମାଧବ ବାବୁଙ୍କ ମୁହଁରୁ ଯେତେବେଳେ ମୋର ଶୁଭ ନାମଟି ଶୁଣିଲି ନିର୍ବୋଧ ପରି ମୁଣ୍ଡ ହଲାଇ ହଲାଇ ତାଙ୍କୁ ସମର୍ଥନ କଲି ସିନା, ମନ କହୁଥାଏ ଏ ମୁଣ୍ଡ ହଲା 'ନା ନା' କହୁଛି ।

❑

Digitized by srujanika@gmail.com

ଏକ ଦିନର ଅହେତୁକ ଏବଂ ଅନାବଶ୍ୟକ ଘଟଣା

ସକାଳରୁ ବଂଶୀଧର ଉଠି ନିତ୍ୟ ପ୍ରତ୍ୟହ ତମ୍ବାପାତ୍ରରେ ରକ୍ଷିତ ଓ ଖଟ ପାଖରେ ଗ୍ଲାସରେ କିଛି ପାଣି ନେଇ କୁଳୁକୁଚା କରେ ଆଉ ଦୁଇ ଗ୍ଲାସ ପାଣି ପିଇ ପ୍ରଭୁଙ୍କୁ ପ୍ରାର୍ଥନା କରେ । ଆଜି ମଧ୍ୟ ସେ ତଦ୍ରୂପ କରିଥିଲା । ପ୍ରାର୍ଥନା କରିବା ସମୟରେ ଥରେ ଥରେ ଉନିଦ୍ରଜନିତ କ୍ଲାନ୍ତି ଯୋଗୁଁ ଢୁଳାଇ ବି ପଡୁଥାଏ ।

ସେ କାମ କରେ ଗୋଟିଏ ପ୍ରାଇଭେଟ୍ କପଡା ଦୋକାନରେ । ଯେତେ ସକାଳୁ ଉଠି କାମକୁ ଯିବାକୁ ବାହାରିଲେ ବି ପ୍ରାତଃ ଆଂଶିକ କାର୍ଯ୍ୟ ସମାପନ କରୁ କରୁ ଆଠଟା ବାଜିଯାଏ । ଆଉ ଗାଧୋଇ ସାରି ପୁଣି ଥରେ ଘର, ଶୋଇବା ଘରର ବିଭିନ୍ନ ଈଶ୍ୱରଙ୍କ ଛବିରେ ଧୂପକାଠି ଜାଳି ଧୂପଗନ୍ଧରେ ପ୍ରଭୁଙ୍କୁ ଆପ୍ୟାୟିତ କରିପାରୁଥିବା ମନେ ମନେ ଉପଲବ୍ଧି କରୁ କରୁ ତା'ର ଜଟିଳ ଜୀବନଯାପନ ଯାହା ଅବସ୍ଥା ତାହା ତା'ର ପ୍ରଭୁଙ୍କୁ ଜଣାଇ ତହିଁ ପାଇଁ ଆଉ କିଛି ଅଧିକ ସୁବ୍ୟବସ୍ଥା କରିବାକୁ ମଧ୍ୟ କହିବାରେ ଦ୍ୱିଧା ପ୍ରକାଶ କରିନଥାଏ ।

ଏ ସମସ୍ତ ମନର କଥା, ବାହାରେ ପ୍ରକାଶ କରିହୁଏ ନାହିଁ । କେବଳ ଈଶ୍ୱରଙ୍କୁ ହିଁ ଜଣାଇ ହୋଇଥାଏ ସିନା ! ପୁଣି ଏକ ଭୟ କାଳେ ପ୍ରଭୁ ଅଧିକ କିଛି ସୁବ୍ୟବସ୍ଥା କରି ତାହାର ଚରିତ୍ର ସଂହାର ସୃଷ୍ଟି ଯଦି କରିଦିଅନ୍ତି- ପୁଣି ମନେ ମନେ ପ୍ରାର୍ଥନା କରେ ପ୍ରଭୁ ତୁମେତ ସବୁ ଜାଣ ମୁଁ କ'ଣ କହିବି ? ତା' ପରେ ମନକୁ ତା'ର ଆସେ ଭଗବତଗୀତାର ଏକ ଶ୍ଳୋକ । ଏଣେ ଉଦ୍‌ବତୀରେ ସୁମଧୁର ଗନ୍ଧ

Digitized by srujanika@gmail.com

ମଧ୍ୟ ଘର ସାରା ଚହଟି ସେ ନିଶେଷ ହେବା ଉପରେ । ତେଣୁ ଉଦ୍‌ବତୀର କିଛି ଜ୍ୱଳନ୍ତ ଅବଶେଷ ଯାଇ ମୁଣ୍ଡରେ ଦେହରେ ମାରି କାମକୁ ବାହାରି ପଡ଼େ । ଏସବୁ ହେଉଁ ହେଉଁ ଆଠଟା । ସୂର୍ଯ୍ୟ ଦେବତା ପୂର୍ବାକାଶର ଅନେକ ଉପରକୁ ଉଠିଆସି ସାରିବେଣି । ମନେପଡ଼େ ଅପୂର୍ବବାବୁ କ'ଣ ଭାବୁଥିବେ ?

ଅପୂର୍ବବାବୁ ବହୁ ସମୟ ପୂର୍ବରୁ ପ୍ରାତ୍ୟହିକ କାର୍ଯ୍ୟ ସମାପନ କରି ଦୋକାନ ନିକଟ ଏକ ପାନ ଦୋକାନରେ ପାନ ଚୋବେଇ ଚୋବେଇ ତାଙ୍କ ସାଙ୍ଗସାଥୀମାନଙ୍କ ସହିତ ନିତିଦିନିଆ ଗଳ୍ପ ଗୁଜବ କରୁଥାନ୍ତି ।

ବଂଶୀଧର ପହଞ୍ଚିବା ପରେ ଲଜ୍ଜିତ ଭାବରେ ମୁନିବଙ୍କ ଠାରୁ ଚାବି ଆଣି ଦୋକାନ ଖୋଲିବା ନିମନ୍ତେ ପାଖରେ ସଂକୋଚ ବ୍ୟଥିତ ମୁଦ୍ରାରେ ଠିଆ ହୁଏ । ଅପୂର୍ବବାବୁ ନଜାଣିବା ପରି ସାଙ୍ଗସାଥୀମାନଙ୍କ ସହିତ କଥାବାର୍ତ୍ତାର ସ୍ରୋତକୁ ସମତାଳରେ ରକ୍ଷା କରୁ କରୁ ପକେଟରୁ ଚାବି ବାହାର କରି ବଂଶୀଧରକୁ ଦେଇଥାନ୍ତି ଏକ ଅବଜ୍ଞା ସୂଚକ ଦୃଷ୍ଟି ନିକ୍ଷେପ କରି ଅର୍ଥାତ୍ ଏତେବେଳ ଯାଏ ତୁମେ ବଂଶୀଧର ନଆସି ଯେଉଁ ମସ୍ତବଡ଼ ଭୁଲ୍ କରି ଆସୁଛ ତହିଁ ପାଇଁ ମଧ୍ୟ ମୁଁ ତୁମକୁ କ୍ଷମା ଦେଇପାରୁଛି । ମୁଁ କେତେ କ୍ଷମାଶୀଳ ନୁହଁ କି ?

ବଂଶୀଧର ବିଚରା ନତମସ୍ତକରେ ଦିଗନ୍ତ କୃତ୍ୟକୃତ୍ୟ ହୋଇ ମୁଣ୍ଡ ନୂଆଁଇ ଚାବିପେଣ୍ଟା ନେଇ ଦୋକାନ ଖୋଲିଥାଏ, ଝାଡୁ କରିଥାଏ । ଫର୍ଣ୍ଣିଚର ସବୁ ସଫା କରିଥାଏ । ଦୋକାନର ଲକ୍ଷ୍ମୀ ଛବିରେ ଆରାଧନା କରେ । ମାଲିକଙ୍କ ଦୋକାନର ଉତ୍ତରୋତ୍ତର ଶ୍ରୀବୃଦ୍ଧି ନିମିତ୍ତ ।

ବଂଶୀଧରର କଥା ଲକ୍ଷ୍ମୀଦେବୀ ହୁଏତ ଶୁଣୁଥିବେ । ଅପୂର୍ବବାବୁଙ୍କ ଶ୍ରୀବୃଦ୍ଧିରେ ତ୍ରୁଟି ନଥାଏ । ଜଣେ ବିତ୍ତଶାଳୀର ଆହୁରି ହେଉ ଆହୁରି ହେଉ ଖୋସା ଉପରେ ଚାଉଁରୀଚାଉ ଗୃହ ଭରି ହେଉ କଳ୍ପନାରେ ଲକ୍ଷ୍ମୀ ହୁଏତ ତୁଷ୍ଟ ହୋଇନପାରନ୍ତି କିନ୍ତୁ ଗରିବ ବଂଶୀଧର ଯେତେବେଳେ ଦୋକାନର ଶ୍ରୀବୃଦ୍ଧି ନିମନ୍ତେ ମନଃପୂତ ହୋଇ ଲକ୍ଷ୍ମୀଙ୍କୁ ଧୂପରେ ଆରାଧନା କରେ ତାହା ଉପେକ୍ଷା କରିଦେବା ଦୟାମୟୀଙ୍କ ଚରିତ୍ର ବାହାର କଥା ।

ଅପୂର୍ବ ବାବୁ ବଡ଼ ବ୍ୟସ୍ତ ମଣିଷ । ଏହି ଦୋକାନରେ ଥାଇ ସମସ୍ତ ଆୟବ୍ୟୟ ବରାଦ କରିବେ ନିଜ ସିଟ୍ ଉପରେ ବସି ।

Digitized by srujanika@gmail.com

ନରୋତ୍ତମ ସିଂ ମିସ୍ତ୍ରି ଆସି କହିଲା ବାବୁ ଆଜି ବାଉଣ୍ଡାରୀ କାନ୍ଥ ଦେବା, ସିମେଣ୍ଟ ନାହିଁ । ବଜାରରେ ସିମେଣ୍ଟ ମିଳୁନାହିଁ । ଅପୂର୍ବବାବୁ ବି ଜାଣନ୍ତି ବଜାରରେ ସିମେଣ୍ଟ ଅଭାବ । ତେବେ ସିଏ ନିଜେ ଯଦି ଠିକ୍ କରି ନପାରୁଛି ଆଉ କାହାକୁ ପୁଣି ପଠାଇବେ ବଡ ପରିଚିତ ସେଠ୍‌ଙ୍କ ଗୋଦାମକୁ ଅଗତ୍ୟା ଚିଠିଟିଏ ଲେଖି ବସିଲେ ଆଜ୍ଞା, ନମସ୍ତେ । ବହୁ ଦିନରୁ ତ ଦେଖାସାକ୍ଷାତ ହୋଇପାରୁନାହିଁ । ଶୁଣିଲି ତୁମ ଗୋଦାମରେ ସିମେଣ୍ଟ ଅଛି । ମୋର ଦଶ ବସ୍ତା ସିମେଣ୍ଟ ଦରକାର । ପଠାଇବ । ଅପୂର୍ବବାବୁଙ୍କ ଅକ୍ଷର ମଧ୍ୟ ସେତେ ଭଲ ହୋଇନଥାଏ । ସେ ଯାହା ହେଉ ନିଜ କାମ ଯେତେବେଳେ ପଡ଼ିଛି ଲେଖିବାକୁ ପଡିବ । ଭାବିଲେ ବଂଶୀଧରକୁ ପଠାଇବ, ବଂଶୀଧର ସଚ୍ଚାଲୋକ କାମ ଶୀଘ୍ର ଫତେ କରି ଫେରିବ । କିନ୍ତୁ ସେ ପରେ ଦୋକାନରେ ଗରାଖମାନଙ୍କୁ ବି କମାଲ ଦେଖାଇବ । କିଛି କମିବ । ଅପୂର୍ବବାବୁ ପଇସା ସିନା ବକ୍ସରେ ରଖିବା ଲୋକ । ଏସବୁ ଝାମେଲା କିଏ କରିବ ଏ କପଡା ଦିଅ କିଏ କହିବ ସେ କପଡା ଦିଅ କିଏ କହିବ ଏ ରଙ୍ଗ ପସନ୍ଦ ହେଉନାହିଁ । ମୁହଁ ଭଲ ନାହିଁ ଆଉ କିଏ କହିବ ଚାରିହାତି ଗାମୁଛାଟାଏ ଦିଅ ।

ନା ବରଂ ବଂଶୀଧର ଦୋକାନରେ ଥାଉ । ସିଂ ମିସ୍ତ୍ରି ଚିଠି ନେଇ କି ଲାଡ଼ିମଲ ପାଖକୁ ଯାଉ କିନ୍ତୁ ମିସ୍ତ୍ରୀ ଯଦି ଯାଉଛି ସେ କେତେବେଳେ କ'ଣ ଖବର ନେଇ ଆସିବ ହୁଏତ ସିମେଣ୍ଟ... ସେ ଯାହା ହେଉ ସିଏ ମିସ୍ତ୍ରିକୁ ନ ପଠାଇଲେ ଆଉ କିଏ ଅଛି ? ଥରେ ଜମିର କାମ ୧୦ଟଙ୍କା ଏପରି ମିଛ ମିଛରେ ଗଲା । ଏକେ ତ ସିଂ ମିସ୍ତ୍ରି ବୃଦ୍ଧ ଲୋକ । ହସ୍ତ ମନ୍ଥର । ତା' ଉପରେ ଓଳିଏର ପଇସା- ଅପୂର୍ବ ବ୍ୟସ୍ତ ହେବା ସ୍ୱାଭାବିକ ।

ଏପରି ସମୟରେ ଜଣେ ଆସି Invitation ଦେଲା । ବିବାହ ନିମନ୍ତ୍ରଣ । ବଡ଼ ଝମେଲା । ଆଜିକାଲି ବିବାହ ଝମେଲା । ସଭିଏଁ ବ୍ୟସ୍ତ କିଛି ନା କିଛି ଦେବାକୁ ତ ପଡିବ, ନହେଲେ ହିନସ୍ତା ହେବାକୁ ହିଁ ପଡିବ । ସିଂ ମିସ୍ତ୍ରିଙ୍କୁ ବିରକ୍ତ ହୋଇ ଅପୂର୍ବବାବୁ କହିଲେ- ହଇରେ ସିମେଣ୍ଟ ନଥିଲା ତ କାଲି ଆସିକି କହିଲ ନାହିଁ ! ଆଜି ସକାଳୁ ହିଁ କହୁଛ । କାମ ଯଦି ଏପରି ହେବ ବାଉଣ୍ଡରି କେବେ ସରିବ । ସେ ସିଂବାବୁଙ୍କ ମନ୍ଥରତାକୁ ଗୋପନରେ ପିଇଗଲେ । ମିସ୍ତ୍ରି କହିଲେ-

Digitized by srujanika@gmail.com

ବାବୁ ତାଲା ଚାବି ଆପଣଙ୍କ ହାତରେ । ମୁଁ କିପରି ଜାଣିବି ? କେତେ ସିମେଣ୍ଟ ଅଛି କେତେ ନାହିଁ? ଆପଣଙ୍କ ପୁଅ ତାଲା ଖୋଲିବାରୁ ସିନା ଜଣାପଡିଲା । ସେ ତା'ର ସଫେଇ ଦେଲା ସିନା କିନ୍ତୁ ଅପୂର୍ବବାବୁଙ୍କ ଏପରି ବାଏଁ ବାଏଁ ଟଙ୍କା ଉଡିଯାଉଥିବା କଥା ଛଡା ତାଙ୍କୁ ମିସ୍ତ୍ରୀର କଥା ଶୁଣାଯାଇନଥିଲା । ଯାହା ହେଉ କାଗଜପତ୍ରଟାକୁ ମିସ୍ତ୍ରୀଙ୍କ ଆଡକୁ ଫୋପାଡି ଦେଇ ବାବୁ କହିଲେ ଯାଅ କିଲାଡି ମଲ ତୁମେ କାଲି ଆସିବ । ସିମେଣ୍ଟ ବାଲି କାମ ଆରମ୍ଭ କର ।

କାମ ଆଉ କେତେବେଳେ ଆରମ୍ଭ ହେବ ସେ ମଧ୍ୟ ଜାଣିସାରିଲେଣି । ତାହା ହେବା କଥା ନୁହେଁ ତେଣୁ ସିନା ଏତେ ରାଗ ! !

Invitation ବାଲା ଯିଏ ଆସିଛନ୍ତି ତାଙ୍କୁ ପୁଣି ହସ ହସ ମୁହଁରେ ସାଦର ଅଭ୍ୟର୍ଥନା କରି ତାଙ୍କ ଟେବୁଲର ଅନ୍ୟ ପାଖରେ ପଡ଼ିଥିବା ଚେୟାର ଉପରେ ବସିବାକୁ କହିଲେ । କେହି ଏପରି ଆସିଲେ ଗରାଖ ହେଉ, ବନ୍ଧୁ ହେଉ, ସମସ୍ତଙ୍କୁ ସମ୍ମୁଖରେ ଦେଖିବା ମାତ୍ରେ ଅପୂର୍ବବାବୁ ଆହ୍ଲାଦିତ ହେବା ପରି ଅଭ୍ୟର୍ଥନା ପୂର୍ବକ ଆସନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥାନ୍ତି ।

ତେଣେ ବଂଶୀଧର କାମରେ ଯେତେ ବ୍ୟସ୍ତ ଥିଲେ ମଧ୍ୟ ଅପୂର୍ବ କହିବେ ଆରେ ବଂଶୀ ଯାଅ ବାବୁଙ୍କ ନିମନ୍ତେ ଚା' ଆଣ । ବଂଶୀ ଜାଣେ ବାବୁ ଥରେ କହିଲେ ଚା' ଆଣିବା କଥା ନୁହେଁ । ବରଂ ଗ୍ରାହକ କିମ୍ବା ଦୋକାନର ଆଉ କିଛି କାମରେ ନିତାନ୍ତ ବ୍ୟସ୍ତ ଥିବା ପରି ଦେଖାଇ ହେବା କଥା । ଏହା ବଂଶୀକୁ କେହି ଶିଖାଇ ନାହିଁ । ସେ ଆପେ ଆପେ ସେସବୁ ଶିଖିଯାଇଛି ।

ଦୁଇ ତିନିଥର ଚା' ପାଇଁ ନକହିଲେ ସେ ନଯାଏ । ତା'ର ମାଲିକର ସ୍ୱାର୍ଥ ଦୃଷ୍ଟିରୁ । ଏତେବେଳକେ ବଂଶୀ ବିଳମ୍ବ କରି ଦୋକାନକୁ ଆସିଲେ ମଧ୍ୟ ଅପୂର୍ବବାବୁ ଅବଜ୍ଞା କଲେ ମଧ୍ୟ ବଂଶୀକୁ ଛାଡି ଚଳିପାରିବେ ନାହିଁ । କେତେ ଅକୁହା କଥାର ସୂକ୍ଷ୍ମ ସମାଧାନ କରି ମୁନିବର ଦୁଇ ପଇସା ଖର୍ଚ୍ଚ କମାଇବାରେ ସେ ଯେତେ ସିଦ୍ଧଶିଳ୍ପୀ, ଏତାଦୃଶ ଏକ ଅଣା ଚାକର ପାଇବା ଆଜିକାଲି ଯୁଗରେ ସୁଲଭ ନୁହେଁ, ସହଜ ନୁହେଁ କିମ୍ବା ସ୍ୱାଭାବିକ ମଧ୍ୟ ନୁହେଁ । ତେଣୁ ବଂଶୀ ମହାପାତ୍ର ଦୟାର ପାତ୍ର ଏବଂ ସମୟ ସମୟରେ ବନ୍ଧୁ ଆତ୍ମୀୟ କିମ୍ବା ରକ୍ତ ସମ୍ପର୍କ ହିସାବରେ ଅପୂର୍ବ ବାବୁଙ୍କ ହୃଦୟରେ ପରିଗଣିତ ହୋଇଥାଏ ।

Digitized by srujanika@gmail.com

ଥରେ ବାବୁ କହିଲେ ଚା' ଆଣିବାକୁ ଅତିଥି ଉପବିଷ୍ଟ । ହସ୍ତର Invitation ବସାଘରର । ବଂଶୀ ଜାଣେ ଏହା ଖର୍ଚ୍ଚର ଏକ... ରୂପ । ପୁଣି ବାବୁ ଥରେ କହିଛନ୍ତି ଚା' ଆଣିବାକୁ ତେଣୁ ଅନ୍ୟାନ୍ୟ ଗରାଖଙ୍କ ଉପରେ ମନୋନିବେଶ ଶ୍ରେୟସ୍କର । ସେ ଜାଣେ ଅପୂର୍ବବାବୁ ହସି ହସି Invitation ଗ୍ରହଣ କଲେ । ଜୀବନ କିନ୍ତୁ ଏଣେ କାନ୍ଦି ଯାଉଛି । କେତେ ଯେ Invitation ଏ ବର୍ଷ ଆସିଲାଣି ତାର ସୀମା ପରିସୀମା ନାହିଁ । ଅନ୍ତତଃ ପକ୍ଷରେ ଜଣଙ୍କ ଘରକୁ ୧୦ କରି ଦେଲେ ବି ୨ଶହ ଟଙ୍କା ହେବ ।

କାହୁଁ ଏତେ ଲୋକ ତାଙ୍କର ପରିଚିତ ବାହାରି ପଡୁଛନ୍ତି କେଜାଣେ ? ସମସ୍ତେ ଅବଶ୍ୟ ଗାଁ ଲୋକ । ସମସ୍ତ ଚିହ୍ନା ପରିଚିତ, ଆତ୍ମୀୟ । ସମୟ ଅସମୟରେ ଯତ୍ କିଞ୍ଚିତ ସାହାଯ୍ୟ ସହାନୁଭୂତି ପ୍ରଦାନ ନକରନ୍ତି ଯାହା । ନହେଲେ ବି ଚଳନ୍ତା । ଏହା ଅପୂର୍ବ ଭାବନ୍ତି । ସେ ଯାହା ହେଉ ଅତିଥି ତ । ହସ ହସ ମୁହଁରେ ଦୁଇ ଚାରିପଦ- 'ଯଥା ଆଲୋ ମୋର ଆଜି କେଡ଼େ ଭାଗ୍ୟ ଆପଣ ମୋ ନିକଟକୁ ଆସିଲେ ଗରିବକୁ ମନେପକେଇଲେ ମୋ ଘରେ ପଦାର୍ପଣ କଲେ ଆରେ କିଏ ଅଛରେ ଚା' ଆଣ ।'

ବଂଶୀର ଯିବା କଥା ନୁହେଁ । ଅପୂର୍ବଙ୍କ ପ୍ରଜ୍ଞାରେ ସେ ଅନୁରୁଦ୍ଧ । ସେ କାହିଁକି ଏ ଅପକର୍ମ କରିବାକୁ ଯିବ ?

ଆପେ ଆପେ ଭଦ୍ରଲୋକ ଥାଉ ଥାଉ ମୋର ଅନେକ ସ୍ଥାନକୁ ଯିବାର ଅଛି କହି, ପ୍ରତ୍ୟାବର୍ତ୍ତନ କରିବେ ହିଁ କରିବେ ।

ଏଣେ ଗରାଖ ବାରମ୍ବାର ବ୍ୟସ୍ତ କରୁଥିବେ । ଏବେ ବଂଶୀ ସବୁ କାମ ତୁଲେଇପାରୁ ନାହିଁ । ଗରାଖ ସର୍ବଦା ଚଞ୍ଚଳ । ସେ ନାନା ଧରଣର ଶାଢ଼ି, ଗାମୁଛା ଆଦି ପାଟ ରଙ୍ଗ ମାଗିବେ । ଅପୂର୍ବ ଅତିଷ୍ଠ, ତେବେ ମଧ୍ୟ ଗ୍ରାହକ । ଲକ୍ଷ୍ମୀ ତାଙ୍କୁ ଦୁଇ ଚାରିପଦ କହି, ମିଠା ହସି ମନ ପଛକେ ଛଟପଟ ହେଉ ତାଠାରୁ ଦୁଇ ପଇସା ଖସାଇବେ । ଏହି ତ ଲକ୍ଷ୍ମୀ ।

ସିଂ ଆସିଲେ କିରୋଡ଼ିମଲ ପାଖକୁ, କିରୋଡିମଲ ପାଖରେ ସିମେଣ୍ଟ ଅଛି କିନ୍ତୁ ଅଧିକ ଅଧିକ ପଇସା ଦେଇ ତ ସିମେଣ୍ଟ ନେବେ ନାହିଁ । ତେଣୁ ସିଂକୁ ମନା କରିଦେଲେ ।

Digitized by srujanika@gmail.com

ସିଂ ଆସି କହିବାରୁ ଅପୂର୍ବ ଅସ୍ୱାଭାବିକ ଭାବରେ ବିରକ୍ତ ହେଲେ କିନ୍ତୁ କହିବେ କ'ଣ ?

ଏଣେ ଚପରାଶି ଜଣେ ଆସି ଡାକରା ଦେଲାଣି ବାବୁ ଆସୁଛନ୍ତି । କିଏ ଅଫିସର ଆସିଛନ୍ତି । ଶାଢି ନେବେ ।

ଶଶାଙ୍କ ବାବୁ ପୋଲିସ ଅଫିସର । ସ୍ତ୍ରୀ, ଝିଅ ପିଲା ଦି'ଜଣ କେତେ ଆସିଛନ୍ତି । ଅପୂର୍ବ କହନ୍ତି ଆପଣ ଆଜ୍ଞା ମୋ ଦୁଆରକୁ ମୁଁ ତ ଆପଣଙ୍କ ଘରକୁ ମା'ଙ୍କ ପାଇଁ ଶାଢି ଘରେ ଦେଇଥାନ୍ତି ।

ମା' ଯାହାକୁ ଅପୂର୍ବ କହୁଛନ୍ତି ସେ ଶଶାଙ୍କବାବୁଙ୍କ ସ୍ତ୍ରୀ ଆଉ ଅପୂର୍ବ ବାବୁଙ୍କ ସଙ୍ଗରେ ଏକା କ୍ଲାସରେ ଏକଦା ପଠନ କରୁଥିଲେ । କିନ୍ତୁ ବ୍ୟବସାୟ ତ । ତେଣୁ ମା' କହିବାକୁ ହିଁ ହେବ । ଅବଶ୍ୟ ଶଶାଙ୍କ ଏକଥା ଜାଣନ୍ତି ନାହିଁ । ଆଉ ଜାଣନ୍ତି ନାହିଁ ତମେ ଅପୂର୍ବ ଏବଂ ଅନୁର ପ୍ରସଙ୍ଗରେ ଥରେ ପଠନ ସମୟରେ କିଛି କଥା ଉଠିଥିଲା... । ସେ ଜାଣନ୍ତି ନାହିଁ ଜାଣନ୍ତି କେବଳ ଅନୁ ।

ଅନୁ ଅପୂର୍ବ ଉପରେ ବଡ଼ ଅନୁରକ୍ତା ବୋଲି ସେ ନିଜେ ଜାଣେ । କାହାକୁ ଠକିବା କଥା ନୁହେଁ ମନ ଗହନର କଥା । କିଏ ବୁଝିବ, ମନ ସିନା ବୁଝିବା ମନକୁ ମନ ଚିହ୍ନିବ । ଏହି ତ ରୀତି । ତେବେ ଅପୂର୍ବଙ୍କ ଦୋକାନ ସଂପର୍କରେ ଶୁଣି ଅନୁ ତା'ର ବିବାହ ପରଠାରୁ ଏବେ ଆସିଛି ସାକ୍ଷାତ କରି କିଛିଟା କଥାବାର୍ତ୍ତା କରିବ । ମନ ଉଚ୍ଚାଟ କରିବ । ବହୁ ଦିନର ସ୍ମୃତିକୁ ଉଜ୍ଜୀବିତ କରିବ । ଉନ୍ମତ୍ତ କରିବ ଆଉ ଖୁସି ହେବ । ହେଲେ ଏଇ ମା' ଅଳଙ୍କାରରେ ସେ ଅବସାଦଗ୍ରସ୍ତା । ସବୁ ଏଇଥିରେ ଭଣ୍ଡୁର ହିଁ ହୋଇଯାଇଥିଲା ।

ଅଗତ୍ୟା କିଛି କିଛି ଶାଢି ନେଇ ଘରକୁ ଫେରିଲା । ପଇସା ବିଷୟରେ ଶଶାଙ୍କ ଯେତେ କହିଲେ ବି ଅପୂର୍ବ ତାହା ନେଉନଥିଲା । ଅପୂର୍ବ ଭବିଷ୍ୟତଦ୍ରଷ୍ଟା । କେତେବେଳେ କେଉଁ କଥା ଆଜିକାଲି ସବୁତ ପଇସା ବଳରେ ହେଉଛି । କେଉଁମାନେ କେଉଁଠି ଗଲେ ଯଦି କିଛି ଆପତ୍ତି ଅଭିଯୋଗ କେତେ କଥା ତା'ପରେ ଅନୁ ନେଉଛି ଶାଢି, ଶଶାଙ୍କ ଯେତେ ବଡ଼ ଅଫିସର ହେଲେ ବି ଅନୁର ଦାସାନୁଦାସ । ଅନୁ ଯଦି ଥରେ କହେ ଦିନେ ବଡ଼ ଗର୍ହିତ ଅପରାଧ ଅପୂର୍ବ କରିଥିଲେ ବି ଛାଡ ପାଇବା ନିଃସନ୍ଦେହ ।

Digitized by srujanika@gmail.com

ତେବେ ସୁଦ୍ଧା ଏତେଗୁଡାଏ ପଇସାର ଶାଢ଼ି ହସ୍ତାନ୍ତର ହେବାରେ ତାର ମନରେ ସୁଖ ନଥିଲା । ସିଂ ଆସି ସିମେଣ୍ଟ ନଥିବା କଥା କହିଲା । ଅଧେ କହିଛି ଆଉ ଏକ ଗ୍ରାହକ ମନ ମୁତାବକ ଶାଢ଼ି ଦେଖାଇବାକୁ ବ୍ୟସ୍ତ କଲେଣି । ତାଙ୍କ ସ୍ତ୍ରୀଙ୍କ ଛୋଟ ଛୁଆ କାନ୍ଦୁଛି । କ୍ଷୀର ଖାଇବାକୁ ବ୍ୟସ୍ତ । ଏତେବଡ଼ ହାଟ ବଜାରରେ ମା' କ୍ଷୀର କାଢ଼ିବ କିମିତି ? ବରଂ ଛୁଆ କାନ୍ଦୁଥାଉ । ବାଡେଇ ହେଲା ଆଉଟୁପାଉଟୁ ହୋଇ କୁନିକୁନି ହାତଗୋଡ ହଲାଇ ତଣ୍ଟି ଫଟାଇ କାନ୍ଦୁ । ହେଲେ ଶାଢ଼ି କିଣା ହେବ ଅଲବତ କିଣା ହେବ । ମନମୁତାବକ ଶାଢ଼ି କିଣା ହେବ ? ରଙ୍ଗ ପସନ୍ଦ ହେବ, ଧଡ଼ି ପସନ୍ଦ ହେବ । ବୁଣା ଭଲଥିବ । ନୂତନ ଡିଜାଇନ ହୋଇଥିବ ଆଉ ଟିକିଏ ଶସ୍ତା ବି ହୋଇଥିବ । ମନକୁ ନ ବାଧିବ ଯେପରି । ଗେରସ୍ତ ମନରେ ଅଧିକ ଦୁଃଖ ଦେଇ ଅଧିକ ଦାମର ଶାଢ଼ି କିଣାରେ କି ଲାଭ । ଗେରସ୍ତ ଖୁସି ଥିଲେ ସବୁ ଅଛି । ଆଉ ପିଲା ସେ କାନ୍ଦୁ । ସେ ପିଲାଲୋକ ଏକଥା ଏବେ କ'ଣ ବୁଝିବ ? ପରେ ତାକୁ କ୍ଷୀର ଦେଲେ ସେ ଚୁପ ପଡିବ ଯେ ।

ଅପୂର୍ବବାବୁ ଏହାଙ୍କୁ ପୂର୍ବବତ୍ ଆସନ ଦେଇ ଚା' ପାଇଁ ଥରେ ବଂଶୀଧରକୁ କହିଥିଲେ । ପୂର୍ବ ଅଭ୍ୟାସ ମୁତାବକ ପାନ ଖଣ୍ଡିଏ ପାଟିରେ ପୂରାଇଲେ । ଅର୍ଥାତ ଚା' କେବେବି ଆସିବା କଥା ନୁହେଁ ।

ବଂଶୀ ପ୍ରାଣପଣେ ଚେଷ୍ଟା କରି ଯଦି ଶାଢ଼ି ବିକ୍ରୟ କରିନପାରୁଛି ତାର ନାମରେ କଳଙ୍କ ଜୁଟାଇବେ ଅପୂର୍ବ । ବଂଶୀ ଅକର୍ମଣ୍ୟ, ଶାଢ଼ି ବିକ୍ରି କରି ଜାଣୁନାହିଁ । ଆଉ ଅନ୍ୟ କେଉଁ ଚାକର ଦେଖିବାକୁ ହେବ ।

ହେଇ ତ ନିର୍ମଳ ବାବୁଙ୍କ କପଡ଼ା ଦୋକାନରେ ଦୁଇ ଦୁଇଟା ଚାକର କେତେ କାମ ନକରୁଛନ୍ତି ! ସମ୍ମୁଖରେ ତାଙ୍କ ଦୋକାନ ଆଖି ଆଗରେ । ବଂଶୀର ଭୟ କାଳେ ମାଲିକ ରାଗିବେ ।

ପ୍ରାଣପଣେ ଚେଷ୍ଟା କରି କରି ଶେଷରେ ବହୁ ଅଳ୍ପ ଦାମର ଗୋଟିଏ ଶାଢ଼ି ବିକ୍ରି କରି ଅପୂର୍ବବାବୁ ଯେତେବେଳେ ଡ୍ରୟରରେ ପଇସା ରଖିଲେ, ସେତେବେଳେ ଜାଣିଲେ ଅନୁ ନେଇଥିବା ଶାଢ଼ିରୁ ଯେତିକି ମୁନାଫା ହେବା କଥା ତହିଁର ଅଧକରୁ

Digitized by srujanika@gmail.com

ବି କମ୍ । ପୁଣି ଏଣେ ସିଂ ମିସ୍ତ୍ରିର ଦିନକର କାମ ନହୋଇ ନପାରିଲେ ମଧ୍ୟ ସେ ତାର ପ୍ରାପ୍ୟ ୨୦-୮୦ ନେବ ହିଁ ନେବ ଆସନ୍ତା ହାଟପାଳି ଦିନ ।

ଅନୁ ଯାହା ନେଇଛି ତାହା ଟଙ୍କା ଦୁଇଶତରୁ କମ୍ ନୁହେଁ । ପୁଣି ଦୋକାନରେ ଅବରୁଦ୍ଧ ହୋଇ ରହିଯାଇଥିବା ମାଲ୍‌ର ମୂଳ ଧନର ସୁଧ । ଦୁଇଶହରେ ଅନ୍ତତଃ ୨୦ ପରସେଣ୍ଟ ମିଶା ହେଲେ ୨୨୦ ପୁଣି ମିସ୍ତ୍ରିର ପଇସା ଟ ୨୦=୮୦ ଏହି ଟଙ୍କା ୨୪୦ ଟଙ୍କାର ଖର୍ଚ୍ଚ ଅଛି । ଭାତ, ଡାଲି, ତରକାରି, ପନିପରିବା, ପୁଅର ଫିସ୍, ସାର୍ଟ ପେଣ୍ଟ, ରିକ୍ସା, କେତେ କଥା । ଧୋବା, ଭଣ୍ଡାରି ଦିନକୁ ଯଦି ଏପରି ୨୪୦/୨୫୦ ଖର୍ଚ୍ଚ ହୁଏ ତେବେ ମାସକୁ ୨୫୦ × ୩୦ = ଟ ୭୫୦୦.୦୦ ବାର୍ଷିକ ଟଙ୍କା ୯୦ ହଜାର ।

ନା ଥାଉ ଆଉ । ବାଉଣ୍ଡରି ଦେବା ଦରକାର ନାହିଁ । ବରଂ ସନ୍ନ୍ୟାସ ଶ୍ରେୟ ।

❑

Digitized by srujanika@gmail.com

ଭିନ୍ନ ସ୍ପନ୍ଦନ

ଜୟନ୍ତୀ ଏକ ନର୍ତ୍ତକୀ, ଏହା ଜାଣିଶୁଣି ବି ରମାକାନ୍ତ ତାଙ୍କ ଯୌବନର ଉଦ୍ଦୀପନାରେ ଭାସିଯାଇ ତରୁଣ ଗୋଷ୍ଠୀଙ୍କ ଆଦର୍ଶର ଶିଖର ଦେଶରେ ଦଣ୍ଡାୟମାନ ହେବା ପାଇଁ ତାକୁ ବିବାହ କଲେ । ସେ ବିବାହରେ କେତେଜଣ ସାଙ୍ଗସାଥୀ ହିଁ କର୍ତ୍ତା, କନ୍ୟାଦାନ ଇତ୍ୟାଦି ବୈବାହିକ ମର୍ଯ୍ୟାଦା ସବୁକିଛି ତୁଲାଇଲେ । ଡ୍ରମବାଜା ଭଡ଼ାରେ ଆସିଥିଲା । ରମାକାନ୍ତଙ୍କ ଭଡାଟିଆ ଘର ନବୀନ ସରଣୀର ଶେଷ ପ୍ରାନ୍ତରରେ ଧୁମାଧୁମ୍ ଡ୍ରମ୍ ପିଟି ସାଇପଡ଼ିଶାର ସମସ୍ତ ଲୋକଙ୍କୁ ଜଣାଇ ଦିଆଗଲା ଯେ, ରମାକାନ୍ତ ବାବୁ ବାହାହେଲେ ଜୟନ୍ତୀକୁ ।

ଜୟନ୍ତୀକୁ ଯେତେବେଳେ ଦଶ ବାର ବର୍ଷ ସେତେବେଳେ ତାର ବାପା, ମା' କେହି ନଥାଇ କାକା, ଖୁଡୀ ଘରେ ରହିଥିବା ସେ ଅନୁଭବ କରିଥିଲା । ମା' ବାପ ଛେଉଣ୍ଡ ପିଲା ଜୟନ୍ତୀର ଗୀତ ନୃତ୍ୟ ପ୍ରତି ପିଲାବେଳୁ ସରାଗ ଦେଖି ଖୁଡୀଙ୍କ ଉଚ୍ଚକୋଟୀର ପରାମର୍ଶରେ ଜୟନ୍ତୀର କାକା ତାକୁ ନୃତ୍ୟ ବିଶାରଦା କରିବା ନିମନ୍ତେ ତରୁଣ ବିଜୟବାବୁ ମାଷ୍ଟ୍ରଙ୍କ ଘରକୁ ପଠାଇଲେ ।

ବାବୁ ମାଷ୍ଟ୍ରେ କି ମନ୍ତ୍ର ଜାଣିଥିଲେ କେଜାଣେ ଜୟନ୍ତୀ ଯେତେବେଳେ ମାଷ୍ଟ୍ରଙ୍କ ବସାରେ ନୃତ୍ୟ ଗୀତ ଶିକ୍ଷା ପାଇଁ ଗଲା ସେହିଦିନ ଠାରୁ ହିଁ ସେ ମାଷ୍ଟ୍ରଙ୍କ କେଉଁ ଗୁଣ ପ୍ରତି ଅନୁରକ୍ତ ହୋଇଗଲା ଯେ, ଆଉ କାକା ଖୁଡୀଙ୍କ ଆଜୀବନ ସ୍ନେହ ବି ମନେପକାଇ ନଥିଲା । ଏହା ଦେଖି ଖୁଡୀ ତ ପ୍ରୀତ ଥିଲେ । ତେବେ

Digitized by srujanika@gmail.com

କାକାଙ୍କ ମନରେ କିଛିଟା ଧକ୍କା ଲାଗିଥିଲେ ବି ଖୁଡୀ ସେସବୁକୁ ତତ୍ପରତାର ସହିତ ସମ୍ଭାଳି ନେଲେ । ଏହା ତଥାକଥିତ ଖୁଡୀଙ୍କ ଏକ ଗୃହକର୍ତ୍ତୀ ସୁଗୁଣ ।

ତରୁଣ ବିଜୟବାବୁ ମାଷ୍ଟ୍ରେ ଜୟନ୍ତୀକୁ ଗୀତ ନୃତ୍ୟ ଶିକ୍ଷା ଦେବା ସଙ୍ଗେ ସଙ୍ଗେ ଆହୁରି କିଛି ନୂତନ ଶିକ୍ଷାଦେଲେ ଯଦ୍ଵାରା ଜୟନ୍ତୀ ଭବିଷ୍ୟତ ଜୀବନରେ ତା'ର ଭରଣପୋଷଣ ନିମନ୍ତେ ଅସୁବିଧା ଭୋଗ ନକରିବ ।

ମାଷ୍ଟ୍ରେ ଏପରି କେତେକ ଗାୟିକା, ନର୍ତ୍ତକୀ ତିଆରି କରି ବଜାରକୁ ଛାଡିଲେଣି । କେହି ଯଦି ମାଷ୍ଟ୍ରଙ୍କୁ ଆକ୍ଷେପ କରି ଏ କଳା ଶିକ୍ଷାର ଅମର୍ଯ୍ୟାଦା କରେ ଆଉ ତରୁଣୀ ଝିଅମାନଙ୍କୁ ମାଷ୍ଟ୍ରେ କି ଫାଶରେ ପକାଇ ଦେଉଛନ୍ତି ବୋଲି ଅଭିଯୋଗ କରେ, ମାଷ୍ଟ୍ରେ ହସି ହସି କୁହନ୍ତି, ସେମାନଙ୍କ ଭବିଷ୍ୟତ ଜୀବନରେ ଭରରପୋଷଣର ସ୍ୱାଧୀନତା ହିଁ ପ୍ରଦାନ କରିବା ଉଦ୍ଦେଶ୍ୟ ନେଇ ସେ କଳାକାରମାନଙ୍କୁ ଶିକ୍ଷା ଦେଇ ଉପରକୁ ଟେକି ଦେଉଛନ୍ତି ସିନା ନହେଲେ ତାଙ୍କର ଏଥିରେ କି ଲାଭ ?

ସତେକି ସେ ବହୁ କ୍ଷତି ସ୍ୱୀକାର ପୂର୍ବକ ସେମାନଙ୍କ ଜୀବନ ହିଁ ଗଢି ଦେଉଛନ୍ତି ।

ଏହି ବିଜୟ ମାଷ୍ଟ୍ରଙ୍କ ଛାତ୍ରୀ ଜୟନ୍ତୀ ନିଜକୁ ଧୀରେ ଧୀରେ ପଟ୍ଟନାୟକ ବୋଲି ଆଖ୍ୟାଦେଲା । ବୋଧହୁଏ ତା'ର ଉଦ୍ଦେଶ୍ୟ ଥିଲା ସେ ସୁନନ୍ଦା ପଟ୍ଟନାୟକଙ୍କ ପରି କଣ୍ଠଶିଳ୍ପୀର କିଛି ସଂପର୍କୀୟା ହୋଇଥିବେ ବୋଲି ସାଧାରଣରେ ଯେପରି ଗୌରବ ମିଳିପାରିବ ।

ସେ ଯାହାହେଉ, ପରବର୍ତ୍ତୀ ଜୀବନରେ ଯେତେବେଳେ ଜୟନ୍ତୀ ରମାକାନ୍ତ ନନ୍ଦଙ୍କ ହାତଧରି ତାଙ୍କ ପତ୍ନୀତ୍ୱ ସ୍ୱୀକାର କଲେ ସେହିଦିନ ଠାରୁ ଜୟନ୍ତୀ ନନ୍ଦ ହିଁ ରହିଗଲେ ।

ଇତିମଧ୍ୟରେ ଦୀର୍ଘ ପଚାଶ ବର୍ଷ ଅତିକ୍ରାନ୍ତ ହୋଇଗଲାଣି । ଜୟନ୍ତୀ ଓ ରମାକାନ୍ତଙ୍କ ଦୁଇଟି ପୁଅ ଆଉ ଗୋଟିଏ ଝିଅ ହୋଇସାରିଛନ୍ତି ।

ରମାକାନ୍ତ ବାବୁଙ୍କୁ ଏବେ ପଚାଶ ପାଖାପାଖି । ଆଉ ଜୟନ୍ତୀକୁ ଚାଳିଶ ବର୍ଷ ହେଉଥିଲେ ବି ନିଜ ମୁଣ୍ଡର ପରିପକ୍ୱ ଲମ୍ବ ବାଳ ସବୁକୁ ଅପସାରଣ

Digitized by srujanika@gmail.com

କରିଦିଅନ୍ତି । ମୁହଁକୁ ପ୍ରତ୍ୟହ କୃତ୍ରିମ ଆବରଣରେ ସଜ୍ଜିତ କରି ନିଜ ବୟସକୁ ତିରିଶ ବର୍ଷରୁ କମ୍ ବୋଲି ଗଣନା କରିବାକୁ ସର୍ବଦା ଯତ୍ନ ନିଅନ୍ତି । କିନ୍ତୁ ବଡ଼ପୁଅ ରମେଶକୁ ଯେତେବେଳେ କୋଡ଼ିଏ ବର୍ଷ ହେଲାଣି ସେ ଦଶ ବର୍ଷ ବୟସରେ କିପରି ତାକୁ ଜନ୍ମ ଦେଲେ ଏ ବଡ଼ ଅସଂଗତ କଥା ହେବ ମନେ କରି ରମେଶକୁ ନିଜଠାରୁ ଦୂରରେ ରଖିବାକୁ ଚେଷ୍ଟା କରନ୍ତି ।

ରମାକାନ୍ତ ବାବୁ କେବେହେଲେ ନିଜ ବୟସକୁ ଏଡି ଦେବାକୁ ଚେଷ୍ଟା କରିନାହାନ୍ତି । ନିଜର କ୍ଲରିକାଲ୍ ପଇସା ଯାହା ଦରମା ପାଆନ୍ତି ଦୁଃଖେ କଷ୍ଟେ ଚଳିଯିବା ତାଙ୍କ ଜୀବନର ଲକ୍ଷ୍ୟ । କିନ୍ତୁ ଜୟନ୍ତୀ ଏକଥାରେ କେବେହେଲେ କର୍ଣ୍ଣପାତ କରିନାହାନ୍ତି । ପ୍ରସାଧାନ ଖର୍ଚ୍ଚ ଜୟନ୍ତୀଙ୍କ କମ୍ ନୁହେଁ । ତେଣୁ ସାଧାରଣ ଏମେଚ୍ୟୋର ଡ୍ରାମାମାନଙ୍କରେ ମଧ୍ୟ ସେ ଏବେ ଯୋଗଦେଇ ମାସ ମାସ ଧରି ଘରେ ଅନୁପସ୍ଥିତ ରୁହନ୍ତି । ପାର୍ଟି କରନ୍ତି । ପଇସା ଆୟ ବି ହୁଏ ଅଧିକ । ଖର୍ଚ୍ଚ ବି ହୁଏ ଅନୁରୂପ ।

ଏବେ ଜୟନ୍ତୀ ଯାହା ସବୁ କଲେ ବି ରମାକାନ୍ତ ବାବୁ ମନା କରନ୍ତି ନାହିଁ ।

ବୈବାହିକ ଜୀବନ ଉଭୟେ ବିତାଉଥିଲେ ବି ଉଭୟଙ୍କ ରାସ୍ତା ଅଲଗା ଅଲଗା ।

ରମେଶ, ସୁରେଶ ଆଉ ଦୀପାଳୀ ଏବେ ସଭିଏଁ ବଡ଼ ବଡ଼ ହେଲେଣି । ନିଜ ଘରର ଏସବୁ ଆବହାଉୟାରେ ସେମାନେ ବୁଦ୍ଧି ପାଇଲା ଦିନୁ ସ୍ୱେଚ୍ଛାଚାରୀ ସ୍ୱେଚ୍ଛାଚାରିଣୀ ହୋଇ ନିଜ ନିଜକୁ ଭଲ ଦେଖାଯାଉଥିବା ଆଧୁନିକ ପଥର ପଥିକ ହେଲେଣି ।

ଏବେ ରମାବାବୁ ଯଦି ବି ଘରେ ରହନ୍ତି ଏକା ହିଁ ରୁହନ୍ତି । ନିଜର କର୍ମମୟ ଜୀବନର ପ୍ରତିଟି କଥା, ପ୍ରତିଟି ବର୍ଷର ପ୍ରତିଟି ମାସ ସେ ନିଜ ଭିତରେ ଗୁରେଇ ତୁରେଇ ହୁଅନ୍ତି । ଆଉ ମାତ୍ର ଆଠ ବର୍ଷ ଗଲେ ସେ ରିଟାୟାର୍ କରିବେ । ଆଉ ତାଙ୍କର ହୋଇ ପାଖରେ କିଏ ରହିବ ? ସେ ଏକା । ସଭିଏଁ ଥାଇ ବି ସେ ଏକା । ନିଃସଙ୍ଗ । ସକାଳରୁ ମୁହଁ ହାତ ଧୋଇ ଦାନ୍ତ ଘଷିବା

Digitized by srujanika@gmail.com

ସମୟରୁ ପାଇଖାନା ଯିବା ପର୍ଯ୍ୟନ୍ତ ତାଙ୍କର ବିଗତ ଜୀବନର ସମସ୍ତ ସୁଖ, ଦୁଃଖର କଥା ମନେପଡ଼େ । କେତେବେଳେ ବାଳସୂର୍ଯ୍ୟକୁ ଅନାଇ ମନେ ମନେ ହସନ୍ତି ତ କେବେ କେବେ ଆଖିରୁ ଲୁହ ବି ଝରାନ୍ତି ଅବିଶ୍ରାନ୍ତ ଭାବରେ ।

ରମାବାବୁ ଇତିମଧ୍ୟରେ ଜୟନ୍ତୀ କିମ୍ବା ଦୀପାଳିର ଅନୁପସ୍ଥିତିରେ ସ୍ୱୟଂ ଆଗମନା ତରୁକୁ ନିଜର ରୋଷେଇ ବାସ ପାଇଁ ରଖିଛନ୍ତି । ଏଇ ପାଖ ମଫସଲ ଅଞ୍ଚଳର ଝିଅଟିଏ । ସେ ବିବାହ କରି ଶାଶୁଘରକୁ ଯିବାଦିନ ତା'ର ମଦ୍ୟପ ସ୍ୱାମୀ ତାକୁ ଯେପରି ବ୍ୟବହାର କଲା ସେହି ରାତିରେ ହିଁ ସେ ଗୃହତ୍ୟାଗିନୀ ହେଲା । ଆଉ ସ୍ୱାମୀଙ୍କ ମୁହଁ ବି ସେ ଭଲ କରି ଦେଖିନାହିଁ । ବୟସ ହେବ ଦୀପାଳି ଠାରୁ କିଛି ଅଧିକ ବର୍ଷେ ଦୁଇ ବର୍ଷ ।

ଜୟନ୍ତୀ ଯେନତେନ ପ୍ରକାରେଣ ବିଭିନ୍ନ ଅନୁଷ୍ଠାନମାନଙ୍କରେ ନିଜର କଳା ପ୍ରଦର୍ଶନ କରି ଚଳି ହିଁ ଯାଉଥିଲେ । ପୁଣି ନିଜର ଭବିଷ୍ୟତ ପାଇଁ ମଧ୍ୟ କିଛି କିଛି ସଞ୍ଚୟ କରି ରଖିଥିଲେ ସମସ୍ତଙ୍କ ଅଜ୍ଞାତରେ । ନିଜର ପୁଅ ଝିଅଙ୍କୁ ବି ତାହା ଅଜଣା ।

ଦୀପାଳି ମଧ୍ୟ ନିଜର କୁଶଳ ବେଶ ପରିପାଟୀରେ ସମସ୍ତଙ୍କ ଚହଲାଇଦେଇ ନିଜ ପାଇଁ କିଛି କିଛି ଅର୍ଜନ କରିବା ଶିଖିଗଲାଣି ।

ଏ ଘରକୁ ଅର୍ଥାତ୍ ରମାବାବୁଙ୍କ ଘରକୁ ଏବେ ଆଉ ଦୁଇପୁଅ କିମ୍ବା ଦୀପାଳି କେହି ଆସୁନାହାନ୍ତି । ଜୟନ୍ତୀ ବର୍ଷେ ଛଅ ମାସରେ ଥରେ ଦୁଇଥର ଆସନ୍ତି ବାଟ ଭୁଲି ଯାଇଥିବା ପଥିକ ପରି । ଦିନେ ଦୁଇଦିନ ରହନ୍ତି । ରମାବାବୁଙ୍କ ରୋଷେଇରେ ଖାଆନ୍ତି । ପଇସାପତ୍ର, ଘର ଖବର କିଛି ଜାଣିବାକୁ ଚାହାନ୍ତିନି । ଆଉ ରମାବାବୁ ମଧ୍ୟ ଜୟନ୍ତୀଙ୍କୁ କିଛି ତୁଣ୍ଡ ଖୋଲି କହିନଥାନ୍ତି । ଜୟନ୍ତୀ ପୁଣି ନିଜ ଗନ୍ତବ୍ୟ ପଥରେ ଦିନେ ବାହାରି ପଡ଼ନ୍ତି ।

ଏବେ ରମାବାବୁଙ୍କୁ କିଛିଟା କୂଳ କିନାରା ଦେଇପାରିଛି ତରୁ । ସେ ରମାବାବୁଙ୍କ ନିମନ୍ତେ ରନ୍ଧାବଢ଼ା କରେ । ସକାଳୁ ରାତ୍ର ପର୍ଯ୍ୟନ୍ତ ରମାବାବୁଙ୍କ ଘରେ ହିଁ ରୁହେ ।

ରମାବାବୁ ମନେ ମନେ ହେଜ କରନ୍ତି ଜୟନ୍ତୀର କଥା । ତାଙ୍କ ଦୁଇ ପୁଅଙ୍କ କଥା ଆଉ ଦୀପାଳି କଥା ।

Digitized by srujanika@gmail.com

ଦୁଇ ପୁଅଙ୍କ ମଧ୍ୟରୁ ରମେଶ ବଡ଼ । ରମାବାବୁ ଯେତେବେଳେ ଆଦର୍ଶର ଶିଖରରେ ଦଣ୍ଡାୟମାନ ହୋଇ ଜୟନ୍ତୀକୁ ବାହାହେଲେ ତା'ର ପ୍ରାୟ ଛଅ ସାତମାସ ପରେ ରମେଶର ଜନ୍ମ । ନିଜ ପୁଅ ବୋଲି ରମାକାନ୍ତ ବାବୁଙ୍କ ବିଶ୍ୱାସ ହୁଏନା ।

ଦ୍ୱିତୀୟ ପୁତ୍ର ସୁରେଶଙ୍କୁ ଜନ୍ମ ଦେବାବେଳେ ରମାବାବୁ ମେଟରନିଟିକୁ ନେଇ ପ୍ରତି ସପ୍ତାହରେ ଜୟନ୍ତୀର ସ୍ୱାସ୍ଥ୍ୟାଦି ଯାଞ୍ଚ କରୁଥିଲେ । ଆଉ ସୁରେଶର ଜନ୍ମ ହସ୍ପିଟାଲରେ ହିଁ ହୋଇଥିଲା । ମିଡ୍‌ୱାଇଫ୍ ପୁଅଟିଏ ହୋଇଛି ବୋଲି ଖୁସିରେ ରମାବାବୁଙ୍କୁ ମିଷ୍ଟାନ୍ନ ମାଗିଥିଲା । ରମାବାବୁ ମଧ୍ୟ ପକେଟରେ ହାତ ପୂରାଇ ଖଣ୍ଡିଏ ନୋଟ୍ ଆଣିଲେ । ଦଶ ଟଙ୍କିଆ ନୋଟ୍ ଖଣ୍ଡିଏ । ସେ ପାଞ୍ଚ ଟଙ୍କିଆ ନୋଟ୍ ଖଣ୍ଡିଏ ବାହାରିବ ବୋଲି ବିଚାର କରି ପକେଟରେ ହାତମାରି ଥିଲେ ମାତ୍ର ତାହା ନହୋଇ ଦଶ ଟଙ୍କିଆ ନୋଟ୍‌ଟି ଯେତେବେଳେ ବାହାରି ପଡିଛି ଆଉ ମିଡ୍‌ୱାଇଫ୍ ଦେଖି ସାରିଲେଣି, ତାକୁ ତ ଆଉ ପକେଟ ଭିତରକୁ ଠେଲିଦେଇ ହେବ ନାହିଁ । ଅଗତ୍ୟା ଅନିଚ୍ଛା ସତ୍ତ୍ୱେ ମଧ୍ୟ ସେ ସେହି ଦଶ ଟଙ୍କିଆ ନୋଟ୍ ଖଣ୍ଡିକ ତାକୁ ଦେଇ ମନର ବିରକ୍ତତାକୁ ଲୁଚାଇବାକୁ ଜୟନ୍ତୀ ଆଡେ ମୁହଁ ବୁଲାଇ ଦେଲେ । ଜୟନ୍ତୀ ସେ ସମୟରେ ଛୋଟ ପୁଅଟିକୁ କୋଳରେ ଧରି ଶୋଇଛି ଆଉ ବାଁ ପାଖ ଝରକା ଆଡକୁ କରୁଣ ଦୃଷ୍ଟିରେ ଅନାଇ ରହିଛି । ରମାବାବୁ ସେତେବେଳେ ଦେଖିଲେ ଯେ ସେହି ଦୃଷ୍ଟି ପଥରୁ ବିଜୟ ମାଷ୍ଟ୍ରେ ହିଁ ଧୀରେ ଧୀରେ ଅପସରି ଯାଉଛନ୍ତି ।

ଆଜି ଯେତେବେଳେ ସୁରେଶର ମୁହଁ ଦେଖନ୍ତି ବିଜୟ ମାଷ୍ଟ୍ରଙ୍କ ଏକ ଅସ୍ପଷ୍ଟ ଛାପ ସୁରେଶର ମୁହଁରେ ପ୍ରତିଫଳିତ ହେବାର ସେ ଲକ୍ଷ୍ୟ କରନ୍ତି ।

ଜୟନ୍ତୀକୁ ଏସବୁ ବିଷୟରେ ରମାବାବୁ କେବେ କିଛି କୁହନ୍ତି ନାହିଁ । ଆଉ ଜୟନ୍ତୀ ବି ରମାବାବୁଙ୍କୁ କିଛି ହିଁ କୁହେନା ।

ରମାବାବୁଙ୍କ ବୟସ ବଢିଚାଲିଛି । ନିଜ ଘର । କେହି ନାହାନ୍ତି ଏଠାରେ । କେବଳ ତରୁ । ସେ ତରୁକୁ ଦୀପାଳିର ସମବୟସୀ ବୋଲି ଜାଣିଥିଲେ ବି ନିଜର ଅତୃପ୍ତ ଦୁର୍ବାର ଆକାଙ୍‌କ୍ଷାକୁ ରୂପାୟିତ କରିବା ନିମନ୍ତେ ଅନେକ ଥର ମନସ୍ଥ

Digitized by srujanika@gmail.com

କରିଛନ୍ତି । ତା'ର ପରମୁହୂର୍ତ୍ତରେ ଭାବିଛନ୍ତି- ଏ କିପରି କଥା ? କିପରି ସମ୍ଭବ ? ମୋର ବୟସ ଆସି କାହିଁ କେତେରୁ କେତେ ହେଲାଣି । ଆଉ ତରୁ, ସେ ତ କାହିଁ ମୋ ଠାରୁ ଚବିଶ/ପଚିଶ ବର୍ଷ ଛୋଟ ।'

ରମାବାବୁ ଭାବନ୍ତି, 'ସେ କ'ଣ ଭାବୁ ନଥିବ ମୋତେ !! ନା ନା ଏପରି ହେବା ଅନ୍ୟାୟ । ଅନ୍ୟାୟ କାମ ମୁଁ ତ କେବେ ବି କରିନାହିଁ । ଇଚ୍ଛାହୁଏ କିଛିଟା ଅନ୍ୟାୟ କର୍ମ ହିଁ କରିପକାନ୍ତି । ହେଲେ ହେଉ ପଛକେ ନିନ୍ଦା । ସାରା ଜୀବନ ନିନ୍ଦିତ ତ ହେଲିଣି । ଜୟନ୍ତୀକୁ ବିବାହ କରିବା ଦିନଠାରୁ ହିଁ ମୋ ଠାକୁ ନିନ୍ଦାର ସୁଅ ଛୁଟିଛି । ଏପର୍ଯ୍ୟନ୍ତ ତାହା ଚଳି ଆସୁଛି । ଜୀବନର ଶେଷ ସୁଦ୍ଧା ଏହା ଚଳିବ ହିଁ ଚଳିବ । ଅଫିସର କିରାଣିମାନେ ବି ତ ମୋତେ କଟାକ୍ଷ କରି କମ୍ ଉପହାସ କରନ୍ତିନି । ମୁଁ ଯାହା ଆଦର୍ଶ ଦେଖାଇବାକୁ ଯେଉଁ କେତେକ ବନ୍ଧୁଙ୍କ ପ୍ରରୋଚନାରେ ପଡ଼ି ଆଗଭର ହେଲି । ସେ ବନ୍ଧୁମାନେ କିଏ କୁଆଡ଼େ ନିଜ ନିଜ ସ୍ୱାର୍ଥସିଦ୍ଧି ନିମନ୍ତେ ବ୍ୟସ୍ତ ଥିଲେ । ତାଙ୍କ ଭିତରୁ ଅଶ୍ୱିନୀ ପରି ତ ଦୀପାଳିର ଚେହେରା । ତେବେ ମୋର ହୋଇ ପୁଅ ଝିଅ ନାହାନ୍ତି । ବିବାହିତ ଜୀବନରେ ଯାହାକୁ ସବୁ ଭରଣପୋଷଣ କରିଛି ସେ ସମସ୍ତେ ଅନ୍ୟର । ତରୁକୁ ଏସବୁ କଥା ଫିଟାଇ କହନ୍ତି କି ? ସେ କିଛି ମନେକରିବ ? କ'ଣ ମନେକରିବ ? ହଁ କିଛି ସନ୍ଦେହ ବି କରିପାରେ । ଯେପରିକି ମୁଁ ତାକୁ ହିଁ ନିଜ ପାଖରେ ଚାହିଁଲିଣି । ସେ କ'ଣ ନଭାବିବ ! !

ରମାବାବୁ ତା'ର ରୂପ ଯୌବନକୁ ଆଡ଼ ଆଖିରେ ହିଁ ଦେଖି ନିରବ ରହନ୍ତି ।

ଆଉ ଥରେ ଅଧେ ଦେଖିବାକୁ ବି ମନେ ମନେ ଡରନ୍ତି । ପାପ ହେବ, ନିଜର ଭିତର ଅନୁମୋଦନ କରୁନାହିଁ । କିନ୍ତୁ ମନର ଗତି ବଡ ତୀବ୍ର । ସେ ବାରମ୍ବାର ତାକୁ ଦେଖିବାକୁ ନିକଟରେ ପାଇବାକୁ ଉଦ୍‌ବିଗ୍ନ ହୋଇପଡନ୍ତି ।

ଥରେ ଥରେ ତରୁର ହାତ ନିଜ ହାତରେ ହଠାତ୍ ବାଜିଗଲେ ରମାବାବୁ ଅପୂର୍ବ ଶିହରଣ ମନ ଭିତରେ ଅନୁଭବ କରନ୍ତି । ତରୁ କ'ଣ ଏହା ଅନୁଭବ କରୁନଥିବ ? ସେ କ'ଣ ଭାବିବ ? ମୋତେ ଘୃଣା ହିଁ କରିବ ସିନା ! ଏ ବୟସରେ

Digitized by srujanika@gmail.com

ଭଲ ପାଇବାର, ନିକଟରେ ଏକ ତରୁଣୀକୁ ଲାଭ କରିବାର ଅଧିକାର ବି ମଣିଷର ରହୁନାହିଁ ନା ! ତେବେ ସୁଦ୍ଧା ସେ ଅନେକଥର ବଦ୍ଧପରିକର ହେଲେଣି ତରୁକୁ ପଚାରିବେ । କ'ଣ ପଚାରିବେ ? କିପରି ଭାବରେ ପଚାରିବେ ? ତରୁ କ'ଣ ଭାବିବ ? ତେବେ ବି ଯେତେବେଳେ ଅଫିସରୁ ଫେରନ୍ତି ଘରକୁ ତରୁକୁ କିଛି ପଚାରିବାକୁ ଲାଳାୟିତ ହୋଇପଡନ୍ତି । କିନ୍ତୁ ତରୁ ଯେତେବେଳେ ସନ୍ଧ୍ୟା ସମୟର ଚା, ବିସ୍କୁଟ ଆଣି ରଖି ଦେଇଯାଏ ଟି' ଟେବୁଲ ଉପରେ, ରମାବାବୁ ଆଉ କିଛି ପଚାରିପାରନ୍ତି ନାହିଁ । ତାର ଚାଲିଯିବାର ଭଙ୍ଗୀ, ଅଙ୍ଗ ସୌନ୍ଦର୍ଯ୍ୟ ସବୁକୁ ଦେଖି ନିଅନ୍ତି ଚଷମାର ଅନ୍ତରାଳରୁ । କିଛି କହିବାକୁ ଇଚ୍ଛା ଥିଲେ ବି କହିପାରନ୍ତି ନାହିଁ ।

ଦିନେ ରମାବାବୁଙ୍କୁ ଜ୍ୱର ହେଲା । ହାତ ଗୋଡ ଘୋଳେଇ ହେଲା । ଦରଜ ହେଲା । କ'ଣ କରିବେ', ତରୁକୁ କିପରି ଅବା କହିବେ ? ତେବେ ତରୁ ଜ୍ୱରର ଆଭାସ ରମାବାବୁଙ୍କ ନିକଟରୁ ପାଇ ସଙ୍ଗେ ସଙ୍ଗେ ପଡ଼ିଶା ଘରର ଡାକ୍ତରଙ୍କ ନିକଟରୁ ଔଷଧ ନେଇ ଆସିଲା । ସେବନ କରାଇଲା । ରମାବାବୁ ବିହ୍ୱଳ ଭାବରେ ତରୁର ମୁହଁକୁ ଅନାଇ ରହିଲେ । କିଛି କହିବାକୁ ଚାହୁଁଛନ୍ତି ଅଥଚ କହିପାରୁ ନାହାନ୍ତି । ତରୁ ଛୋଟ ପିଲାଟି ପରି ରମାବାବୁଙ୍କୁ ଖଟ ଉପରେ ଶୁଆଇ ଦେଲା । ମୁଣ୍ଡ ଚିପି ଦେଲା । ଏବେ ରମାବାବୁଙ୍କ ସେଇ ଆଦି ଉତ୍ତେଜନା ନାହିଁ । ସବୁ ଶିଥିଳ । ଅସ୍ଥି ଚର୍ମ ସମସ୍ତ ଢ଼ିଲା ଢ଼ିଲା । ତେବେ ବି ମନ ସେ ବଡ଼ ଚଗଲା । ତନୁରେ ଶୈଥିଲ୍ୟ ଥିଲେ ବି ରମାବାବୁ ତରୁକୁ ନିଜ ଅଙ୍ଗଶାୟିନୀ ଭାବରେ ଦେଖିବାକୁ ପ୍ରଲୁବ୍ଧ ହୋଇଉଠୁଛନ୍ତି ।

ଜୟନ୍ତୀକୁ ବିବାହ କରିଥିଲେ ସୁଦ୍ଧା ବୈବାହିକ ଜୀବନର ସୁଖ ସେ ତାଠାରୁ କେବେ ପାଇନାହାନ୍ତି । ଆଜି ତରୁକୁ ନିତାନ୍ତ ଆପଣାର, ନିଜର, ଅତି ନିଜର ମନେ ହେଉଛି । ତେବେ ରମାବାବୁ ଭାବୁଥିଲେ । ସେ (ତରୁ) ମୋର ଅଙ୍ଗଶାୟିନୀ ନା ମୁଁ ତାର ଅଙ୍କରେ ଶାୟିତ ? କିଛି ବିଚାର କରିପାରିଲେ ନାହିଁ । ତରୁ ନିଜ ମା'ଟି ପରି ତାଙ୍କୁ ଛୋଟ ଶିଶୁ ଭଳି ନିଜ କ୍ରୋଡରେ ଶୁଆଇ ଦେଉଛି ଆଉ କାନରେ, ଗାଲରେ ହାତ ଆପୁଡାଇ ଦେଉଛି । ରମାବାବୁ ତରୁର ହୃଦୟ

Digitized by srujanika@gmail.com

ବର୍ତ୍ତୁଳ ମାଂସପେଶୀରେ ହାତ ଦେବାକୁ କୁଣ୍ଠିତ ହୋଇ ବି ହାତ ଦେଲେ । ତରୁ ତାଙ୍କୁ ଆହୁରି ନିବିଡ ଭାବରେ କୋଳାଗ୍ରତ କରି ପକାଇଲା । ରମାବାବୁ ନିଜ ମାତୃ ସ୍ତନର କ୍ଷୀର ଖାଇବା ପାଇଁ ଯେପରି ତୃଷିତ ! ତରୁ ନିଜ ଶିଶୁପୁତ୍ରକୁ କୋଳାଗ୍ରତ କରିଛି ଓ ମାତୃ ହୃଦୟର ସ୍ନେହ ସ୍ରୋତରେ ନିମଜ୍ଜିତ ହୋଇ ମାତୃତ୍ୱର ମଧୁର ଛନ୍ଦରେ ଛନ୍ଦି ହୋଇଯାଉଛି ଯେପରି ।

ଦୁହେଁ ସେହି ଅବ୍ୟକ୍ତ ସାନ୍ନିଧ୍ୟ ଭିତରେ ପରସ୍ପରର ଦେହାତୀତର ଏକ ଅପୂର୍ବ ଆବେଗାନୁଭୂତିରେ ଧୀରେ ଧୀରେ ବିଲୀନ ହୋଇଯାଉଥିଲେ ।

❑

Digitized by srujanika@gmail.com

ସରଳା ଚରିତ: ଜଟିଳ ପଥ

ଠିକ୍ ତାରିଖ ମନେନାହିଁ । ଜୟଦ୍ରଥ ସେଦିନ ଆସିଥିଲା ଆକସ୍ମିକ ଭାବରେ ମୁଁ ଦୋକାନ କାମ ସାରିନଥିଲି । ସମୟ ସନ୍ଧ୍ୟା ଚାରିଟା ହାଟପାଳି ଦିନ । ଏବେ ବି ଗ୍ରାହକ ଆଦି ଦୋକାନରୁ କିଛି କିଛି କିଣିବା ଆଶା ରହିଛି ।

ଜୟଦ୍ରଥ ମୋର ଚିହ୍ନା ଲୋକ ଆଗରୁ । ଭଲ ତବଲା ବଜାଏ । ଏ ଅସମୟରେ ତାକୁ ଦେଖି ମୁଁ ଆଶ୍ଚର୍ଯ୍ୟ ହେଲି । ତେବେ ଶୁଭ ସମ୍ଭାଷଣ ଜ୍ଞାପନପୂର୍ବକ ତାକୁ ଘରକୁ ଡାକି ନେଇଥିଲି । ଦୋକାନରୁ ଘରକୁ ଯିବା ବାଟରେ ରାହାସ ଗୁଡିଆ ଦୋକାନରୁ ଗରମ ଗରମ ସିଙ୍ଗଡା ଓ କିଛି ମିଷ୍ଟାନ୍ନ ଧରି ଘେନି ଯାଇଥିଲି ।

ଆମ ଘରକୁ ପହଞ୍ଚି ଜୟଦ୍ରଥ କହିଥିଲା- "ଆରେ ବେଶ୍ ଭଲ ଘରଟିଏ ତ !" ତା' ପୂର୍ବରୁ ସେ କେବେ ଆମ ଘରକୁ ଆସିନଥିଲା । ତା'ର ଏହି ହଠାତ୍ ମନ୍ତବ୍ୟଟି ମୋତେ କିମ୍ଭୂତକିମାକାର ବୋଧ ହୋଇଥିଲା ।

ମୁଁ ଜୟଦ୍ରଥକୁ କିଛି ନକହୁଣୁ ସେ ମୋ ବିଛଣା ଉପରେ ବସିପଡିଲା । ମୁଁ ପାଖରେ ଥିବା ଛୋଟ ଚୌକିଟିଏ ଟାଣି ତା' ସମ୍ମୁଖରେ ବସିଲି । ଦୋକାନରୁ କିଣି ଆଣିଥିବା ଜଳଖିଆ ଗୋଟିଏ ପାତ୍ରରେ ରଖି ତାକୁ ଖାଇବାକୁ ଦେଲି । ଘର ଭିତରକୁ ପୁଣି ଯାଇ ପାଣି ଆଣିଲି । ସେ ଶୀଘ୍ର ଶୀଘ୍ର ଖାଇ କହିଲା ମୋତେ "ଜୟବିହାରୀ ବାବୁ' ସରଳାର ଦେହ ଭଲ ନାହିଁ । ସେ ଡାକ୍ତରଖାନାରେ ଅଛି । ତୁମେ ମୋ ସଙ୍ଗରେ ଚାଲ ସେ ତୁମକୁ ଖୋଜୁଛି ।"

Digitized by srujanika@gmail.com

ସରଳାର ସ୍ୱାସ୍ଥ୍ୟହାନୀ କଥା ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇନଥିଲି । ଅନେକ ଦିନ ମନେ ମନେ ଭାବିଛି ସରଳା ସ୍ୱାସ୍ଥ୍ୟ ହରାଇ ଡାକ୍ତରଖାନରେ ପଡିରହନ୍ତା । ମୁଁ ଯାଇ ତା' ପାଖରେ ରହନ୍ତି । କଥାବାର୍ତ୍ତା କରନ୍ତି । ତାକୁ ମୋର ମନର ସମସ୍ତ କଥା କହିପାରନ୍ତି । ତା'ର ମନର ସମସ୍ତ କଥା ସେ କୁହନ୍ତା । ଡାକ୍ତରଖାନାର ବିଛଣା ଉପରେ ଶୋଇ । କିନ୍ତୁ ଅନେକ ରୋଗୀ ତ ଆଖପାଖ ବିଛଣାରେ ପଡିରହିଥିବେ । ସମସ୍ତେ ହୁଏତ ଆମ କଥା ଶୁଣିବେ । ମନର ଗୋପନ କଥା ଆଉ କେହି ନଜାଣିବା କଥା । ଏହି ଚିନ୍ତାରେ ମନ କୁହେ ସେ ହୁଏତ ସ୍ୱତନ୍ତ୍ର ଏକ ବେଡରେ ଥାଆନ୍ତା ଇତ୍ୟାଦି । ଆଜି ଜୟଦ୍ରଥ ମୁହଁରୁ ତାର ସ୍ୱାସ୍ଥ୍ୟହାନୀ ସମ୍ବାଦ ଶୁଣି ତେଣୁ ବିଚଳିତ କିମ୍ବା ବିସ୍ମିତ ହୋଇନଥିଲି । ମନେ ମନେ ଭାବିଲି ହୁଏତ ଈଶ୍ୱର ଆଜି ମୋର ମନ କଥା ଶୁଣିଲେ ।

ମୁଁ ଜୟଦ୍ରଥକୁ ଆଉ କିଛି ନକହି ହଠାତ୍ ସାର୍ଟ ପେଣ୍ଟ ଦୁଇଖଣ୍ଡ ଗୋଟିଏ ହାତଝୁଲା ମୁଣିରେ ରଖି ବାହାରି ପଡିଲି କିଛି ଟଙ୍କା ପକେଟରେ ପୂରେଇ ।

ସରଳା ଆମ ଗାଁରୁ ୬୦/୭୦ କିଲୋମିଟର ଦୂର ସଦର ହସ୍ପିଟାଲରେ ପଡି ରହିଥିବା ଜୟଦ୍ରଥ ମୋତେ କହିଥିଲା ।

ସଦର ହସ୍ପିଟାଲ ମାନେ ଅନେକ ଭଲ ଭଲ ଅଭିଜ୍ଞ ଡାକ୍ତର ସେଠାରେ ରୁହନ୍ତି । ଚିକିତ୍ସା କରନ୍ତି । ଧାଇ, ନର୍ସ, ସେବା ଯତ୍ନ ସବୁ କିଛିର ତ୍ରୁଟି ନଥାଏ ।

ବାଟରେ ମୋଟରରେ ଜୟଦ୍ରଥ ସଙ୍ଗେ ଯାଉ ଯାଉ ଏପରି ସବୁ ମନେ ହେଉଥାଏ । ପୁଣି ମନେହୁଏ, ସରଳା ମୋତେ ଚାହିଁ ବସିଥିବ କ'ଣ ? ତାର ରୋଗ ହେଲା ? ହୁଏତ ଜ୍ୱର ହୋଇଥିବ । ଖୁବ୍ ଜ୍ୱର । ଶୁଖି ଯାଇଥିବ ଡାକ୍ତରଖାନା ବିଛଣାରେ ପଡି ରହି ପଥ୍ୟ ସେବନ କରୁଥିବ । ପାଖରେ ଆଈବୁଢୀ ହୁଏତ ଥିବ ।

ଆଈବୁଢୀ ଜୟଦ୍ରଥକୁ ଜୟ ବୋଲି ଜାଣେ, ଜୟଦ୍ରଥ ତାର ମୁହଁରେ ଉଚ୍ଚାରଣ ହୁଏନାହିଁ । ସରଳାର ଆଈ କୁହେ ଜୟରଦଥ । ସରଳା ଆଉ ମୁଁ ଖୁବ୍ ହସିଥାଉଁ । ସରଳା ମୋତେ ଘରର ପିଲାଟିଏ ପରି ଦେଖୁଥିଲେ ହେଁ, ତା'ର ଆଈବୁଢୀର ଏ ଉଚ୍ଚାରଣ ଆଈବୁଢୀ ପାଇଁ ସଂକୁଚିତ ହୋଇଥାଏ । ବାରମ୍ବାର

Digitized by srujanika@gmail.com

ସରଳା କୁହେ ମା' ଆଈଙ୍କୁ ମୋର ମା' । ମା' ବୋଲି ଏପରି ଗେହ୍ଲେଇ ହୋଇ ଡାକେ ଯେପରି ତାର ଜନ୍ମ କଲା ମା' । ସେ ବାରମ୍ବାର କୁହେ ମା' ଜୟଦ୍ରଥ ଏତିକି କହିବାକୁ । ଆଗେ ଜୟଦ୍ ତାପରେ ରଥ । ବେଶ୍ ଏତକ କହି ପାରୁନୁ, କହନା ? ଆଈବୁଢ଼ୀ ସେପରି ପୂର୍ବ ସବୁ ଜୟଦ୍ ଠିକ୍ ଉଚ୍ଚାରଣ କରିଥାଏ ପରେ ରଥ ବି ଠିକ୍ ଉଚ୍ଚାରଣ କରେ । କିନ୍ତୁ ଏକ ସଙ୍ଗରେ କହିବାରୁ ପରେ ଜୟରଦଥ ହୋଇଯାଏ । ଆମେ ସଭିଏଁ ଖୁବ୍ ହସିଥାଉ ।

ଆମର ଏକଥାରେ ବୁଢ଼ୀଆଈ ଜୟଦ୍ରଥକୁ ସଂପୂର୍ଣ୍ଣ ନକହି ଜୟ ହିଁ କହିଥାଏ । ମାତ୍ର ସରଳା ତାକୁ ପୂର୍ବ ମାନ୍ୟ କରି ତାକୁ ଆଈ କହିପାରିବ ନାହିଁ । ମୋ ନାମ ଜୟବିହାରୀ ହୋଇଥିବାରୁ ସେ ଜୟ ନକହି କେବଳ ରଥ ଭାଇନା ବୋଲି ଡାକେ । ଏପରି ଭାବରେ ଜୟ ରଥ ବିଚାରା ଆଈବୁଢ଼ୀ ଆଉ ସରଳା ପାଖରେ ଦୁଇ ନାମରେ ପରିଚିତ ହୋଇବି ସମସ୍ତଙ୍କ ମନରକ୍ଷା ପୂର୍ବକ କାମ କରିଯାଏ, ସେବା କରିଥାଏ । ସେ ଟିକିଏ ଗଞ୍ଜ ଖୋର । ଗଞ୍ଜେଇ ଭାଙ୍ଗଟିକିଏ ହେଲେ ଚୁପ୍ । ସେ ମନମତାଣିଆ କଥା ସବୁ କହିଥାଏ ।

ମୁଁ ଭାବେଁ ଏଇ ଜୟଦ୍ରଥ ଅଭିମନ୍ୟୁ ହନ୍ତା ନୁହଁ ତ ? ବିଚରା ଅଭମନ୍ୟୁ । ସୁଭଦ୍ରାର ଓ ଅର୍ଜୁନର ପୁତ୍ର ଅଭିମନ୍ୟୁ ଯେତେବେଳେ ଗର୍ଭ ମଧ୍ୟରେ ଥାଇ (ବ୍ୟୁହ ଭେଦ କରିବା ଶୁଣି ସାରିବା ପରେ ସୁଭଦ୍ରା ଶୋଇପଡିବାରୁ ଆଉ ବ୍ୟୁହରୁ ବାହାରିବା କୌଶଳ ଶୁଣିପାରି ନଥିଲା ।) ଏହି ଅବସରରେ ଅଭିମନ୍ୟୁ ମାତ୍ର ୧୪ କିମ୍ବା ୧୫ ବର୍ଷ ବୟସରେ ତାର ପିତାର ନାମ ସାର୍ଥକ କରି ବ୍ୟୁହ ଭେଦ କରି ସପ୍ତରଥିଙ୍କୁ ଛିନ୍ନଛତ୍ର କରିଦେଇଥିଲା ।

ମାତ୍ର ଜୟଦ୍ରଥ ତାହାକୁ ବ୍ୟୁହ ବାଟରେ ଥାଇ ଏକାଥରକେ ଅସ୍ତ୍ରନିକ୍ଷେପ ପୂର୍ବକ ନିପାତ କରିଦେଇଥିଲା । ଏକଥା ମହାଭାରତ ଯୁଦ୍ଧରେ ଏପରି ସୁନ୍ଦର ଚମତ୍କାର ଏବଂ ଭାବଗର୍ଭକ ଭାବରେ ବ୍ୟାସଦେବ ଚିତ୍ରଣ କରିଯାଇଛନ୍ତି ଯେ ତାହା ବର୍ତ୍ତମାନ ମୋର ସ୍ମରଣ ହୋଇଆସୁଥାଏ ।

ଏଇ ଭୋଳାନାଥ ଜୟଦ୍ରଥ ସେପରି ପଞ୍ଚେଇ ଆଈର ନହେଲା ହେଲା ଅନେକ କଥା ଗପିଥାଏ ।

Digitized by srujanika@gmail.com

ଯାହାହେଉ ପ୍ରାୟ ସନ୍ଧ୍ୟା ସାଢ଼େ ୬ଟାରେ ଆମେ ଯାଇ ପହଞ୍ଚିଲୁ ହସ୍ପିଟାଲରେ । ସରଳା ରୋଗଗ୍ରସ୍ତା ।

ତା'ପାଖରେ ପହଞ୍ଚିଲି । ବିଛଣା ଅଭାବରୁ ତାକୁ ଗୋଟିଏ ଛୋଟ ସ୍ଥାନ ତଳେ ଦିଆଯାଇଥାଏ । ଡାକ୍ତରଖାନାର ବିଛଣା ଧୋବ ଫର ଫର ଗଦି ତଳେ ପଡିଥାଏ । ଆଉ ସରଳା ବସି ରହିଥାଏ । ମୋତେ ଦେଖି ସେ ମୁରୁକି ମୁରୁକି ହସିଲା । ମୁଁ ମଧ୍ୟ ତଦ୍ରୂପ ତା'ର ମୁରୁକି ହସର ସମ୍ମୁଖଣ ମୁରୁକି ହସରେ ହିଁ ଦେଲି ।

ସେ କଥା କହୁନଥାଏ । ପାଖକୁ ଡାକିଲା, ମୁଁ ଗଲି । ବସିବାକୁ ଇଙ୍ଗିତ କରିଲା ବସିଲି । ଆଉ କିଛି ନକହି ବିଷଣ୍ଣ ହୋଇ କାନ୍ଦିବାକୁ ଆରମ୍ଭ କଲା । ମୁଁ ଏହାର କିଛି ଅର୍ଥ ବୁଝି ନପାରି ସରଳାର ହାତ ଧରି ପଚାରିଲି କ'ଣ ହେଲା କି ସରଳା ତୁମେ କାନ୍ଦୁଛ କାହିଁକି ?

ଜୟଦ୍ରଥ ମୋତେ ଡାକିଲା । ମୁଁ ସରଳା ପାଖରୁ ଅପସରି ଆସୁଛି । ସରଳା କିନ୍ତୁ ମୋର ହାତ ଚାପି ଧରି ମୋତେ ବସାଇ ଦେଲା । ମୁହଁରେ ଇସାରାର ଭାବ । ତେବେ ମଧ୍ୟ ମୁଁ କେଜାଣେ କାହିଁକି ତା' ନିକଟରୁ ଆସିଲି ଜୟଦ୍ରଥ ପାଖକୁ । ଆଈବୁଢୀ ସେଠାରେ ଥିଲା । ସରଳାର ଓ୍ୱାର୍ଡରେ । ଆଈବୁଢୀ ତୀକ୍ଷ୍ଣ ସ୍ୱରରେ ମୋତେ କହିଲା- "ଜୟ ତୁ କ'ଣ କରିଦେଇଛୁ ମୋର ଝିଅକୁ ସେ ତ ତୋ' ପାଇଁ ବାଇଆ ।" ଆଈବୁଢୀ କଥାର ମୁଁ ଉତ୍ତର ଦେଇପାରିନଥିଲି । ମୋ ପାଇଁ ସରଳା ବାଇଆ କାହିଁକି ? କି ହେତୁ ? ମୋର ମନେହୁଏ ହୁଏତ ହେତୁ ଅଛି । ସେ ମୋତେ ଭଲପାଏ । ତେବେ ପୁଣି ମୋତେ ମୌନ ହେବା ଦେଖି ବୃଦ୍ଧା କହିଲା ତୁ ପରା କହିଛୁ ତୁ ତାକୁ ବାହାହେବୁ ? ମୁଁ ଏହାର କୌଣସି ଉତ୍ତର ଦେଉଁ ନଦେଉଣୁଁ ବୁଢୀ କାନ୍ଦି କାନ୍ଦି କହିଲା, ଜୟ ତୁ ମୋର ଭେଳା ବୁଡ଼ାନା ପୁଅ । ସେ ତୋ' ସଙ୍ଗରେ ପଳାଇ ଗଲେ ମୁଁ ବଞ୍ଚିବି କିପରି କିଏ ମୋତେ ପୋଷିବ ?

ମୁଁ ଏସବୁ କଥା ଶୁଣିଲେ ବି ମୋ କାନ ବାଟଦେଇ କଥା ସବୁ କେଉଁ ଆଡେ ପଳାଇ ଯାଉଥାଏ । କାନ ଭଁ ଭଁ କରୁଥାଏ । କିନ୍ତୁ ନିଜକୁ ନିଜେ ବଡ

Digitized by srujanika@gmail.com

ଗର୍ବ ଅନୁଭବ କରୁଥାଏ ଯେ ସରଳା ମୋତେ ବାହା ହେବାକୁ ରାଜି ଆଉ ମୋତେ ପାଇବାକୁ । ପାଖରେ ପାଇବାକୁ ସଙ୍ଗରେ ପାଇବାକୁ ଏକାନ୍ତରେ ପାଇବାକୁ ସେ ଆଶାୟୀ । ତେବେ ବୁଢ଼ୀକୁ ମୁଁ କିଛି ନକହି ସରଳାକୁ ଆଢୁଆଳରୁ ଲକ୍ଷ୍ୟ କଲି । ସେ ମୋତେ ଦେଖିବା ପାଇଁ ଉଦଗ୍ରୀବ ହୋଇ ମୋର ଯିବା ପଥକୁ ଅନାଇ ରହିଛି ।

ମୁଁ ଯେତେବେଳେ ତାକୁ ଦେଖେଁ ସେ ହଠାତ୍ ରାଗିଗଲା ପରି ମୁହଁ କରି ମୋତେ ପାଖକୁ ଡାକିଲା । ତାର ଇଚ୍ଛା ମୁଁ କେବଳ ତାରି ପାଖରେ ରୁହନ୍ତି । ମୁଁ ମଧ୍ୟ ତାର ଏଇ ବାଇଆ ବୁଦ୍ଧିକୁ ଗୁରୁତ୍ୱ ସହକାରେ ଗ୍ରହଣ ନକରି ହସି ହସି ତା' ପାଖରେ ଯାଇ ବସିଲି । ସେ ମୋ ହାତ ଧରିପକାଇଲା କହିଲା ତୁମେ ମୋତେ ବାହାହୁଅ ।

ମୁଁ ତାକୁ ଅନେକ ପ୍ରକାରେ ବୁଝାଇଲି ଯେ ଏହା ସମ୍ଭବ ନୁହେଁ । ସେ କିନ୍ତୁ ମୋତେ ଛାଡିବାକୁ ଏକାନ୍ତ ଅନିଚ୍ଛୁକ ।

ମୁଁ ଏପରି ଏକ ଉପଦ୍ରବର ସମ୍ମୁଖୀନ ହେବି ବୋଲି କେବେ ହୁଏତ କଳ୍ପନା କରିନଥିଲି । ତାହା କିନ୍ତୁ ସେତେବେଳେ ସହ୍ୟ କରି ପାରିଥିଲି । ଏପରି ହେବାର ନୁହେଁ । ମୁଁ ସରଳାକୁ ବାହାହେବି, ଏ କିପରି ସମ୍ଭବ ହେବ ?

ଅଗତ୍ୟା ନାନା କଥାବାର୍ତ୍ତା ଭିତରେ ନର୍ସ ଆସି ତାକୁ ପଥ୍ୟ ଦେଇଥିଲା । ମୋତେ ତା' ପାଖରେ ବସିଥିବାର ଦେଖି ମୋତେ ପଚାରିଲା ଆପଣଙ୍କ ନାମ କ'ଣ ଜୟ କି ? ମୁଁ ହଁ କଲି । ସେ ଆଉ କିଛି ନକହି ସରଳାକୁ ପଥ୍ୟ ଦେଇ ସ୍ନେହରେ ଖୁଆଇ ପିଆଇ ଚାଲିଗଲା । ମୁଁ ପାଖରେ ବସି ତାକୁ ଖାଇବାକୁ ମଧ୍ୟ କହିଥିଲି ।

ସରଳା ଆଖିରେ ନିଦ ନାହିଁ । ପାଖ ବିଛଣାମାନଙ୍କରେ ନାନା ରୋଗୀ ନିଜ ନିଜ କଷ୍ଟରେ ଚିତ୍କାର କରୁଛନ୍ତି ସମୟ ସମୟରେ । ମୁଁ ଏ ସମୟରେ ସରଳାକୁ ବୁଝାଇବାରେ ବ୍ୟସ୍ତ ।

କ'ଣ କହି ତାକୁ ବୁଝାଇବି ? ସେ ତ ନଛୋଡବନ୍ଧା । ମୋତେ ପାଖରେ ପାଇବାକୁ ବ୍ୟାକୁଳ । ତେବେ ତାକୁ କହିଲି ଏଇ ତ ମୁଁ ତୋ ପାଖରେ ଅଛି ଆଉ କ'ଣ ଦରକାର ?

Digitized by srujanika@gmail.com

ସେ ଏତିକିରେ ବହୁତ ଖୁସି ହୋଇଯାଇଥିଲା । ମୋତେ ପାଖରେ ବସାଇ ମୋ ହାତ ଧରି ସ୍ନେହ କଲା । ମୁଁ ବାଧା ଦେଇନଥିଲି । ସେ ହସିଲା, ପୁଣି କାନ୍ଦିଲା । କିନ୍ତୁ ଏ ହସ କାନ୍ଦରେ ପୂର୍ବର ସେ ଅନୁରାଗ କିମ୍ବା ବିରାଗ ମୁଁ ଆଉ ଉପଲବ୍ଧ କରିପାରିନଥିଲି ।

ତାର ଉନ୍ମାଦଚିତ୍ତ ଯୋଗୁଁ ଏସବୁ ବଡ ରହସ୍ୟମୟ ଜଣାପଡୁଥିଲା ମୋତେ ।

ଏପରି ସମୟରେ ନର୍ସ ଆସି ମୋତେ ତାଠାରୁ ଅଲଗା ଡାକି ନେଲା ମୁଁ ନର୍ସ ସହିତ ବାରଣ୍ଡାକୁ ଆସିଥିଲି । ସେଥିରେ ମଧ୍ୟ ନିର୍ବୋଧୀ ସରଳା ମୋତେ ପାଖଛଡା କରିବାକୁ ନାରାଜ ।

ତେବେ ନର୍ସର ଅନୁରୋଧରେ ସେ ମୋତେ ଯିବାକୁ ମନା କରିପାରିନଥିଲା । ନର୍ସ କହିଲା ସେ ଆପଣଙ୍କୁ ବହୁତ ସ୍ନେହ କରେ । ତେଣୁ ସେ ଅଜ୍ଞାନ ପ୍ରାୟ । ଆପଣ ତାକୁ ବାହା ହେଇ ପଡ଼ନ୍ତୁ । ମୁଁ କିନ୍ତୁ ନର୍ସକୁ ଅନେକ ବୁଝାଇ କହିଲି ଯେ ସରଳାକୁ ମୁଁ ବାହା ହୋଇପାରିବି ନାହିଁ । ସେ ଯେଉଁ କୁଳଗୋତ୍ରର ମୋର କୁଳଗୋତ୍ର ସହିତ ଖାପ୍ ଖାଇବ ନାହିଁ ତାଛଡା ସେ...

ମୁଁ ଆଉ କିଛି କହିପାରିନଥିଲି । ସେ ସମୟରେ ସରଳା ମୋ ପାଇଁ କ୍ଷୀର ପଠାଇ ଦେଇଥିଲା । ସେହି ବାରଣ୍ଡାରେ ନର୍ସ ସହିତ କଥା ହେବା ସମୟରେ ହିଁ ମୁଁ କ୍ଷୀର ଟିକ ପାନ କରିଥିଲି । ସେ ସମୟରେ କିନ୍ତୁ ମୋତେ ଗୋଟିଏ ବିଚିତ୍ର ଚିନ୍ତା ଆବୋରି କହିଲା ଯେ ଏବେ ନର୍ସ ସହିତ ଏପରି ଏକ ଅଭିନୟ ମଧ୍ୟ କରାଯାଇପାରେ ଯାହା ଦ୍ୱାରା ସରଳା ମନରେ ଏକ ନୂତନ ଚିନ୍ତା ଆସିଯିବ ଯେ ସରଳାଠୁ ଅଧିକ ମୁଁ ନର୍ସକୁ ଭଲପାଏ ଆଉ ନର୍ସ ମଧ୍ୟ ମୋତେ ତଦ୍ରୂପ ଭଲପାଏ ।

ମାତ୍ର ଏହା ଦ୍ୱାରା ତାର ଉନ୍ମାଦନା ଆହୁରି ବଢି ବି ଯାଇପାରେ । ଏସବୁକୁ ତୁଳାନାତ୍ମକ ଭାବରେ ହଠାତ୍ ଚିନ୍ତା କରି ମଧ୍ୟ ନର୍ସ ସହିତ କଥା ଆରମ୍ଭ କରିଦେଲି ।

ରାତ୍ର ୨ଟା ହେବ । ହସ୍ପିଟାଲର ସମସ୍ତ ହୋହଲ୍ଲା ନିରବ । ନିସ୍ତବ୍ଧ । କେବଳ ବିଜୁଳି ଆଲୁଅ ସବୁ ଜଳୁଛି । ମନେହୁଏ ଏହିମାନେ କେବଳ ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ଏ ନିସ୍ତବ୍ଧ ରଜନୀରେ କିଏ କ'ଣ କରିଚାଲିଛି ?

Digitized by srujanika@gmail.com

କ୍ଷୀର ଗ୍ଲାସ ଧରି ପାଖରେ ଥିବା ନର୍ସର କ୍ୱାର୍ଟର କାନ୍ଥ ଉପରେ ଭରା ଦେଇ ମୁଁ ଗ୍ଲାସରୁ ଟିକିଏ ଟିକିଏ କରି କ୍ଷୀର ପାନ କରୁଥିଲି ।

ନର୍ସ ମଧ୍ୟ ଗୋଟିଏ ତରୁଣୀ, କିଶୋରୀ । ସ୍ୱାସ୍ଥ୍ୟର ଗଠନ ବୟସ ଅନୁଯାୟୀ ମୁହଁ ସେତେ ଆକର୍ଷଣୀୟ ନହେଲେ ହେଁ ମନ୍ଦ ନୁହେଁ ।

ବ୍ରଣ ସବୁ ମୁହଁର କେଉଁଠି କିମିତି ବାହାରି ବଦନକୁ ଟିକିଏ କଦର୍ଯ୍ୟ କରିଦେଇଛି ସିନା ।

ନର୍ସ ମଧ୍ୟ ଏପରି ଏକ ରୋଗିଣୀ ସରଳାର ଚିକିତ୍ସାରେ ବ୍ୟସ୍ତ ଥାଇ ମନେ ମନେ ଭାବୁଥିବ କ'ଣ ଅଛି ଏ ଯୁବକର ଗୁଣ ଯେ ଏଥିପାଇଁ ସରଳା ଉଦ୍‌ଭ୍ରାନ୍ତ ? ?

ନର୍ସର ଇଚ୍ଛା ମଧ୍ୟ ଥିଲା ମୋ ସହିତ କିଛି ବାକ୍ୟାଳାପ କରିବାକୁ । ସେ ମୋତେ ତା' କ୍ୱାର୍ଟର୍ସ ସମ୍ମୁଖ ଦ୍ୱାରବନ୍ଧର ବାରଣ୍ଡାକୁ ଡାକିଲା । ତାହା ସରଳାର ସାମାନ୍ୟ ଚକ୍ଷୁ ଅନ୍ତରାଳରେ । ଶୋଇବା ସ୍ଥାନରୁ ଟିକିଏ ଝୁଙ୍କିପଡି ଦେଖିଲେ ସ୍ପଷ୍ଟ ଦେଖି ହେବ ।

ଏପରି ଏକ ସ୍ଥଳରେ ମୁଁ ଓ ନର୍ସ ବାର୍ତ୍ତାଳାପ ଆରମ୍ଭ କଲୁ । ନର୍ସ କହିଲା, ଆପଣଙ୍କ ନିମନ୍ତେ ସେ ପାଗଳ ।

ମୁଁ କିଛି କହିନଥିଲି ।

ପୁଣି ସେ ପ୍ରଶ୍ନ କଲା- କ'ଣ ପାଇଁ ଝିଅଟି ଏପରି ହେଉଛି । ଆପଣଙ୍କ ସହିତ ତାହାର କି ସଂପର୍କ ?

ମୁଁ କହିଲି- ହଁ, ସେ ଗତ ଦୁଇ ତିନି ବର୍ଷର କଥା ସେତେବେଳେ ସୌଖୀନ ପାର୍ଟି ହିସାବରେ ଆମେ ଏକ ନାଟକ ମଞ୍ଚସ୍ଥ କରିଥିଲୁ ଆଉ ସେ ଓ ମୁଁ ଉଭୟେ ପାର୍ଟ କରିଥିଲୁଁ । ପାର୍ଟରେ କିନ୍ତୁ ତା ସହିତ ମୋର ବିଶେଷ କିଛି ସଂଳାପ ନଥିଲା । ତେବେ ରିହରସେଲ୍ କ୍ଲାସ୍‌ରେ ସମସ୍ତେ ତ ସମବେତ ହେଉଥିଲୁ । କେଜାଣେ କାହିଁକି ସେ ମୋ' ପ୍ରତି ଅନେକ ସମୟରେ କଟାକ୍ଷପାତ କରେ । ମୁଁ ଏସବୁକୁ ଅବହେଳାରେ ଗ୍ରହଣ କରିନିଏଁ ।

ଗୀତ ଇତ୍ୟାଦିର ରିହରସେଲ୍ ହେବା ବେଳେ ଆମେ ହାରମୋନିମ୍ ମାଷ୍ଟର ଆଉ ଏଇ ଜୟଦ୍ରଥ... ଇତ୍ୟାଦି ଏକାଠି ଗୀତ ଶିକ୍ଷା କରୁଁ । କିଛି ସମୟ

Digitized by srujanika@gmail.com

ପରେ ପୁଣି ନାଟକର ପାର୍ଟ ନିମନ୍ତେ ସଂଲଗ୍ନ କୋଠରିରୁ ଡକରା ଆସେ । ମୁଁ କିମ୍ବା ସେ ଚାଲିଯାଉଁ । ସେ ସମୟରେ ଲକ୍ଷ୍ୟ କରିଛି ମୋର ଯିବାରେ ସେ ସନ୍ତୁଷ୍ଟ ନୁହେଁ । ଅଥବା ତାର ପାର୍ଟ ପଡିଲେ ସେ ଅନ୍ୟ କୋଠରୀକୁ ମୋତେ ଛାଡି ଯିବାକୁ ରାଜି ନୁହେଁ । ଅନ୍ୟ ମନସ୍କ ଭାବରେ ଅବହେଳାର ସହିତ ଯାଇଥାଏ । ଏ ସମସ୍ତକୁ ମୁଁ ଲକ୍ଷ୍ୟ କରି ସେ ସମୟରେ ଗର୍ବ ଅନୁଭବ କରୁଥିଲି । ମୋ' ପରି ଏକ ସାମାନ୍ୟ ଲୋକକୁ ଆଉ ଜଣେ ଦେଖି ମୁଗ୍ଧ ହେଉଛି ବୋଲି । ଏବେ ତାହା ମୋତେ ଏକ ଅଭିଶାପ ପରି ବୋଧ ହେଉଛି । ବରଂ ଏହା ନହେବା ଉଚିତ ଥିଲା । ବରଂ ତାର ସାନ୍ନିଧ ଲାଭ କରିବା ଗର୍ବର ଏହା ପରିଣାମ । ଈଶ୍ୱର ହିଁ ଦେଉଛନ୍ତି । ନତୁବା ଏପରି କିଛି ଅଘଟଣ ଘଟିନାହିଁ ଯାହାଦ୍ୱାରା ସେ ଏପରି ଉନ୍ମତ୍ତ ହୋଇପାରେ ।

ନର୍ସ କହିଲା- "ଯେଉଁ କାରଣରୁ ହେଉ ନା କାହିଁକି ସିଏ ଯେତେବେଳେ ଉନ୍ମାଦ ଏବଂ ଯେଉଁଥିପାଇଁ ଏ ଉନ୍ମାଦନା ତାହା ଲାଭ କରିପାରିଲେ ସେ ହୁଏତ ଶାନ୍ତ ସୁଧାର ହୋଇଯାଇପାରେ ।"

ନର୍ସ ମୋ ଠାରୁ ବୟସରେ ଛୋଟ । ମାତ୍ର ଏ ଅସମୟରେ ଏପରି ଚପଳ ଆକାଂକ୍ଷିଣୀ ନର୍ସର ମନ୍ତବ୍ୟ ମଧ୍ୟ ମୋତେ ଶୁଣିବାକୁ ପଡିଥିଲା । ତା'ର ଉପଦେଶ ଶୁଣିବାକୁ ପଡିଥିଲା ।

ବିଶେଷତଃ ନାରୀ ଜୀବନର ଯେଉଁ ସମସ୍ତ ସ୍ୱଭାବ, ଯେଉଁ ବୟସରେ ପରିସ୍ଫୁଟ ହୁଏ ତାହାର ଏକ ଜ୍ୱଳନ୍ତ ଉଦାହରଣ ଏଇ ନର୍ସ ମଧ୍ୟ ସରଳାର ସମବୟସୀ । ଏପରି ଏକ ଆକାଂକ୍ଷା ଲିପ୍ସା ସରଳା ମନରେ ଯେ ଉଦୟ ହୋଇନଥିବ କିଏ କହିବ ? ନର୍ସ କହିଲା, "ମୋର କ୍ୱାର୍ଟର୍ସ ଖାଲି ଅଛି । କେବଳ ମୁଁ ହିଁ ରହିଥାଏ । ଆପଣ ବରଂ ସରଳା ସହିତ ଏଠାରେ କଥୋପକଥନ କରିପାରନ୍ତି ।"

ନିଭୃତ ଏକ କୋଠରୀରେ ସରଳା ସହିତ ମୁଁ କଥାବାର୍ତ୍ତା କରିବି ! ସେ ପୁଣି ରାତ୍ର ୨ଟା ୩ଟାରେ ।

ସରଳା ତେବେ ମୋତେ କି ରୂପ ବ୍ୟବହାର ପାଇଁ ପ୍ରାର୍ଥିନୀ ନହେବ ? ମୁଁ ମନେ ମନେ ଚିନ୍ତା କରୁଥାଏ । ଏଇ ସମୟରେ ଈଶ୍ୱରଙ୍କ କଥା ମନେପଡିଥିଲା ।

Digitized by srujanika@gmail.com

ଭାବିଲି ଈଶ୍ୱର ସମସ୍ତ ସ୍ଥାନରେ ବିଦ୍ୟମାନ । ସେ ସର୍ବଦ୍ରଷ୍ଟା । ମୁଁ ଯଦି ବର୍ତ୍ତମାନ ନର୍ସର କଥିତାନୁଯାୟୀ ଏପରି ଏକ ଅପ୍ରତ୍ୟାଶିତ ଘଟଣାର ସମ୍ମୁଖୀନ ହୁଏ ସେ ହିଁ ମୋତେ ଅପରାଧୀ କରିପକାଇବ । ଏପରି ଚିନ୍ତା କରୁଛି । ସରଳା ହଠାତ ବିଛଣାରୁ ଉଠି ଆମ ପାଖକୁ ଆସିବାକୁ ଉତ୍ସୁକ ହୋଇଉଠିଲା ।

ଏହା ଦେଖି ନର୍ସ ସଙ୍ଗେ ସଙ୍ଗେ ଯାଇ ତାକୁ ବସାଇ ଦେଇ ଆହ୍ଲାଦଭରା ସ୍ୱରରେ କ'ଣ ସବୁ କହିଲା ଦୂରରୁ ଥାଇ ମୁଁ କିଛି ବୁଝିପାରୁ ନଥାଏଁ । କିନ୍ତୁ ଦେଖିଲି ସରଳା ବଡବଡ ଚକ୍ଷୁ ରଙ୍ଗ କରି ନର୍ସ ଉପରେ କଟାକ୍ଷ ପାତ କରୁଛି । ହୁଏତ ଏକ୍ଷଣି ପାଟି କରି ଉଠି କ'ଣ ଗୁଡିଏ କହିପକାଇବ । ହୁଏତ ନର୍ସକୁ ଭର୍ତ୍ସନା କରି ଈର୍ଷା ପ୍ରଜ୍ଜ୍ୱଳନରେ ଫାଟି ପଡ଼ିବ । ମୁଁ ଆଉ ଅଧିକ କିଛି ଚିନ୍ତା କରିପାରିନଥିଲି ।

ସରଳା ପାଖକୁ ଗଲି । ତା' ପାଖରେ ବସିଲି । ତାର ହାତ ଧରିଲି । ତାର ଚୁଡିସବୁ ଉପରେ ଖେଳି ଖେଳି କହିଲି 'ସରଳା ତୁମେ କ'ଣ ଚାହଁ ?'

ସେ ତତ୍କ୍ଷଣାତ୍ ତା ନିକଟକୁ ଟାଣିନେବା ଅବସ୍ଥାରେ କହିଲା- 'ତୁମେ ମୋ ପାଖରେ ରୁହ ।'

ମୁଁ କହିଲି- 'ହଁ ଏଇଠି ତୁମ ପାଖରେ ଅଛି । ଆଉ କ'ଣ ?'

ସେ ହସିଲା କେବଳ ସ୍ମିତ ଭାବରେ । ଆଉ କିଛି କ୍ଷଣ ପାଇଁ ଚୁପ୍ ରହିଯାଇଥିଲା ।

ନର୍ସ ଚାଲିଗଲା । ମୁଁ ସରଳା ନିକଟରେ ଉପବିଷ୍ଟ । ସେ କହିଲା ତୁମେ ମୋତେ ବାହାହୁଅ । ମୁଁ ତୁମର ସେବା କରିବି । ମୁଁ ଚକିତ, ନିସ୍ତବ୍ଧ ଏବଂ ସ୍ତମ୍ଭିତ ହୋଇ ଯାଇଥିଲେ ହେଁ ତା'ର ଏଇ କଥା କେଇ ପଦରେ ପୁଣି ସଙ୍ଗେ ସଙ୍ଗେ ନିଜକୁ ସମ୍ଭାଳି ନେଇ କହିଲି ବାହା ହେଲେ ତୁମେ ମୋ ସେବା କରିବ ନା ମୁଁ ତୁମ ସେବା କରିବି ? ତା' ଛଡା ବାହା ହୋଇ ଆଉ ଅଧିକ କ'ଣ ହେବ ? ତୁମେ ମୋ ପାଖରେ ରହିବ । ଏଇ ତ ତୁମେ ମୋ ପାଖରେ ଅଛ । ମୁଁ ତୁମ ପାଖରେ ଅଛି । ନୁହେଁ ?

Digitized by srujanika@gmail.com

ସରଳା ହୁଏତ କିଛି ବୁଝିଲା, ଖୁସି ହେଲା, ଆଉ ଶୋଇବାକୁ ଚେଷ୍ଟା କଲା । ନିଦ ବଟିକା ଖାଇଥିଲା ହୁଏତ । ଅଳ୍ପକ୍ଷଣ ପରେ ସେ ତନ୍ଦ୍ରାଭିଭୂତ ହୋଇପଡିଥିଲା ।

ସକାଳ ହେବାକୁ ବେଶି ବିଳମ୍ବ ନାହିଁ । ପୂର୍ବାକାଶରେ ଲାଲିମା ପରିଦୃଷ୍ଟ ହୋଇବସିଲାଣି । ପକ୍ଷୀମାନେ ବିଭିନ୍ନ ଶବ୍ଦରେ ନିଜ ନିଜ ନିଜ ପ୍ରଚାର କଲେଣି ।

ଏପରି ଏକ ସମୟରେ ନିଃସହାୟ ଭାବରେ ଈଶ୍ୱରଙ୍କୁ ପ୍ରାର୍ଥନା କଲି । ଈଶ୍ୱର ତୁମେ ଜାଣ, ମୁଁ ଆଉ କ'ଣ କହିବି ? ମୋର ସମସ୍ତ ଦୋଷଦୁର୍ବଳତା ତୁମ ଠାରୁ ଆଉ ଅଧିକ କିଏ ଜାଣିପାରେ ?

ପ୍ରାର୍ଥନା ସମାପନ କରିବା ସମୟରେ ଶୁଣିଲି ଆଈବୁଢୀ ଜୟଦ୍ରଥକୁ କହୁଛି "ଦେଖୁନୁ ଜୟ, ସେ କିମିଆ ଜାଣେ ମୋର ଝିଅକୁ ସେ କିମିଆ କରିଦେଇଛି । ଏ ମନ୍ତବ୍ୟ ମଧ୍ୟ ଶୁଣି ଈଶ୍ୱରଙ୍କୁ ଶୁଣାଇ ଦେଉଥିଲି । ଜଣାଇ ଦେଇଥିଲି ।

କିଛି ସମୟ ପରେ ଏକ ଦୀର୍ଘ ଶ୍ମଶ୍ରୁମଣ୍ଡିତ ସାଧୁ ପୁରୁଷ ଆସି ମୋତେ କହିଲେ କ'ଣ ସବୁହେଲା ମୋତେ କୁହନ୍ତୁ । ମୁଁ ନିଃସହାୟ ଭାବରେ ତାଙ୍କୁ ସମସ୍ତ କଥା (ନର୍ସକୁ ଯାହା କହିଥିଲି) ପୁନରାବୃତ୍ତି କଲି ।

ସେ ସାଧୁ ପୁରୁଷ କୁଷ୍ଠ ରୋଗର ପ୍ରଥମ ଚରଣରେ ବୋଧହୁଏ ଚିକିତ୍ସା ନିମନ୍ତେ ହସ୍ପିଟାଲର ଜଣେ ରୋଗୀ ।

ସେ କହିଲେ- 'ତେବେ ଗୋଟିଏ କଥା କରନ୍ତୁ ଆପଣଙ୍କ ମନକୁ ଯଦି ପାଇବ ।' ମୁଁ ଚୁପ୍ ରହିଲି । ସେ କହିଲେ- 'ଏ ସହରରେ ଜଣେ ଗୁଣିଗାରେଡି ଜାଣିଥିବା ଲୋକ ଅଛନ୍ତି । ଚାଲନ୍ତୁ ତାଙ୍କ ନିକଟକୁ ଯିବା ସଭିଏଁ । ସେ ହୁଏତ ଏହାର କିଛି ସଦୁପାୟ କରିପାରନ୍ତି । ଆପଣଙ୍କୁ ଦେବୀ ପୂଜନ ପାଇଁ କିଛି ଅର୍ଥ ଖର୍ଚ୍ଚ କରିବାକୁ ପଡିବ । ମୁଁ ତହିଁରେ ମଧ୍ୟ କିଛି ଉତ୍ତର ଦେଇନଥିଲି । ବୃଦ୍ଧା ଏ କଥାରେ ସମ୍ପୂର୍ଣ୍ଣ ରାଜି । ସେ ଲାଳାୟିତା ତା' ଝିଅ କିପରି ତା' ପାଖରେ ରହୁ । ମୁଁ ଲାଳାୟିତ ଏସବୁରୁ ଈଶ୍ୱର କିପରି ମୋତେ ମୁକୁଳାନ୍ତୁ । ଜୟଦ୍ରଥ ଲାଳାୟିତ କିଛି କିଛି ହାତ ପଇଠ ହେଉ । ଗଞ୍ଜେଇ ଭାଙ୍ଗ ଖାଇବାକୁ ।

Digitized by srujanika@gmail.com

ସାଧୁ ଜଣକ ରିକ୍ସା ଦୁଇଟି ପାଇଁ ଜୟଦ୍ରଥକୁ ପଠାଇଲେ । ରିକ୍ସା ଆସିଲା । ଆମେ ସହରର ଏକ ମୁଖ୍ୟ ରାସ୍ତାକଡରେ ସାଧୁଙ୍କ ନିର୍ଦ୍ଦେଶ କ୍ରମେ ଓହ୍ଲାଇଲୁଁ । ସେ ଗୁଣିଗାରେଡି ବାଲାଙ୍କୁ ଡାକ ଦେଲେ- 'ରାଜା !' ସେ ଘରେ ହିଁ ଥିଲେ । ପ୍ରାତଃ ଉପାସନାନ୍ତେ ସେ ହୁଏତ ଉଠିଥିଲେ ।

ସାଧୁ ଜଣକ କହିଲେ- ରାଜାଙ୍କୁ ସମସ୍ତ ଘଟଣା ସଂକ୍ଷିପ୍ତ ଭାବରେ । ରାଜା ମୁଣ୍ଡ ଟୁଙ୍ଗାରୀ ଆମ୍ଭମାନଙ୍କୁ ଥରେ ଦେଖିନେଲେ ଆଉ କହିଲେ- ସାଧୁଙ୍କୁ ସବୁଜଣା ତାହାହେଲେ ପୂଜାବିଧିର ସମସ୍ତ ଯୋଗାଡ ପାଇଁ ମୁଁ ଯାଉଛି । ଚାଲଯିବା ସେ ଉଦ୍ୟାନକୁ । ସଦର ରାସ୍ତା ଛାଡି ଏକ ନିର୍ଜନ ଉଦ୍ୟାନରେ ଉପବିଷ୍ଟ ହେଲୁଁ ।

ରାଜା ଆସିନାହାନ୍ତି । ଉଦ୍ୟାନର ଏକ କୋଣରେ ଦୁଇ ତିନି ବଖରା ଛୋଟ ଘର ।

ସାଧୁଙ୍କ ନିର୍ଦ୍ଦେଶକ୍ରମେ ଆମେ ସେ କ୍ଷୁଦ୍ର ଗୃହରେ ପ୍ରବେଶ କଲୁଁ । ସୂର୍ଯ୍ୟ ଉଇଁଲେଣି । ସୂର୍ଯ୍ୟ ତାପରୁ ରକ୍ଷା ପାଇବା ନିମନ୍ତେ ଉଦ୍ୟାନର ପ୍ରକାଣ୍ଡ କୌଣସି ଦ୍ରୁମ ଛାୟା ତଳେ ମଧ୍ୟ ଉପବିଷ୍ଟ ହୋଇପାରିଥାନ୍ତୁ । ଏସବୁକୁ ମୁଁ ମନେ ମନେ ଚିନ୍ତା କରୁଥିଲେ ମଧ୍ୟ ପ୍ରକାଶ କରିବାକୁ ଅବକାଶ ନଥିଲା କିମ୍ୱା ପ୍ରକାଶ କଲେ ମଧ୍ୟ ଫଳ କିଛି ନଥିଲା । ଯନ୍ତ୍ରଚାଳିତବତ୍ ମୁଁ ତାଙ୍କୁ ଅନୁସରଣ କରିବାରେ ଲାଗିଲି । ଠିକ୍ ମୁଁ ତାଙ୍କୁ ଅନୁସରଣ କରୁନଥିଲି ଯେ, ସେମାନେ ମୋତେ କେନ୍ଦ୍ର କରି ସମସ୍ତେ ସେ କ୍ଷୁଦ୍ର ଗୃହରେ ପ୍ରବେଶ କଲେ । ମୁଁ ମଧ୍ୟ ବସିଥାଏଁ ।

ରାଜା ଆସିଲେ- କିଛି କିଛି ହୋମ କଲେ, ଧୂପ ଦେଲେ, ଗୃହଭ୍ୟନ୍ତର ସୁଗନ୍ଧ ଧୂମ୍ରରେ ଭର୍ତ୍ତି ହେଲେ ହେଁ ଅତିଷ୍ଠ ହୋଇ ମୁଁ ବାହାର ବାରଣ୍ଡାରେ ବସିଲି । ତା' ସଙ୍ଗେ ସଙ୍ଗେ ସଭିଏଁ ବାହାରକୁ ଚାଲିଆସିଲେ । ଉଦ୍ଦେଶ୍ୟ ମୁଁ ଯେପରି ପଳାଇ ନଯାଏଁ । ବୃଦ୍ଧା କୁବ୍ଜା ହୋଇ ନାନାକଥା କହିଚାଲିଛି । "ପୁଅକୁ କଚେରି ଦେଖାଇବି ପୁଅ ମୋର ଝିଅକୁ କିମିଆଁ କରିଛି । ତାକୁ ମୋ ଠାରୁ ଛାଡାଇ ନେବ ବୋଲି ।" ପୁଣି କ୍ରନ୍ଦନାତୁରା ସ୍ୱରରେ କହେ "ମୋର ଝିଅକୁ ଭଲ କରିଦିଅ ପ୍ରଭୁ ସେ ଏହାର ନାଗପାଶରୁ ମୁକ୍ତ ହେଉ ।"

Digitized by srujanika@gmail.com

ରାଜା ପୂଜା ଆରାଧନା କଲେ । ସରଳା ମୁଣ୍ଡ ଆଗପଛ କରି ବାଳ ମୁକୁଳିତ କରି ବସି ବସି ଝୁଙ୍କିବାକୁ ଲାଗିଲା ।

ରାଜା ପ୍ରଶ୍ନ କରୁଥାଏ କହ କିଏ ତୋତେ ପୋଷଣ କରିଛି ? ସରଳା ନିରବ । ଝୁଲୁଛି ଖାଲି । ଆଗପଛ କରି ସମସ୍ତ ଶରୀରକୁ ? ତାପରେ ସରଳାକୁ ବସାଇ ଦିଆହେଲା । ବସି ବସି ସେ ଝୁଲିବାକୁ ଲାଗିଲା ।

ରାଜା କ'ଣ ସବୁ ମନ୍ତ୍ର ଉଚ୍ଚାରଣ କରି ତାକୁ ମୁଠାକୁ ମୁଠା ବାଲି ମାରିଲା । ସେ କେବଳ ଅତିଷ୍ଠ ହୋଇ ଉଠୁଥାଏ । ପ୍ରାୟ ଅଧଘଣ୍ଟାଏ କାଳ ଏପରି ଯନ୍ତ୍ରମନ୍ତ୍ରରେ କାଳକ୍ଷେପଣ ହେଲା । ସଭିଏଁ ଘରୁ ବାହାରିଲୁଁ । ଫଳାଫଳ କ'ଣ ହେଲା ମୁଁ ବି ଜାଣିପାରିଲି ନାହିଁ । ସଭିଏଁ ବାହାରିଲେ । ମୁଁ ବି ବାରଣ୍ଡାରୁ ଉଠି ବାହାରିଲି । ଚାଲିଲୁଁ ରିକ୍ସା ଆଡକୁ । ରିକ୍ସା ବାଲାଏ ଅପେକ୍ଷା କରିଥିଲେ । ରିକ୍ସାରେ ବସି ସଭିଏଁ ହସପିଟାଲକୁ ଆସିଲୁଁ । ମୁଁ ଜୟଦ୍ରଥକୁ କହିଲି, ଭାଇନା ମୋର ମୁଣିଟି ଦିଅ ମୁଁ ଦାନ୍ତଘଷି ନଦୀକୂଳରୁ ଝାଡାଝପଟ କରି ଆସିବି । ସେମାନେ ତେବେ ସୁଦ୍ଧା ଛାଡି ଦେବାକୁ ନାରାଜ ।

ଜୟଦ୍ରଥକୁ କିଛି ପଇସା ଦେଲି । ସେ ମୁରୁକି ହସି ସମସ୍ତଙ୍କ ଅଜ୍ଞାତରେ ମୋର ମୁଣିଟି ବାହାର କରି ଆଣିଦେଲା । ମୁଁ ମଧ୍ୟ ସମସ୍ତଙ୍କ ଅଜ୍ଞାତରେ ସେଠାରୁ ବାହାରି ଛପି ଛପି ଚାଲି ଆସିଲି ମୁଖ୍ୟ ରାସ୍ତାକୁ । ରିକ୍ସା ଧରିଲି । କହିଲି ଚଳାଅ ନଦୀ ରାସ୍ତାକୁ । ରିକ୍ସାବାଲା ଦ୍ରୁତ ରିକ୍ସା ଚଳାଇ ନଦୀ ଅଭିମୁଖରେ ଧାବମାନ ହେଲା ।

ମଝି ବାଟରେ କେଜାଣେ କାହିଁକି ମୋର ମନେହେଲା କିଏ ହୁଏତ ମୋର ପିଛା କରୁଛି, ତେଣୁ ହଠାତ୍ ଏକ ଗଳି ମୁହଁରେ ରିକ୍ସାବାଲାକୁ ଅଟକାଇବାକୁ କହି ତାକୁ ପଇସା ଦେଇ ଗଳିରେ ଚାଲି ଚାଲି ଏକପ୍ରକାର ଧପାଳି ଚାଲି ପଛପଟକୁ ଅନାଇଁ ଅନାଇଁ ଭୟରେ ଚାଲିଥାଏଁ ।

ବାଟରେ ଦେଖିଲି ରଥୀନ୍ଦ୍ର ହସ୍ପିଟାଲ ଅଭିମୁଖରେ ଯାତ୍ରା କରୁଛନ୍ତି । ମୁଁ ତାଙ୍କୁ ଏକ ସୌଖୀନ ନାଟ୍ୟ କଳାକାର ବୋଲି ଜାଣେ । ଉଭୟ ଉଭୟଙ୍କୁ

Digitized by srujanika@gmail.com

ଚିହ୍ନିଥିଲେ ମଧ୍ୟ କେହି କେବେ ପରସ୍ପର କଥାବାର୍ତ୍ତା କରିନଥିଲୁଁ, ସେଦିନ ମଧ୍ୟ ମୁଁ କିଛି କହିନଥିଲି ।

ତାଙ୍କୁ ଦେଖି କିଛି ନହେଲା ପରି ସ୍ୱାଭାବିକ ଭାବରେ ଚାଲିବାକୁ ଲାଗିଲି ସେ ମୋତେ ହୁଏତ ଦେଖି ପାରିନଥିବେ କିମ୍ବା ଦେଖି ମଧ୍ୟ ଅବହେଳା କ୍ରମେ ଦୃକ୍‌ପାତ କରିନଥିଲେ ।

ମୋର ପଛ କଥା ମନେପଡିଲା । ରଥୀନ୍ଦ୍ର ମଧ୍ୟ ତ ସରଳା ସଙ୍ଗରେ ଅଭିନୟ କରିଛନ୍ତି । ସରଳା ହୁଏତ ରଥୀନ୍ଦ୍ରଙ୍କୁ ମଧ୍ୟ ଭଲପାଇ ଥାଇପାରେ ! ଉନ୍ମାଦ ଚିତ୍ତରେ ସେ ମୋତେ ହିଁ ରଥୀନ୍ଦ୍ର ବୋଲି ଭାବିନେଇଛି କି ? ଦ୍ୱନ୍ଦାକ୍ରାନ୍ତ ମାନସିକତା ନେଇ ପଥ ଅତିକ୍ରମ କରି ଚାଲୁଥାଏ ମୁଁ ।

❑

Digitized by srujanika@gmail.com

ସ୍ୱରସ୍ପର୍ଶ

କିଶୋର ଚନ୍ଦ୍ର ମେହେର

କିଶୋର ଚନ୍ଦ୍ର ମେହେର

ପ୍ର. ମଣୀନ୍ଦ୍ର କୁମାର ମେହେର

ସ୍ୱର-ସ୍ପର୍ଶ ହେଉଛି କିଶୋର ଚନ୍ଦ୍ର ମେହେରଙ୍କ କ୍ଷୁଦ୍ରଗଳ୍ପ ସଂକଳନ । ସ୍ୱଭାବ-କବି ଗଙ୍ଗାଧର ମେହେରଙ୍କ ପୌତ୍ର ଭାବରେ ଜୀବନ ଓ ସାହିତ୍ୟ ସଂପର୍କରେ ତାଙ୍କର ଯେଉଁ କ୍ଲାସିକ ଅଭିରୁଚି ରହିଥିଲା ତାହା ଏ ଗଳ୍ପଗୁଡିକରେ ପ୍ରତିଫଳିତ । ସମାଜର ନିମ୍ନବର୍ଗର ମଣିଷଙ୍କ ମଧ୍ୟରେ ସନ୍ନିହିତ ନିଃସ୍ୱାର୍ଥ ସହାନୁଭୂତିର ନିକଟତର ହୋଇ ପାରିଛନ୍ତି ଗାଳ୍ପିକ, ଉଚ୍ଚବର୍ଗର ସାନ୍ନିଧ୍ୟ ଲାଭ-ଲାଳସାରୁ ବହୁ ଉର୍ଦ୍ଧ୍ୱରେ ରହି ।

ଲୋକଦୃଷ୍ଟିରେ ନିଜକୁ ଲେଖକ ଭାବରେ ପରିଚିତ କରିବାକୁ ଚାହୁଁ ନଥିବା ଏ ନିଭୃତ ଜଗତର ସ୍ରଷ୍ଟାଙ୍କୁ ଆଲୋକକୁ ଆଣିବାରେ ଉଲ୍ଲେଖନୀୟ ଭୂମିକା ନେଇଛନ୍ତି ତାଙ୍କର ଏକମାତ୍ର ସନ୍ତାନ ପ୍ରଫେସର ମଣୀନ୍ଦ୍ର କୁମାର ମେହେର । ପିତାଙ୍କ ପରଲୋକର ୧୯ବର୍ଷ ପରେ ଏହା ଦରଦୀ ତଥା ସମ୍ବେଦନଶୀଳ ପାଠକମାନଙ୍କ ପ୍ରତି ପ୍ରଫେସର ମେହେରଙ୍କ ଏକ ଶ୍ରେଷ୍ଠ ଉପହାର, ଏହା ଯେ କେହି ସ୍ୱୀକାର କରିବେ ନିଶ୍ଚୟ ।

- ପ୍ରକାଶକ

Swara Sparsha
Written by Kishor Chandra Meher
Published by Swayamsiddha Foundation
First Impression : 2024
an Imprint of UN Graphcis, BBSR

978-93-94543-99-7

9 789394 543997

₹ 120 /-

Digitized by srujanika@gmail.com